

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

# ସମ୍ବାଦ କଳିକା

E-mail : sambadkalikanews@gmail.com
The Sambad Kalika

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୨୨୩ ● ୯ ସେପ୍ଟେମ୍ବର ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-223 ● 9th September 2024, Monday ● Bhubaneswar | Licensed to post without pre-payment of postage No- BN-60/22-24

# ସିଏମ୍ କିଷାନ ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

## ଉପକୃତ ହେବେ ୪୬ ଲକ୍ଷ ଚାଷୀ ଓ ଭୂମିହୀନ

**ସମ୍ବଲପୁର, ୮।୯**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବହୁ ପ୍ରତୀକ୍ଷିତ ସି.ଏମ୍. କିଷାନ ଯୋଜନାର ଶୁଭାରମ୍ଭ କରିଛନ୍ତି। ସମ୍ବଲପୁରସ୍ଥିତ ତପସ୍ୱିନୀ ପ୍ରେକ୍ଷାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହାର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ୪୬ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନଙ୍କୁ ୯୨୫ କୋଟିରୁ ଉର୍ଦ୍ଧ୍ୱର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।



ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ମାଧ୍ୟମରେ ଏହି ସହାୟତା ରାଶି ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା କରାଯାଇଛି । ପବିତ୍ର ନୂଆଁଖାଇ ଠାରୁ ଏହି ଯୋଜନା ଆରମ୍ଭ ହୋଇଥିବା ବେଳେ ଖରିଫ ଓ ରବି ଫସଲ ପୂର୍ବରୁ ଯୋଗ୍ୟ ହିତାଧିକାରୀମାନେ ଡିବିଟି ମାଧ୍ୟମରେ ଦୁଇଟି କିସ୍ତିରେ ମୋଟ ୪ ହଜାର ଟଙ୍କା ଆର୍ଥିକ ସହାୟତା ପାଇପାରିବେ।

ମୁଖ୍ୟମନ୍ତ୍ରୀ ଏହି ଅବସରରେ ସି.ଏମ୍. କିଷାନ ପୋର୍ଟାଲ ସହ କୃଷକ ଓଡ଼ିଶା ୟୁନିଫାଏଡ୍ ପୋର୍ଟାଲର ମଧ୍ୟ ଉନ୍ମୋଚନ କରିଛନ୍ତି। ଏହି ପୋର୍ଟାଲ ଅଧୀନରେ ସି.ଏମ୍. କିଷାନ ଓ ପି.ଏମ୍. କିଷାନ ଯୋଜନାରେ ନୂଆ ହିତାଧିକାରୀଙ୍କ ନାମ ପଞ୍ଜୀକରଣ କରାଯାଇପାରିବ। ଏହାଛଡ଼ା ଆଗାମୀ ଦୁଇ ମାସ ପର୍ଯ୍ୟନ୍ତ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ପି.ଏମ୍. କିଷାନ ଯୋଜନାର ସ୍ୱତନ୍ତ୍ର ଅଭିଯାନ ରବିବାରଠାରୁ ଆରମ୍ଭ ହୋଇଛି।

ଏହି ଯୋଜନାରେ ଚାଷୀଙ୍କୁ ବର୍ଷକୁ ୪ ହଜାର ଟଙ୍କାର ଆର୍ଥିକ ସହାୟତା ମିଳିବ। ଖରିଫ ଓ ରବି ଋତୁ ପୂର୍ବରୁ ଯୋଗ୍ୟ ହିତାଧିକାରୀଙ୍କୁ ଦୁଇଟି କିସ୍ତିରେ ଏହି ଟଙ୍କା ମିଳିବ। ଏ ନେଇ ରାଜ୍ୟ କୃଷି ବିଭାଗ ପକ୍ଷରୁ ସୋସିଆଲ ମିଡିଆରେ ସୂଚନା ଦିଆଯାଇଛି। ଚାଷୀଙ୍କୁ ଏହି ଆର୍ଥିକ ସହାୟତା ଯୋଗାଇ ଦେବା ଲାଗି ରାଜ୍ୟ ସରକାର ୧୯ଶହ ୩୫ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଭୂମିହୀନ ଚାଷୀଙ୍କୁ ୩ଟି କିସ୍ତିରେ ୧୨,୫୦୦ ଟଙ୍କା ମିଳିବ। ଏହି ଯୋଜନାରେ ସମସ୍ତ ଚାଷୀ ତଥା ଭୂମିହୀନ, ପିଏମ କିଷାନ ଯୋଜନରେ ଅନ୍ତର୍ଭୁକ୍ତ ଚାଷୀ ମଧ୍ୟ ଆର୍ଥିକ ସହାୟତା ପାଇପାରିବେ। ଚାଷୀମାନେ ନୂଆ ଭାବେ ସିଏମ କିଷାନ ଯୋଜନାରେ ସାମିଲ ହେବା ପାଇଁ ପୋର୍ଟାଲରେ ମଧ୍ୟ ଆବେଦନ କରିପାରିବେ। ଏହି ଯୋଜନାରେ ଟଙ୍କା କିସ୍ତି ହିସାବରେ ନୂଆଁଖାଇ ଏବଂ ଅକ୍ଷୟ ତୃତୀୟାରେ ଚାଷୀଙ୍କୁ ମିଳିବ।

ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ସେହି କୃଷକମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା *(ପୃଷ୍ଠା ୭ରେ)*

# ଭାରତରେ ସନ୍ଦିଗ୍ଧ ଏମପକ୍ସ ରୋଗୀ ଚିହ୍ନଟ ସତର୍କ ହେଲା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ

**ନୂଆଦିଲ୍ଲୀ, ୮।୯**

ଦୁନିଆରେ ଏମପକ୍ସ ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି । ଆଫ୍ରିକା ପରେ ୟୁରୋପୀୟ ଦେଶମାନଙ୍କରେ ମଧ୍ୟ ଏହି ଭୂତାଣୁ ବ୍ୟାପିବାରେ ଲାଗିଛି, ଯାହାକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସତର୍କ ସୂଚନା ଜାରି କରିଛି । ସେପଟେ ଭାରତରେ ଏମପକ୍ସର ଜଣେ ସନ୍ଦିଗ୍ଧ ରୋଗୀ ଚିହ୍ନଟ ହେବା ପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ସତର୍କ କରାଯାଇଛି ।

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ସନ୍ଦିଗ୍ଧ ରୋଗୀ ଏପରି ଏକ ଦେଶକୁ ଯାତ୍ରା କରିଥିଲେ ଯେଉଁଠାରେ ଏମପକ୍ସ ଦ୍ରୁତ ଗତିରେ ବ୍ୟାପୁଛି । ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ତାଙ୍କୁ ଏକାନ୍ତବାସରେ ରଖି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମାମଲାକୁ ନିଶ୍ଚିତ କରିବା ପାଇଁ ତାଙ୍କ ନମୁନା ପରୀକ୍ଷା କରାଯାଉଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ତାଙ୍କ ଲକ୍ଷଣ ଗୁଡିକ ଏନସିଡିସି ଦ୍ୱାରା ପୂର୍ବରୁ ଉଲ୍ଲେଖ କରାଯାଇଥିବା ଲକ୍ଷଣ ସହିତ ସମାନ। ତେବେ କୌଣସି ଅନାବଶ୍ୟକ ଚିନ୍ତାର କାରଣ ନାହିଁ । ତେଣୁ ରୋଗୀ ଜଣକ ହସ୍ପିଟାଲରେ ଅଛନ୍ତି ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।




ବିଶ୍ୱରେ ଏମପକ୍ସ ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଏହା ଆଫ୍ରିକାରେ ଦ୍ରୁତ ଗତିରେ ବ୍ୟାପିବା ସହ ଉଭୟ ବୟସ୍କ ଓ ଶିଶୁଙ୍କୁ ସଂକ୍ରମିତ କରୁଛି । ଏହା ଦ୍ୱାରା ବିଶେଷ କରି ଶିଶୁଙ୍କ ମୃତ୍ୟୁ ମଧ୍ୟ ବୃଦ୍ଧି ପାଉଛି, ଯାହା ବାୟୁବାହିତ ହେବାର ଚିନ୍ତା ବଢାଉଛି ।

## କୃଷି ବିଦ୍ୟାନିଧି ଯୋଜନା ଘୋଷଣା କଲେ ମୁଖ୍ୟମନ୍ତ୍ରୀ ଉପକୃତ ହେବେ ଲକ୍ଷାଧିକ ଛାତ୍ରଛାତ୍ରୀ



**ସମ୍ବଲପୁର, ୮।୯**
**ନ୍ୟୁଜ୍ ବ୍ୟୁରୋ**

ସିଏମ କିଷାନ ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃଷି ପରିବାରକୁ ଆଉ ଏକ ଉପହାର ଦେଇଛନ୍ତି । ସିଏମ କିଷାନ ଯୋଜନାର ହିତାଧକାରୀଙ୍କ ପିଲାମାନଙ୍କ ଲାଗି କୃଷି ବିଦ୍ୟାନିଧି ଯୋଜନା ଘୋଷଣା କରାଯାଇଛି । ବୈଷୟିକସ୍ତରୀୟ ଉଚ୍ଚ ଶିକ୍ଷା ପାଇଁ ଛାତ୍ରବୃତ୍ତି ଆକାରରେ ପାଇବେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବହୁ ପ୍ରତୀକ୍ଷିତ ସି.ଏମ୍. କିଷାନ ଯୋଜନାର ଶୁଭାରମ୍ଭ କରିଛନ୍ତି। ସମ୍ବଲପୁରସ୍ଥିତ ତପସ୍ୱିନୀ ପ୍ରେକ୍ଷାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହାର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୪୬ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନଙ୍କୁ ୯୨୫ କୋଟିରୁ ଉର୍ଦ୍ଧ୍ୱର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ଋଷ ଗସ୍ତରେ ଯିବେ ଅଜିତ ଡୋଭାଲ, ଶାନ୍ତି ଫେରାଇ ଆଣିବାକୁ କରିବେ ଆଲୋଚନା

**ନୂଆଦିଲ୍ଲୀ, ୮।୯**

ଦୁଇ ଦିନିଆ ଋଷ ଗସ୍ତରେ ଯିବେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ। ଆସନ୍ତା ୧୦ ଓ ୧୧ରେ ସେ ଋଷ ଗସ୍ତ କରିବେ। ଏହି ଅବସରରେ ସେ ମସ୍କୋରେ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

ବିଶେଷ ସୂତ୍ରରୁ ପ୍ରକାଶ ରିପୋର୍ଟ ଅନୁସାରେ, ରାଷ୍ଟ୍ରପତି ପୁଟିନଙ୍କ ସହ ଅଜିତ ଡୋଭାଲ ୟୁକ୍ରେନ ଓ ଋଷ ମଧ୍ୟରେ ଚାଲିଥିବା ଯୁଦ୍ଧ ବିରାମ ଏବଂ ଶାନ୍ତି ପାଇଁ ଆଲୋଚନା କରିବେ। ଏହି ଅବସରରେ ସେ – ବୈଠକରେ ମଧ୍ୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ବୈଠକରେ ଡୋଭାଲ ଋଷ ଏବଂ ଚୀନ ପ୍ରତିପକ୍ଷଙ୍କ ସହ ମଧ୍ୟ ଦ୍ୱିପାକ୍ଷିକ ଆଲୋଚନା କରିବେ। ବ୍ରିକ୍ସ ହେଉଛି ଅନୌପଚାରିକ ଗୋଷ୍ଠୀ ଏଥିରେ ୧୦ଟି ଦେଶ ବ୍ରାଜିଲ, ଋଷ, ଭାରତ, ଚୀନ୍, ଦକ୍ଷିଣ ଆଫ୍ରିକା, ସାଉଦି ଆରବ, ୟୁଏଇ, ଇରାନ, ଇଜିପ୍ଟ ଏବଂ ଇଥିଓପିଆ ସଦସ୍ୟ ଅଛନ୍ତି।



ଶେଷ ଥର *(ପୃଷ୍ଠା ୭ରେ)*

# ମଗଧ ଏକ୍ସପ୍ରେସ ଦୁଇ ଭାଗରେ ବିଭକ୍ତ : ଯାତ୍ରୀ ଆତଙ୍କିତ

**ପାଟନା, ୮।୯**

ରବିବାର ଦିନ ବିହାରର ବକ୍ସର ନିକଟରେ ଏକ ଟ୍ରେନ ଦୁର୍ଘଟଣା ଘଟିଛି। ଦିଲ୍ଲୀରୁ ଆସୁଥିବା ମଗଧ ଏକ୍ସପ୍ରେସ ହଠାତ ଟୁନିଗଞ୍ଜ ରେଳ ଷ୍ଟେସନରେ ଦୁଇ ଭାଗରେ ବିଭକ୍ତ ହୋଇଯାଇଛି । ଯେତେବେଳେ ଚଳନ୍ତା ଟ୍ରେନ ଦୁଇ ଭାଗରେ ବିଭକ୍ତ ହୋଇଥିଲା ଏନେଇ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା।

ଟ୍ରେନ ନିକଟରେ ଲୋକଙ୍କ ଭିଡ଼ ଜମିଥିଲା। ଲୋକୋ ପାଇଲଟ ତୁରନ୍ତ ଟ୍ରେନକୁ ଅଟକାଇଥିଲେ। ସୂଚନା ପାଇବା ପରେ ରେଳ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଏହି ଦୁର୍ଘଟଣାରେ କୌଣସି କ୍ଷୟକ୍ଷତି ହୋଇନାହିଁ। ଟ୍ରେନ୍ର ସ୍ଲିପର ବଗି ଏସ-୬ ଏବଂ ଏସ-୭ ମଧ୍ୟରେ ଟ୍ରେନ୍‌ଟି ଦୁଇଭାଗରେ ବିଭକ୍ତ ହୋଇଥିଲା । ତେବେ ସେହି ସମୟରେ ଟ୍ରେନର ସେହି କପଲିଙ୍ଗରେ କୌଣସି ଯାତ୍ରୀ ନ ଥିଲେ।



କୁହାଯାଉଛି ଯେ ୨୦୮୦୨ ଡାଉନ ମଗଧ ଏକ୍ସପ୍ରେସ ନୂଆଦିଲ୍ଲୀରୁ ପାଟନା ଯାଉଥିଲା । ଡୁମରା *(ପୃଷ୍ଠା ୭ରେ)*

# ଅବପାତରେ ପରିଣତ ହେଲା ସୁଦୃଶ୍ୟ ଲଘୁଚାପ : ୧୧ ଯାଏ ପ୍ରବଳ ବର୍ଷା

**ଭୁବନେଶ୍ୱର, ୮।୯**
**ନ୍ୟୁଜ୍ ବ୍ୟୁରୋ**

ବଙ୍ଗୋପସାଗରରେ ଅବପାତରେ ପରିଣତ ହେଲା ସୁଦୃଶ୍ୟ ଲଘୁଚାପ। ପଶ୍ଚିମକେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ଅବପାତ ସୃଷ୍ଟି ହୋଇଛି। ଏହା ଘନୀଭୂତ ହୋଇ ଉତ୍ତରପଶ୍ଚିମ ଦିଗକୁ ଗତି କରି ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ମୁହାଁଇବ । ଆସନ୍ତା ୨୪ ଘଣ୍ଟାରେ ଏହା ଗଭୀର ଅବପାତରେ ପରିଣତ ହେବା ସମ୍ଭାବନା ରହିଛି। ଗଭୀର ଅବପାତ ଓଡ଼ିଶା ଓ ପଶ୍ଚିମବଙ୍ଗ ଅତିକ୍ରମ କରିବ । ଏହା ପ୍ରଭାବରେ ୧୧ ତାରିଖ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ।

ପାଣିପାଗ ବିଭାଗର ସଦ୍ୟତମ ସୂଚନା ଅନୁସାରେ, ବଙ୍ଗୋପସାଗରରେ ହୋଇଥିବା ଅବପାତ ୨୪ ଘଣ୍ଟାରେ ଗଭୀର ଅବପାତରେ ପରିଣତ ହୋଇପାରେ, ଯାହାର ପ୍ରଭାବରେ ୧୧ ତାରିଖ ଯାଏଁ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ।



ରବିବାର ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ୫ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଥିଲା ପାଣିପାଗ ବିଭାଗ। ଗଂଜାମ, ଗଜପତି, ରାୟଗଡ଼ା, ମାଲକାନଗିରି ଓ କୋରାପୁଟକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି।

ଏହାବାଦ କେନ୍ଦ୍ରାପଡା, *(ପୃଷ୍ଠା ୭ରେ)*

# ପଶ୍ଚିମ ଓଡ଼ିଶା ଉତ୍ସବମୁଖର : ମା' ସମଲେଶ୍ୱରୀଙ୍କ ନିକଟରେ ନବାନ୍ନ ଲାଗି

**ସମ୍ବଲପୁର, ୮।୯**
**ନ୍ୟୁଜ୍ ବ୍ୟୁରୋ**

ରବିବାର ଚଳଚଞ୍ଚଳ ପଶ୍ଚିମ ଓଡ଼ିଶା । ଦୁଲୁକୁଛି ମନ୍ଦିର ପରିସର । ପୂର୍ବ ନିର୍ଦ୍ଧାରିତ ସମୟରେ ସମ୍ବଲପୁରର ମା' ସମଲେଶ୍ୱରୀ ଓ ବଲାଙ୍ଗୀରର ମାଆ ପାଟଣେଶ୍ୱରୀଙ୍କ ନିକଟରେ ଲାଗି ହୋଇଛି ନବାନ୍ନ।

ପ୍ରଥମ ଶସ୍ୟକୁ ଇଷ୍ଟ ଦେବୀଙ୍କ ନିକଟରେ ଅର୍ପଣ କରିବାର ପରମ୍ପରାକୁ କୁହାଯାଇଥାଏ ନୂଆଖାଁଇ । ମା'ଙ୍କ ନିକଟରେ ଅର୍ପଣ କରାଯାଉଥିବା ଚାଉଳକୁ ପଶୁପକ୍ଷୀ ବି ଅଇଁଠା କରି ନ ଥାନ୍ତି । ତେଣୁ ଫସଲ ପାଚିବା ପୂର୍ବରୁ ବିଲରୁ ଅମଳ କରି ଆଣି ମା'ଙ୍କୁ ଅର୍ପଣ କରାଯାଇଥାଏ । ଧରିତ୍ରୀ ଶସ୍ୟ ଶ୍ୟାମଳା ହେଉ, କାହାକୁ ଅନ୍ନ କଷ୍ଟ ନ ଲାଗୁ ବୋଲି ମା'ଙ୍କ ନିକଟରେ ଗୁହାରୀ କରାଯାଇଥାଏ।

ମା' ସମଲେଶ୍ୱରୀଙ୍କ ମନ୍ଦିରରେ ପ୍ରଥମେ ଶୁଭ ଲଗ୍ନ ସକାଳ ୯ଟା୧୨ରୁ ୯ଟା ୨୭ ମଧ୍ୟରେ ନବାନ୍ନ ଲାଗି ହୋଇଛି। ଏହାପରେ ଅନ୍ୟ ପାର୍ଶ୍ୱ ଦେବାଦେବୀଙ୍କୁ ବି ଲାଗି ହୋଇଛି ନବାନ୍ନ। ସେହିପରି ବଲାଙ୍ଗୀରରେ ବି ନିର୍ଦ୍ଧାରିତ ସମୟରେ ନବାନ୍ନ ଲାଗି ହୋଇଛି।



ଏହି ସମୟରେ ଉଭୟ ମନ୍ଦିରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ମା'ଙ୍କ ନିକଟରେ ନବାନ୍ନ ଲାଗି ହେବା ପରେ ଶ୍ରଦ୍ଧାଳୁମାନେ ପ୍ରସାଦ ପାଇଥିଲେ। ଏହାପରେ ପଶ୍ଚିମ ଓଡ଼ିଶାରେ ଘରେ *(ପୃଷ୍ଠା ୭ରେ)*

## ସମ୍ବଲପୁରରେ ହେବ ଦ୍ୱିତୀୟ ଏମ୍ସ ମୁଖ୍ୟମନ୍ତ୍ରୀ ଦେଲେ ବଡ଼ ସୂଚନା

**ଭୁବନେଶ୍ୱର, ୮।୯**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ହେବାକୁ ଯାଉଛି ଦ୍ୱିତୀୟ ଏମ୍ସ। ଏନେଇ ବଡ଼ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସିଏମ କିଷାନ ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଖୁବ୍‌ଶୀଘ୍ର ଏମ୍ସ ସମ୍ବଲପୁରରେ ହେବାକୁ ଯାଉଛି । ରାଜ୍ୟ ସରକାର ଏନେଇ କେନ୍ଦ୍ର ନିକଟରେ ଦାବି ରଖି ସାରିଛନ୍ତି। ଆଗାମୀ ଦିନରେ ଏହା ସମ୍ବଲପୁରରେ ହେବାକୁ ଯାଉଛି।

ତେବେ କିଛିଦିନ ପୂର୍ବରୁ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ବିଧାନସଭାରେ ମଧ୍ୟ ଏହି ସୂଚନା ଦେଇଥିଲେ । ସେ କହିଥିଲେ, ରାଜ୍ୟରେ ଦ୍ୱିତୀୟ ଏମ୍ସ ହସ୍ପିଟାଲ ସମ୍ବଲପୁରରେ ହେବ । ପୂର୍ବରୁ ପ୍ରଚାର ସମୟରେ ମଧ୍ୟ *(ପୃଷ୍ଠା ୭ରେ)*

## ଏକାଳ ପଖାଳ




ନଇଁବା ବେଳକୁ ବିଧାଏ ମାରୁଛ
ହଇଓ ମମତା ଦିଦି
ବଙ୍ଗଳାରେ ଫୁଲ କଲବଲ କଲା
ହଲୁଛି ଶାସନ ଗାଦି
ଓଡ଼ିଶା ଅଣ୍ଡାକୁ ସୀମାରେ ଛନ୍ଦି
ଆଳୁ ଭଳି ହଇରାଣ କଲେ
ଦିନେ ହଜିଯିବ ମନ୍ଦବୁଦ୍ଧି।

# ସୁନୀତା ୱିଲିୟମ୍ସଙ୍କୁ ମହାକାଶ ନେଇ ଯାଇଥିବା ସ୍ପେସକ୍ରାଫ୍ଟ ଫେରିଲା



**ୱାଶିଂଟନ, ୮।୯**

ନାସା ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ବୁଚ ୱିଲ୍ମୋରଙ୍କୁ ମହାକାଶକୁ ନେଇଥିବା ମହାକାଶଯାନ ପୃଥିବୀକୁ ଫେରିଛି । ଜୁନ ପ୍ରଥମ ସପ୍ତାହରେ, ବୋଇଂ ଷ୍ଟାର୍ଲାଇନର ମହାକାଶଯାନ ସୁନୀତା ଏବଂ ବୁଚ୍‌ଙ୍କୁ ମହାକାଶକୁ ନେଇଥିଲା। ଏହା ପରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଉଭୟ ମହାକାଶଚାରୀ ପୃଥିବୀକୁ ଫେରିପାରିଲେ ନାହିଁ । ବର୍ତ୍ତମାନ ଏହି ମହାକାଶଯାନ ବିନା କ୍ରୁରେ ପୃଥିବୀକୁ ଫେରିଆସିଛି।

ମହାକାଶଯାନ ସିନା ଫେରିଛି ମାତ୍ର ସୁନୀତା ଏବଂ ବୁଚ ଆସନ୍ତା ବର୍ଷ ଫେବୃଆରୀରେ ଫେରିବେ। ଷ୍ଟାର୍ଲାଇନର ସେପ୍ଟେମ୍ବର ୬ ବିଳମ୍ବିତ ରାତିରେ ଅନ୍ତର୍ଜାତୀୟ ସ୍ପେସ ସେଣ୍ଟରରୁ ବାହାରି ୭ ସେପ୍ଟେମ୍ବର ଅର୍ଥାତ ଶନିବାର ପୃଥିବୀକୁ ଫେରିଛି । ଏହି ମିଶନ ଉପରେ ସାରା ବିଶ୍ୱର ବୈଜ୍ଞାନିକଙ୍କ ନଜର ରହିଥିଲା।

ସୂଚନାନୁସାରେ, ଷ୍ଟାର୍ଲାଇନର ମହାକାଶଯାନ ରବିବାର ଭାରତୀୟ ସମୟ ଭୋର ୩.୩୦ରେ ଅନ୍ତର୍ଜାତୀୟ ସ୍ପେସ ଷ୍ଟେସନ (ଆଇଏସ୍)ରୁ ଅଲଗା ହୋଇଛି। ସକାଳ ୯.୩୨ରେ ଏହା ଆମେରିକାର ନ୍ୟୁ ମେକ୍ସିକୋର ହ୍ୱାଇଟ ସ୍ୟାଣ୍ଡ ସ୍ପେସ ହାରବର (ମରୁଭୂମି)ରେ ଅବତରଣ କରିଛି।

ବୋଇଂ କମ୍ପାନୀ ଏହି ସ୍ପେସ କ୍ରାଫ୍ଟ ତିଆରି କରିଛି। ଜୁନ *(ପୃଷ୍ଠା ୭ରେ)*

# ଏଣିକି ୨୦୦୦ ଟଙ୍କା ଦେଣନେଣରେ ପେମେଣ୍ଟ ଏଗ୍ରିଗେଟର ଉପରେ ଲାଗିବ ୧୮% ଜିଏସ୍‌ଟି !

**ନୂଆଦିଲ୍ଲୀ, ୮।୯**

ଏଣିକି ୨୦୦୦ ଟଙ୍କା ଦେଣନେଣରେ ଲାଗିବ ଜିଏସ୍‌ଟି। ୧୮ ପ୍ରତିଶତ ଜିଏସଟି ଲାଗୁ କରିବା ପାଇଁ ଆଲୋଚନା ଚାଲିଛି । ଦ୍ରବ୍ୟ ଓ ସେବା କର ପରିଷଦ ୨୦୦୦ ଟଙ୍କା ପର୍ଯ୍ୟନ୍ତ ଛୋଟ ଡିଜିଟାଲ କାରବାର ପାଇଁ ପେମେଣ୍ଟ ଏଗ୍ରିଗେଟର ବା ପେମେଣ୍ଟ ସଂଗ୍ରହକାରୀଙ୍କ ଉପରେ ୧୮% ଲାଗୁ କରିବାକୁ ବିଚାର ବିମର୍ଶ କରୁଛି।

ରିପୋର୍ଟ ଅନୁସାରେ, ଡେବିଟ ଏବଂ କ୍ରେଡିଟ କାର୍ଡ ମାଧ୍ୟମରେ କରାଯାଇଥିବା କାରବାର ଉପରେ ଏହି ପ୍ରସ୍ତାବିତ ଟ୍ୟାକ୍ସ ଲାଗୁ କରାଯିବ । ସେପ୍ଟେମ୍ବର ୯ରେ ବସିବାକୁ ଥିବା ପରିଷଦ ବୈଠକରେ ଏହି ପ୍ରସ୍ତାବ ଉପରେ ଆଲୋଚନା ହେବ।



ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ରାଜସ୍ୱ ଅଧିକାରୀଙ୍କୁ ନେଇ ଫିଟମେଣ୍ଟ କମିଟି ପରାମର୍ଶ ଦେଇଛି ଯେ, ପେମେଣ୍ଟ ଏଗ୍ରିଗେଟରକୁ ଏହି ଉପାୟରେ ଟିକସ ଦିଆଯାଉ। କମିଟି ଯୁକ୍ତି କରିଛି ଯେ, ବ୍ୟାଙ୍କଗୁଡିକ ତୁଳନାରେ ପେମେଣ୍ଟ ଏଗ୍ରିଗେଟରମାନେ *(ପୃଷ୍ଠା ୭ରେ)*





# କଟକ ବାଲିଯାତ୍ରା: ଏଥର ସରଳ ହେବ ପ୍ଲଟ୍ ଆବଣ୍ଟନ

## ଆଇଟି ଏବଂ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଷ୍ଟଲ୍ ପାଇଁ ସ୍ୱତନ୍ତ୍ର କର୍ଣ୍ଣର

**କଟକ, ନ୍ୟୁଜ ବ୍ୟୁରୋ**

କଟକର ଐତିହାସିକ ବାଲିଯାତ୍ରା ଆସନ୍ତା ନଭେମ୍ବର ୧୫ରୁ ଆରମ୍ଭ ହୋଇ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ବି. ପରମେଶ୍ୱରନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ବାଲିଯାତ୍ରା ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ ବାଲିଯାତ୍ରାକୁ ଅଧିକ ଚିତ୍ତାକର୍ଷକ, ସୁରକ୍ଷିତ ଓ ଜନାଦୃତ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଚଳିତ ବର୍ଷ ବାଲିଯାତ୍ରାରେ ସମସ୍ତ କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରାଯିବ ବୋଲି କହିଛନ୍ତି । ପ୍ଲଟ୍ ଆବଣ୍ଟନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସରଳୀକରଣ କରାଯିବ । ଯେଉଁମାନେ ପ୍ଲଟ୍ ଆବଣ୍ଟନରୁ ବଞ୍ଚିତ ହୋଇ ଆସୁଥିଲେ କିମ୍ବା ପ୍ରକ୍ରିୟାରେ ଭାଗ ନେଇ ପାରୁ ନଥିଲେ ସମସ୍ତଙ୍କୁ ପ୍ଲଟ୍



ନିଲାମ ପ୍ରକ୍ରିୟାରେ ଭାଗ ନେବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି । ଚଳିତ ବର୍ଷ ଯେଉଁମାନେ ଆଇଟି ଏବଂ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ପାଇଁ ଷ୍ଟଲ୍ ଖୋଲିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ସ୍ୱତନ୍ତ୍ର କର୍ଣ୍ଣର ରଖାଯିବ । ଆଇନଶୃଙ୍ଖଳା, ଗମନାଗମନ, ଯାତାୟାତ, ଯାନବାହନ ନିୟନ୍ତ୍ରଣ, ଗାଡ଼ି ରହଣୀ ସ୍ଥଳ, ସ୍ୱଚ୍ଛତା, ବିଦ୍ୟୁତ୍ ଯୋଗାଣ, ପଡ଼ିଆ ସମତୁଲ କରିବା, ଖାଦ୍ୟ ସୁରକ୍ଷା, ବିଶୁଦ୍ଧ ପାନୀୟଜଳ ଯୋଗାଣ, ଅସ୍ଥାୟୀ ଶୌଚାଳୟ ନିର୍ମାଣ ଆଦି ବିଷୟରେ ପୂର୍ବ ବର୍ଷର ଅଭିଜ୍ଞତାକୁ ନେଇ ଯେଉଁସବୁ ସ୍ଥାନରେ ସୁଧାର ଆଣିବାର ଆବଶ୍ୟକତା ରହିଛି ସେ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜନଗହଳିକୁ ନିୟନ୍ତ୍ରଣ କରିବା ସହିତ ସୁରକ୍ଷାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ପାର୍କିଂ ସ୍ଥାନ ବୃଦ୍ଧି କରାଯିବ ବୋଲି ଏଡିସିପି ଅନିଲ କୁମାର ମିଶ୍ର କହିଥିଲେ । ଏଥିସହ ୱାଚ୍ ଟାୱାର ନିର୍ମାଣ ତଥା ଏନ୍‌ଡିଆରଏଫ୍ ଓ ଏସ୍‌ଡିଆରଏଫ୍ ଦଳ ମୁତୟନ, ପାର୍କିଂ ସ୍ଥାନରୁ ଯାତ୍ରୀମାନଙ୍କୁ ଯାତ୍ରା ପଡ଼ିଆ ପର୍ଯ୍ୟନ୍ତ ଯାତାୟାତକୁ କିପରି ସହଜ ହୋଇପାରିବ ତା' ଉପରେ ଗୁରୁତ୍ୱ ଦେଇଥିଲେ । ପାର୍କିଂ ସ୍ଥାନ ବୃଦ୍ଧି, ପଡ଼ିଆ ଓ ଏହାର ଆଖପାଖ ଅଞ୍ଚଳର ଉପଯୁକ୍ତ ଆଲୋକୀକରଣ, କାର୍ତ୍ତିକେଶ୍ୱର ଭସାଣି ତାରିଖ ପରିବର୍ତ୍ତନ ଆଦି ଉପରେ ମଧ୍ୟ ଶ୍ରୀ ମିଶ୍ର ଗୁରୁତ୍ୱ ଦେଇଥିଲେ । ବାଲିଯାତ୍ରାର ସୁପରିଚାଳନା ନିମନ୍ତେ ବିଭିନ୍ନ କମିଟି ଗଠନ କରାଯାଇ ପରବର୍ତ୍ତୀ ପର୍ଯ୍ୟାୟରେ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯିବ ବୋଲି ସ୍ଥିର କରାଯାଇଥିଲା । ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡ.ଦିବ୍ୟଲୋଚନ ମହନ୍ତ ଓ କଟକ ସଦର ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ନଳିନୀକାନ୍ତ ସାହୁ ଓ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# କଣ୍ଟାବାଞ୍ଜି ନିର୍ବାଚନ ମାମଲା: ବିଧାୟକ ଲକ୍ଷ୍ମଣ ବାଗ୍‌ଙ୍କୁ ନୋଟିସ୍





**କଟକ, ନ୍ୟୁଜ ବ୍ୟୁରୋ**

କଣ୍ଟାବାଞ୍ଜି ନିର୍ବାଚନ ମାମଲାରେ ବିଧାୟକ ଲକ୍ଷ୍ମଣ ବାଗ୍‌ଙ୍କୁ ହାଇକୋର୍ଟ ସାନି ନୋଟିସ୍ ଜାରି କରିଛନ୍ତି। ସ୍ୱତନ୍ତ୍ର ମେସେଞ୍ଜର ଜରିଆରେ ବିଧାୟକଙ୍କୁ ଏହି ନୋଟିସ୍ ପଠାଇବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଧାୟକ ଶ୍ରୀ ବାଗ୍ ନିର୍ବାଚନୀ ସତ୍ୟପାଠରେ ମିଥ୍ୟା ତଥ୍ୟ ଦର୍ଶାଇଥିବା ଅଭିଯୋଗ କରି ଉକ୍ତ ନିର୍ବାଚନମଣ୍ଡଳୀର ମତଦାତା ଗିରିରାଜ ସିଂ ମାଝି ହି ମାମଲା ରୁଜୁ କରିଛନ୍ତି। ବିଚାରପତି ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ବୁଧବାର ମାମଲାର ଶୁଣାଣି କରି ନୋଟିସ୍ ଜାରି କରିଛନ୍ତି । ମାମଲା ପରବର୍ତ୍ତୀ ଶୁଣାଣି ଆସନ୍ତା ୨୭ ତାରିଖରେ ହେବ । ଗତ ସାଧାରଣ ନିର୍ବାଚନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ କଣ୍ଟାବାଞ୍ଜିର ପ୍ରାର୍ଥୀ ହେବାରୁ ଏହି ବିଧାନସଭା ଆସନ ବେଶ୍ ଚର୍ଚ୍ଚାରେ ରହିଥିଲା । ଏହାର ଫଳାଫଳ ମଧ୍ୟ ଚକିତ କଲା ଭଳି ହୋଇଥିଲା । ବିଜେପି ପ୍ରାର୍ଥୀ ଲକ୍ଷ୍ମଣ ବାଗ୍ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ବିଧାୟକ ଶ୍ରୀ ବାଗ୍ ଯେଉଁ ନିର୍ବାଚନୀ ସତ୍ୟପାଠ ଦାଖଲ କରିଥିଲେ ସେଥିରେ ବହୁ ମିଥ୍ୟା ତଥ୍ୟ ରହିଥିବାରୁ ତାଙ୍କ ଜିତାପଟକୁ ଅସିଦ୍ଧ ଘୋଷଣା କରିବା ଲାଗି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ଅଗ୍ରୱାଲ ଏବଂ ସୂର୍ଯ୍ୟାଂଶୀ ଶ୍ରୀବାସ୍ତବ ମାମଲା ପରିଚାଳନା କରୁଛନ୍ତି ।

## ନନ୍ଦନକାନନ ପ୍ରାଣୀଉଦ୍ୟାନ ବାଘ ଖୁଆଡରେ କୁମ୍ଭୀର

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**

ନନ୍ଦନକାନନ ପ୍ରାଣୀଉଦ୍ୟାନ ୩୨ ନମ୍ବର ବାଘ ଖୁଆଡରେ ଥିବା ଜଳାଶୟ ମଧ୍ୟରେ ଏକ କୁମ୍ଭୀର ଦେଖା ଯାଇଥିବା ସୂଚନା ମିଳିଛି। କିଛି ପର୍ଯ୍ୟଟକ ଦେଖିବା କଥା ପ୍ରଘଟ ହେବାରୁ ସତ୍ୟାସତ୍ୟ ଜାଣିବା ପାଇଁ କର୍ତ୍ତୃପକ୍ଷ ଜନ୍ତୁ ରକ୍ଷକ ଓ ବନରକ୍ଷୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୨୦୧୯ ମସିହା ଜାନୁଆରୀ ୯ ତାରିଖରେ ଧଳା ମହାବଳ ବାଘ ସମ୍ରାଟ ରହୁଥିବା ୩୩(କ) ଖୁଆଡରେ ଏକ ୩ ଫୁଟର କୁମ୍ଭୀର ଧରା ହୋଇଥିଲା। ଗତ ୨୦୨୨ ମସିହା ମଇ ମାସରେ କାଞ୍ଜିଆ ହ୍ରଦକୁ ସଂଲଗ୍ନ କରିଥିବା ଜଳହସ୍ତୀ ଖୁଆଡରେ କୁମ୍ଭୀର ଦେଖାଦେଇଥିବା ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ଯାହାକୁ ନେଇ ନନ୍ଦନକାନନ କର୍ତ୍ତୃପକ୍ଷ କୁମ୍ଭୀର ଧରି ସ୍ଥାନାନ୍ତର କରିବା ପାଇଁ ଏକ ସ୍ୱତନ୍ତ୍ର ଦଳ ଗଠନ କରିଛନ୍ତି। ହେଲେ ଏଯାବତ୍ କୁମ୍ଭୀର ଧରା ଯାଇପାରି ନାହିଁ। ଏବେ ପୁଣି ବାଘ ଖୁଆଡରେ କୁମ୍ଭୀର ଦେଖା ଦେବା ଘଟଣାକୁ ନେଇ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଖୁଆଡ ଜଳାଶ୍ରୟରେ ଏକ କୁମ୍ଭୀର ଦେଖା ଦେଇଥିଲା।

# ଶ୍ରାଦ୍ଧ କରିବାକୁ ବସିପାରିବେନି ବ୍ରାହ୍ମଣଙ୍କୁ ପରିକ୍ରମା ମାର୍ଗ ମନା

**ପୁରୀ, ନ୍ୟୁଜ ବ୍ୟୁରୋ**

ବ୍ରାହ୍ମଣଙ୍କୁ ବାଇଶି ପାହାଚରେ ଶ୍ରାଦ୍ଧ କରିବାକୁ ସମ୍ପୂର୍ଣ୍ଣ କଟକଣା ଲଗାଯିବା ପରେ ଏବେ ପରିକ୍ରମା ମାର୍ଗରୁ ବି ସେମାନଙ୍କୁ ତଡ଼ିବାକୁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି । ଶ୍ରାଦ୍ଧ କାର୍ଯ୍ୟ ସମ୍ପାଦନ କରୁଥିବା ବ୍ରାହ୍ମଣମାନଙ୍କୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମଧ୍ୟରେ ବସିବା ପାଇଁ ଅନୁମତି ଦିଆଯିବ ନାହିଁ । ସେମାନେ ମାର୍କଣ୍ଡ ପୁଷ୍କରିଣୀ କିମ୍ବା ଶ୍ୱେତଗଙ୍ଗା ପୁଷ୍କରିଣୀ ନିକଟରେ ଶ୍ରାଦ୍ଧ କାର୍ଯ୍ୟ ସମ୍ପାଦନ କରିବେ ବୋଲି ପରିଚାଳନା କମିଟି ନିଷ୍ପତ୍ତି ନେଇଛି । ଦୁଇଦିନ ତଳେ ବସିଥିବା ପରିଚାଳନା କମିଟିର ଏହି ନିଷ୍ପତ୍ତି ଜାଣିବା ପରେ ପରିକ୍ରମା ମାର୍ଗରେ ବସି ଶ୍ରଦ୍ଧାଳୁଙ୍କ ପିତୃପୁରୁଷଙ୍କ ଉଦ୍ଧାର ନିମନ୍ତେ ପିଣ୍ଡଦାନ କରି ଗୁଜୁରାଣ ମେଣ୍ଟାଉଥିବା ବ୍ରହ୍ମଣମାନେ ଦୁଃଖ ପ୍ରକାଶ କରିଛନ୍ତି । ଦେଶର ୪ ଧାମ ମଧ୍ୟରେ ଶ୍ରୀକ୍ଷେତ୍ର ପ୍ରସିଦ୍ଧ । ଶ୍ରୀମନ୍ଦିର କଳ୍ପବଟଠାରୁ ତୀର୍ଥରାଜ ମହୋଦଧି ପର୍ଯ୍ୟନ୍ତ ପ୍ରତିଟି ରେଣୁରେ ମୁକ୍ତି ପ୍ରଦାନକାରୀ ଶକ୍ତି ରହିଛି । ଶ୍ରୀମନ୍ଦିର ଭିତରେ ଥିବା ରୋହିଣୀ କୁଣ୍ଡ, ବାହାରେ ଥିବା ମାର୍କଣ୍ଡେୟ, ଇନ୍ଦ୍ରଦ୍ୟୁମ୍ନ, ଶ୍ୱେତଗଙ୍ଗା, ମହୋଦଧି ପବିତ୍ର ତୀର୍ଥ ଭାବେ ବେଶ ଜଣାଶୁଣା । କାହିଁ କେଉଁ ଅନାଦି ସମୟରୁ ଶ୍ରୀମନ୍ଦିର ନିକଟ କିମ୍ବା ତୀର୍ଥ ସ୍ଥଳ ନିକଟରେ ଶ୍ରଦ୍ଧାଳୁମାନେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା ସହ ମହାପ୍ରସାଦ ଦେଇ ବ୍ରାହ୍ମଣଙ୍କୁ ସନ୍ତୁଷ୍ଟ କରି ଆସୁଛନ୍ତି । ମାତ୍ର ସେମାନଙ୍କୁ ବିରୋଧ କରାଯିବା ଶ୍ରାଦ୍ଧ କାର୍ଯ୍ୟ ସମ୍ପାଦନ କରି ପରିବାର ପ୍ରତିପୋଷଣ କରୁଥିବା ବ୍ରାହ୍ମଣଙ୍କ ଭିତରେ ଅସନ୍ତୋଷ ସୃଷ୍ଟି କରିଛି ।

# ପୁରୀ-ବ୍ରହ୍ମଗିରି ରାଜ୍ୟ ରାଜପଥରେ ଚାଲିଛି ଅବାଧ ଦେଶୀ ମଦ କାରବାର

**ପୁରୀ, ନ୍ୟୁଜ ବ୍ୟୁରୋ**

ସାହିର ପରିବେଶ ନଷ୍ଟ ହୋଇଯାଇଛି । ଦିନ ତମାମ ନିଶାଖୋରଙ୍କ ଉତ୍ପାତ ଲାଗି ରହୁଥିବା ବେଳେ ସଞ୍ଜ ନଇଁଲେ ଆଉ ସହି ହେଉନି । ପରିବାର ନେଇ ସାହିରେ ଚଳିବା ଏବେ କଷ୍ଟକର ହୋଇପଡ଼ିଛି । ଘରୁ ବାହାରିବା ଅସୁରକ୍ଷିତ ଲାଗୁଛି । ସାହି ବାସିନ୍ଦାଙ୍କ ସହ ବାଟୋଇ ଓ ପର୍ଯ୍ୟଟକମାନେ ବି ନିଶାଖୋରଙ୍କ ପାଇଁ ସମସ୍ୟାରେ ପଡୁଛନ୍ତି । ଦୀର୍ଘଦିନ ଧରି ଏଭଳି ସମସ୍ୟାର ସମ୍ମୁଖୀନ ହୋଇ କଲବଲ ହେଉଥିବା କହିଛନ୍ତି କୁମ୍ଭାରପଡ଼ା ଥାନା ଅଧୀନ ନରେନ୍ଦ୍ର କୋଣ ମଙ୍ଗଳା ସାହି ବାସିନ୍ଦା । ସାହିର ମଙ୍ଗଳା ମନ୍ଦିର ସମ୍ମୁଖ ତଥା ପୁରୀ-ବ୍ରହ୍ମଗିରି ରାଜ୍ୟ ରାଜପଥରେ ଚାଲିଛି ଅବାଧ ଦେଶୀ ମଦ କାରବାର । ସୂଚନା ଅନୁସାରେ ଏହି ସାହିରେ ପ୍ରାୟ ୧୩୦ ପରିବାର ବାସ କରନ୍ତି । ଏଥିରୁ ୧୦ରୁ ଅଧିକ ପରିବାର ଏବେ ଭିନ୍ନ ଭିନ୍ନ ନିଶା କାରବାରରେ ଲିପ୍ତ ରହିଛନ୍ତି ।



ମୁଖ୍ୟତଃ ଦେଶୀ ରନ୍ଧାମଦ କାରବାର ଏବେ ସାହି ପରିବେଶକୁ ପ୍ରଭାବିତ କରିଛି । ଆଗରୁ ଦିନରାତି ଖୁଲମଖୁଲା ବେପାର ଚାଲିଥିଲା । ପୁଲିସର ଧରପଗଡ଼ ପରେ ଏବେ ବେପାରୀ ଚତୁରତାର ସହ କାରବାର କରୁଛନ୍ତି। ଦିନରେ ବିକ୍ରି କଲେ ପୁଲିସ ଘରେ ପଶି ବେପାରୀଙ୍କୁ ଉଠାଇ ନେଉଥିଲା । ତେଣୁ ଏବେ ରାତିରେ ବେପାର ଜୋର୍ଦା ହେଉଛି । ମହିଳାମାନେ ହିଁ ଏହି କାରବାର କରୁଛନ୍ତି । କାରଣ ରାତିରେ ପୁଲିସ ସେମାନଙ୍କୁ ଉଠାଇ ନେବାରେ ସମସ୍ୟା ହେଉଥିବାରୁ ଫାଇଦା ଉଠାଉଛନ୍ତି ମହିଳା ବେପାରୀ। ସନ୍ଧ୍ୟାରୁ ବସୁଛି ରନ୍ଧାମଦର ହାଟ । ସଞ୍ଜ ହେବା ମାତ୍ରେ ମଦ ବ୍ୟବସାୟୀଙ୍କ ଘରେ ଲାଗୁଛି ଭିଡ଼ । ରାସ୍ତା କଡ଼ରେ ହାଣ୍ଡି ଧରି ବସୁଛନ୍ତି ବେପାରୀ । ଧାଡ଼ିବାନ୍ଧି ପିଉଛନ୍ତି ନିଶାଖୋର । ଦୀର୍ଘ ସମୟ ଧରି ନିଶାଖୋରମାନେ ଏହି ବେପାରୀଙ୍କ ପାଖରେ ରହି ଉତ୍ପାତ ହେଉଛନ୍ତି । ପାଖରେ ବି ମିଳୁଛି ଚାଖଣ । ପୁଲିସ ଚଢ଼ଉ କଲେ ଅଳ୍ପ ମଦ ଜବତ ହେଉଥିବାରୁ ସେମାନେ ଅତି ସହଜରେ ଜାମିନ୍ ପାଇ ପୁଣି ଏହି କାରବାର କରୁଛନ୍ତି । ସେପଟେ ନିଶା ଚଢ଼ିଗଲା ପରେ ନିଶାଖୋରଙ୍କ ଉତ୍ପାତ ଅସହ୍ୟ ହେଉଛି । କିଏ ରାସ୍ତାରେ ଗଡୁଛି ତ ଆଉ କିଏ ଅଚେତ ହୋଇ ଡ୍ରେନ୍‌ରେ ପଡୁଛି । ପୁରୀ-ବ୍ରହ୍ମଗିରି ରାଜ୍ୟ ରାଜପଥ ଓ ନରେନ୍ଦ୍ର କୋଣ ଅଞ୍ଚଳରେ ଏହି ନିଶାଖୋରଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି । ରାସ୍ତାରେ ଯାନବାହାନ ରୋକି ଉନ୍ମତ୍ତ କାଣ୍ଡ ଭିଆଉଛନ୍ତି ନିଶାଖୋର । ଅଯଥା ସମସ୍ୟା ସୃଷ୍ଟି କରି ବାଟୋଇ ଓ ପର୍ଯ୍ୟଟକଙ୍କୁ ଟାଣି ନେଇ ପିଟୁଛନ୍ତି । ଏପରିକି ସେମାନେ ନରେନ୍ଦ୍ର କୋଣ ଅଞ୍ଚଳରେ ସ୍ଥାନୀୟ ଲୋକ ଓ ଯାତ୍ରୀଙ୍କ ଚଳପ୍ରଚଳରେ ବି ସମସ୍ୟା ସୃଷ୍ଟି କରୁଛନ୍ତି । ସନ୍ଧ୍ୟା ପରେ ମହିଳାମାନେ ମଦ ବିକ୍ରି କରୁଥିବାରୁ ପୁଲିସ ସେମାନଙ୍କୁ ଉଠାଇ ଆଣି ପାରୁନାହିଁ ବୋଲି କହିଛନ୍ତି ଆଇଆଇସି ଜୟଦୀପ ମହାନ୍ତି । ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଇନ୍ସପେକ୍ଟର ଶ୍ରୀ ମହନ୍ତି ।

# ୨୫ରେ ରମାଦେବୀ ବିଶ୍ୱବିଦ୍ୟାଳୟକୁ ଆସିବ ନାକ୍ ୩ ଦିନ ଧରି ପରିଦର୍ଶନ କରିବେ ଟିମ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିଦର୍ଶନରେ ଆସନ୍ତା ୨୫ ତାରିଖରେ ଆସିବେ ନ୍ୟାସନାଲ୍ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡେସନ୍ କାଉନସିଲ୍ (ନାକ୍) ଟିମ୍ । ତିନି ଦିନିଆ ଗସ୍ତରେ ଆସୁଥିବା ଏହି ଟିମ୍ ବିଶ୍ୱବିଦ୍ୟାଳୟର ସମସ୍ତ ଦିଗକୁ ଯାଞ୍ଚ କରିବେ। ତେବେ ନାକ୍ ମାନ୍ୟତା କିପରି ଭଲ ହେବ ସେଥିଲାଗି ଏବେଠୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପୂରା ପ୍ରସ୍ତୁତ ହେଉଛନ୍ତି । ଏନେଇ ଆଗୁଆ ଘନ ଘନ ବୈଠକ ବସୁଛି । ନାକ୍ ଟିମ୍ ଆଗରେ କିପରି ଭଲ ଭାବେ ବିଶ୍ୱବିଦ୍ୟାଳୟର ସମସ୍ତ ସଫଳତାକୁ ଉପସ୍ଥାପନ କରିବେ ତାକୁ ନେଇ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଉଛି । ବିଶେଷ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଆସନ୍ତା ୨୫ ତାରିଖରେ ରମାଦେବୀ ଆସୁଥିବା ନାକ୍ ଟିମ୍ ୨୭ ତାରିଖ ପର୍ଯ୍ୟନ୍ତ ରହିବେ । ପ୍ରଥମ ଦିନରେ ବିଶ୍ୱବିଦ୍ୟାଳୟର କୁଳପତି, କୁଳସଚିବଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଓ ଅଧ୍ୟାପକଙ୍କ ସହ ଆଲୋଚନା କରିବେ । ଏହାପରେ ସମସ୍ତ ବିଭାଗ ପରିଦର୍ଶନ କରିବେ । ବିଭାଗୀୟ ମୁଖ୍ୟ ମାନେ ପାୱାର ପଏଣ୍ଟରେ ଡକ୍ୟୁମେଣ୍ଟ ଉପସ୍ଥାପନ କରିବେ । କୁଳପତି ବିଶ୍ୱବିଦ୍ୟାଳୟ ଉପରେ ଏକ ସ୍ୱତନ୍ତ୍ର ଉପସ୍ଥାପନ କରିବେ । ଏହାପରେ ଇଣ୍ଟରନାଲ୍ କ୍ୱାଲିଟି ସେଲ୍ (ଆଇକ୍ୟୁସି) ଉପସ୍ଥାପନା କରାଯିବ । ଅଧ୍ୟାପକ, ଛାତ୍ରୀଙ୍କ ସହ ନାକ୍ ସଦସ୍ୟମାନେ ଆଲୋଚନା କରିବେ। ପରିଦର୍ଶନ ସମୟରେ ହଷ୍ଟେଲ୍, ସ୍ପୋର୍ଟସ କାଉନ୍‌ସିଲ୍, ଗବେଷଣାଗାର, କ୍ରୀଡ଼ା ଭିତ୍ତିଭୂମି, କ୍ୟାଣ୍ଟିନ୍, ଗେଷ୍ଟହାଉସ୍, ଷ୍ଟାଡିୟମ୍ ଆଦିର ତଦାରଖ କରିବେ । ଆଲୁମିନି ଛାତ୍ରୀଙ୍କ ସହ ବୈଠକ କରିବେ । ଉଲ୍ଲେଖଯୋଗ୍ୟ, ରମାଦେବୀ ମହିଳା ମହାବିଦ୍ୟାଳୟ ଥିବା ସମୟରେ ଶେଷ ଥର ପାଇଁ ୨୦୧୪ରେ ନାକ୍ ପରିଦର୍ଶନ କରିଥିଲା । ଏହି ସମୟରେ କଲେଜକୁ ନାକ୍-ଏ ଗ୍ରେଡ୍ ମାନ୍ୟତା ମିଳିଥିଲା । ମାତ୍ର ୨୦୧୫ରେ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବା ପରେ ଏହା ପ୍ରଥମ ନାକ୍ ପରିଦର୍ଶନ । ମାତ୍ର ଏସବୁ ସତ୍ତ୍ୱେ ଅଧ୍ୟାପକ, ଗବେଷଣା ପେପର, ଭିତ୍ତିଭୂମି ସମସ୍ୟାକୁ ନେଇ ଚିନ୍ତାରେ କର୍ତ୍ତୃପକ୍ଷ ।

# 'ଯୌତୁକ ପାଇଁ ଆମ ଝିଅକୁ ମାରି ଟାଙ୍ଗିଦେଲେ'

**ବାଲେଶ୍ୱର, ନ୍ୟୁଜ ବ୍ୟୁରୋ**

ଦୁଇ ମାସ ତଳେ ନୂଆ ସଂସାରରେ ପାଦ ଥାପିଥିଲା ଝିଅ । ଶାଶୁ ଘରେ ନିଜକୁ ଖାପ ଖୁଆଇବାକୁ ଚେଷ୍ଟା କରୁଥିଲ। କିନ୍ତୁ କାଳ ସାଜିଲା ଯୌତୁକ । ଟଙ୍କା, ସୁନାଗହଣା ପାଇବା ପାଇଁ ଆମ ଝିଅ ଉପରେ ଆରମ୍ଭ କରି ଦେଇଥିଲେ ନିର୍ଯାତନା । ଆଉ ଶେଷରେ ଝିଅକୁ ମାରି ଟାଙ୍ଗି ଦେଇଛନ୍ତି। ' ବିବାହ ପରେ ପରେ ଝିଅର ମୃତ୍ୟୁ ହୋଇଥିବା ବେଳେ ବୁକୁଫଟା କ୍ରନ୍ଦନ କରି ଜଣେ ମା' ଆଣିଛନ୍ତି ଏପରି ଅଭିଯୋଗ। ଏପରି ଏକ ଦୁଃଖଦ ଘଟଣା ବାଲେଶ୍ୱର ଜିଲ୍ଲା ଖଇରା ଥାନା ତେନ୍ତଳାଗଡିଆ ଗାଁରେ ଘଟିଛି। ମୃତା ନବବଧୂଜଣକ ହେଲେ ଶେରପୁର ଗାଁର ସୁଦାମ ସେଠୀଙ୍କ ଝିଅ ଲକ୍ଷ୍ମୀପ୍ରିୟା ସେଠୀ । ସେ ଦୁଇ ମାସ ତଳେ ତେନ୍ତଲାଗଡିଆ ଗାଁର ନୀଳାମ୍ବର ଦାସଙ୍କ ପୁଅ ଜଗନ୍ନାଥ ଦାସଙ୍କୁ ବୈଦିକ ରୀତିନୀତି ଅନୁସାରେ ବିବାହ କରିଥିଲେ । ବାପ ଘର ଲୋକଙ୍କ କହିବା କଥା ବିବାହ ସମୟରେ ସେମାନେ ଦାବି ମୁତାବକ ଯୌତୁକ ଦେଇ ପାରି ନ ଥିଲେ। ଲକ୍ଷ୍ମୀପ୍ରିୟାଙ୍କ ବାପଘରୁ ଆସିଥିବା ପଲଙ୍କ ଶାଶୁ ଘର ଲୋକଙ୍କ ପସନ୍ଦ ଆସି ନ ଥିଲା। ଫଳରେ ସେମାନେ ତାକୁ ଫେରାଇ ଦେଇଥିଲେ। ତେଣୁ ଖୁବ୍ ଶୀଘ୍ର ଏକ ପଲଙ୍କ ସହ ଟଙ୍କା ଓ ସୁନା ଦେବା ପାଇଁ କହୁଥିଲେ। ଏଥିରେ ବିଳମ୍ବ ହେବାରୁ ସେମାନେ ଲକ୍ଷ୍ମୀପ୍ରିୟାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି ବାପଘର ଲୋକେ । ଏହାପରେ ଆଜି ସକାଳୁ ସରପଞ୍ଚ, ସମିତିସଭ୍ୟ ଫୋନ୍ କରି ଆମ ଝିଅ ଆତ୍ମହତ୍ୟା କରିଛି ବୋଲି କହିଥିଲେ। ତେବେ ଏଠାରେ ପହଞ୍ଚି ଝିଅ ବେକରେ ରଶି ଗୁଡ଼ା ଯାଇଥିବା ବେଳେ ପାଦ ତଳେ ଲାଗିଥିବା ଦେଖିବାକୁ ପାଇଥିଲୁ। ଜ୍ୱାଇଁ ତଥା ତାଙ୍କ ପରିବାର ଲୋକେ ଆମ ଝିଅକୁ ମାରିଦେଇଥିବା ଲକ୍ଷ୍ମୀପ୍ରିୟାଙ୍କ ମା' କହିଛନ୍ତି। ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏଥିସହ ପୁଲିସ୍ ଲକ୍ଷ୍ମୀପ୍ରିୟାଙ୍କ ସ୍ୱାମୀ ଜଗନ୍ନାଥ ଓ ତାଙ୍କ ମା'ଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ଡାକ୍ତରଖାନାରୁ ବାହାରିବା ପୂର୍ବରୁ ଜଳିଗଲେ ଗର୍ଭବତୀ

**ମାଲକାନଗିରି, ନ୍ୟୁଜ ବ୍ୟୁରୋ**

ମାଲକାନଗିରିରୁ ଆସିଛି ଏକ ହୃଦୟ ବିଦାରକ ଖବର। ନିଆଁରେ ଜଳି ମୃତ୍ୟୁବରଣ କଲେ ୭ ମାସରେ ଗର୍ଭବତୀ ମହିଳା। ସୂଚନା ଅନୁଯାୟୀ, ମାଲକାନଗିରି ଥାନା ଅନ୍ତର୍ଗତ ଏମଭି-୯ ଗାଁର ମହିଳା ବିନିତା ମାଲି ସ୍ୱାସ୍ଥ୍ୟ ଅବସ୍ଥା ପରୀକ୍ଷା ଲାଗି ଡାକ୍ତରଖାନା ବାହାରୁଥିଲେ। ତେବେ ଡାକ୍ତରଖାନାରୁ ବାହାରିବା ପୂର୍ବରୁ ଗର୍ଭବତୀ ମହିଳାଙ୍କୁ ନିଆଁରେ ଜଳୁଥିବା ଅବସ୍ଥାରେ ଉଦ୍ଧାର କରି ମାଲକାନଗିରି ଡାକ୍ତରଖାନାକୁ ଆଣିଥିଲେ ପରିବାର ଲୋକେ। ବିନିତା ପ୍ରାୟ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ଜଳି ଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ପୋଷ୍ଟମର୍ଟମ ବେଳେ ଗର୍ଭରେ ଥିବା ଶିଶୁଟିକୁ ମଧ୍ୟ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଛି। ତେବେ ବିନିତାଙ୍କ ମାନସିକ ଅବସ୍ଥା ଭଲ ନ ଥିବା ବେଳେ ସେ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିଥିବା ବିନିତାଙ୍କ ଶାଶୂଘର ଲୋକେ କହିଛନ୍ତି। ମୃତ ମହିଳାଙ୍କ ଭାଇ ଏ ନେଇ ମାଲକାନଗିରି ଥାନାରେ ଏତଲା ଦେଇଥିବା ବେଳେ ପୁଲିସ ନିଆଁ ଲାଗିବାର ପ୍ରକୃତ କାରଣ ଖୋଜିବା ଆରମ୍ଭ କରିଛି। ବିନିତାଙ୍କ ବୟସ ପ୍ରାୟ ୩୫ ବର୍ଷ ହୋଇଥିବା ବେଳେ ତାଙ୍କର ଦୁଇଟି ଝିଅ ଥିବା ଜଣା ପଡ଼ିଛି।

# ଏଣିକି ୨୦୦୦ ଟଙ୍କା ଦେଣନେଣରେ ପେମେଣ୍ଟ ଏଗ୍ରିଗେଟର ଉପରେ ୧୮% ଲାଗିବ ଜିଏସ୍‌ଟି

**ନୂଆଦିଲ୍ଲୀ,**

ଏଣିକି ୨୦୦୦ ଟଙ୍କା ଦେଣନେଣରେ ଲାଗିବ ଜିଏସ୍‌ଟି ! ୧୮ ପ୍ରତିଶତ ଜିଏସଟି ଲାଗୁ କରିବା ପାଇଁ ଆଲୋଚନା ଚାଲିଛି। ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ପରିଷଦ ୨୦୦୦ ଟଙ୍କା ପର୍ଯ୍ୟନ୍ତ ଛୋଟ ଡିଜିଟାଲ କାରବାର ପାଇଁ ପେମେଣ୍ଟ ଏଗ୍ରିଗେଟର (ପିଏ) ବା ପେମେଣ୍ଟ ସଂଗ୍ରହକାରୀଙ୍କ ଉପରେ ୧୮% ଜିଏସ୍‌ଟି ଲାଗୁ କରିବାକୁ ବିଚାର ବିମର୍ଶ କରୁଛି। ସୂଚନା ଅନୁସାରେ, ଡେବିଟ୍ ଏବଂ କ୍ରେଡିଟ୍ କାର୍ଡ ମାଧ୍ୟମରେ କରାଯାଇଥିବା କାରବାର ଉପରେ ଏହି ପ୍ରସ୍ତାବିତ ଟ୍ୟାକ୍ସ ଲାଗୁ କରାଯିବ। ସେପ୍ଟେମ୍ବର ୯ରେ ବସିବାକୁ ଥିବା ଜିଏସ୍‌ଟି ପରିଷଦ ବୈଠକରେ ଏହି ପ୍ରସ୍ତାବ ଉପରେ ଆଲୋଚନା ହେବ। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ରାଜସ୍ୱ ଅଧିକାରୀଙ୍କୁ ନେଇ ଜିଏସ୍‌ଟି ଫିଟମେଣ୍ଟ କମିଟି ପରାମର୍ଶ ଦେଇଛି ଯେ, ପେମେଣ୍ଟ ଏଗ୍ରିଗେଟର (ପିଏ)କୁ ଏହି ଉପାୟରେ ଟିକସ ଦିଆଯାଉ। କମିଟି ଯୁକ୍ତି କରିଛି ଯେ, ବ୍ୟାଙ୍କଗୁଡିକ ତୁଳନାରେ ପେମେଣ୍ଟ ଏଗ୍ରିଗେଟରମାନେ କାର୍ଡ କାରବାରରେ ମଧ୍ୟସ୍ଥି ଭାବରେ କାର୍ଯ୍ୟ କରନ୍ତି, ତେଣୁ ତାହା ଜିଏସ୍‌ଟିର ଅଧୀନ ହେବା ଉଚିତ୍। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଏସଟି ପରିଷଦର ୫୪ତମ ବୈଠକରେ ଏହି ପ୍ରସଙ୍ଗରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଯଦି ଜିଏସ୍‌ଟି ପରିଷଦ ପ୍ରସ୍ତାବିତ ପରିବର୍ତ୍ତନ ସହ ଆଗକୁ ବଢିବାକୁ ନିଷ୍ପତ୍ତି ନିଏ, ତେବେ ଦୈନନ୍ଦିନ କାରବାର କରୁଥିବା ଛୋଟ ବ୍ୟବସାୟୀମାନେ ପ୍ରଭାବିତ ହୋଇପାରନ୍ତି। କାରଣ ଏହା ଲେଣଦେଣ ମାଧ୍ୟମ ଏବଂ କ୍ଷୁଦ୍ର ବ୍ୟବସାୟ ମାଲିକଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପକାଇବ ବୋଲି ଆଶଙ୍କା କରାଯାଉଛି। ସମ୍ପ୍ରତି, ପେମେଣ୍ଟ ଏଗ୍ରିଗେଟର୍ସ ବ୍ୟବସାୟୀଙ୍କୁ ପ୍ରତି କାରବାରରେ ୦.୫%ରୁ ୨% ଚାର୍ଜ ଦେବାକୁ ପଡୁଛି। ଯଦି ଜିଏସ୍‌ଟି ଲାଗୁ ହୁଏ, ତେବେ ବ୍ୟବସାୟୀଙ୍କୁ ଅତିରିକ୍ତ କର ଦେବାକୁ ପଡିବ, ଯାହା ଦ୍ୱାରା ସେମାନଙ୍କ ଖର୍ଚ୍ଚ ବଢିବାର ଆକଳନ କରାଯାଉଛି।

# ୨୯ ଗ୍ରନ୍ଥାଗାରର ୬୮ ପଦବିରୁ ୬୧ ଖାଲି : ୧୧ ଜିଲ୍ଲାକୁ ଭଗବାନ ଭରସା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗ୍ରନ୍ଥାଗାରିକ କି ସହାୟକ କି ପରିଚାରକ, କେହି ନାହାନ୍ତି । ପାଠାଗାର ଓଳାଇବାକୁ ଝାଡୁଦାର କି ଜଗିବାକୁ ଜଗୁଆଳି ନାହାନ୍ତି। ଇଏ ହେଉଛି ରାଜ୍ୟର ସରକାରୀ ପାଠାଗାରଗୁଡିକର ଅବସ୍ଥା ଯେଉଁଠି ଦୀର୍ଘ ଦିନ ଧରି ବିନା କର୍ମଚାରୀରେ ପାଠାଗାରଗୁଡ଼ିକ ଚାଲିଛି । ତେବେ ସରକାର କହୁଛନ୍ତି ଏହି ପାଠାଗାରଗୁଡିକ ପୂରା ଦମ୍‌ରେ ଚାଲୁଛି ।

ରାଜ୍ୟର ୨୯ଟି ସାର୍ବଜନୀନ ପାଠାଗାର ରହିଛି । ସେଥିରେ ମଞ୍ଜୁରିପ୍ରାପ୍ତ ପଦବି ସଂଖ୍ୟା ରହିଛି ୬୮ । ଦୁର୍ଭାଗ୍ୟକୁ ୬୮ରୁ ୬୧ଟି ପଦବି ଖାଲି ପଡ଼ିଛି ଯେଉଁଥିରେ ଗ୍ରନ୍ଥାଗାର ସହାୟକ, ଗ୍ରନ୍ଥାଗାର ପରିଚାରକ, ଝାଡୁଦାର ତଥା ଜଗୁଆଳି ଭଳି ବିଭିନ୍ନ ପଦବି ରହିଛି । ବାକି ୭ଟି ପାଠାଗାରରେ ଗ୍ରନ୍ଥାଗାର ସହାୟକ ଓ ଗ୍ରନ୍ଥାଗାର ପରିଚାରକ ପଦବିରେ ଜଣେ ଲେଖାଏଁ କର୍ମଚାରୀ ରହିଛନ୍ତି । ଏମାନଙ୍କ କାନ୍ଧରେ କେଉଁଠି ଜିଲ୍ଲା ପାଠାଗାର ଚାଲୁଛି ତ ଆଉ କେଉଁଠି ସମନ୍ୱିତ ପାଠାଗାର ।

ଏହି ଅଜବ ପରିସ୍ଥିତିକୁ ଦେଖିଲେ ଲାଗୁଛି, ସତେ ଯେମିତି ବହି ନିଜେ ପାଠାଗାରକୁ ଜଗିଛି । ପାଠାଗାରଗୁଡିକରେ ଖାଲି ଥିବା ପଦବି ବିଷୟରେ ଗତ ଅଗଷ୍ଟ ୨୩ ତାରିଖରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ





ବିଧାନସଭାରେ ଉତ୍ତର ରଖିଛନ୍ତି । ମାତ୍ର ଏହିସବୁ ପଦବି କେବେ ପୂରଣ ହେବ ଏବଂ ଆବଶ୍ୟକ ସଂଖ୍ୟକ କର୍ମଚାରୀ କେବେ ନିଯୁକ୍ତି ପାଇବେ ତା'ର ନିର୍ଦ୍ଦିଷ୍ଟ ସୂଚନା ସେ ଦେଇନାହାନ୍ତି ।

ସରକାରୀ ତଥ୍ୟ ମୁତାବକ, ରାଜ୍ୟରେ ୨୯ଟି ସାର୍ବଜନୀନ ପାଠାଗାର ମଧ୍ୟରେ ରହିଛି, ଡ. ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ୧୯ଟି ଜିଲ୍ଲା ପାଠାଗାର, ଗୋଟିଏ ଉପଖଣ୍ଡ ପାଠାଗାର, ୬ଟି ସମନ୍ୱିତ ପାଠାଗାର ଓ ୨ଟି ସ୍ମାରକୀ ପାଠାଗାର । ପ୍ରତି ଜିଲ୍ଲା ପାଠାଗାରରେ ୨ରୁ ୩ଟି ପଦବି ମଞ୍ଜୁର ହୋଇଛି । ତେବେ ୧୯ଟିରୁ ୧୧ଟି ଜିଲ୍ଲା ପାଠାଗାରରେ ଗ୍ରନ୍ଥାଗାର ସହାୟକ, ପରିଚାରକ, ଝାଡୁଦାର ଓ ଜଗୁଆଳି କେହି ନାହାନ୍ତି । ସେସବୁ ଅନୁଷ୍ଠାନ ଭଗବାନଙ୍କ ଭରସାରେ ଚାଲିଛି । ଉକ୍ତ ଜିଲ୍ଲା ପାଠାଗାର ଗୁଡ଼ିକ ହେଉଛି* ବଲାଙ୍ଗୀର, ବାଲେଶ୍ୱର, କୋରାପୁଟ, କଟକ, ବରଗଡ଼, ସମ୍ବଲପୁର, ମୟୂରଭଞ୍ଜ, କନ୍ଧମାଳ, ଢେଙ୍କାନାଳ, ପୁରୀ ଓ କଳାହାଣ୍ଡି । ବାକି ୪ ଜିଲ୍ଲା ପାଠାଗାରରେ ଜଣେ ଲେଖାଏଁ କର୍ମଚାରୀ ରହିଛନ୍ତି ଯାହାଙ୍କ କାର୍ଯ୍ୟକାଳ ୨୦୨୬ ପରେ ଖାଲି ହେବାକୁ ଯାଉଛି । ଏହି ୪ ଜିଲ୍ଲା ପାଠାଗାର ମଧ୍ୟରୁ ରାୟଗଡ଼ା ଓ ସୁନ୍ଦରଗଡ଼ରେ ୩ଟି ଲେଖାଏଁ ପଦବି ମଧ୍ୟରୁ ଉଭୟ ସ୍ଥାନରେ କେବଳ ଜଣେ ଲେଖାଏଁ ଗ୍ରନ୍ଥାଗାର ସହାୟକ ରହିଛନ୍ତି ।

ସେହିପରି କେନ୍ଦୁଝର ଓ ଗଞ୍ଜାମରେ ୩ଟି ଲେଖାଏଁ ପଦବି ମଧ୍ୟରୁ ଉଭୟ ସ୍ଥାନରେ କେବଳ ଜଣେ ଲେଖାଏଁ ଗ୍ରନ୍ଥାଗାର ପରିଚାରକ କାମ କରୁଛନ୍ତି । ନୂଆପଡ଼ା ଜିଲ୍ଲା ପାଠାଗାରରେ ୨ ପଦବିରୁ ଜଣେ ଗ୍ରନ୍ଥାଗାର ସହାୟକ ରହିଛନ୍ତି । ୨୦୨୫ରେ ସେ ସ୍ଥାନ ଖାଲି ହେବ । ସେଠି ଏବେ ଗୋଟିଏ ଝାଡୁଦାର ଓ ଜଗୁଆଳି ପଦବି ଖାଲି ଅଛି । ସେହିପରି ଅନୁଗୁଳ ଜିଲ୍ଲା ପାଠାଗାରରେ ଜଣେ ଗ୍ରନ୍ଥାଗାରିକ ଓ ୨ ପରିଚାରକଙ୍କ ମଧ୍ୟରୁ ମାତ୍ର ଜଣେ ପରିଚାରକ କାମ କରୁଛନ୍ତି । ଗୋଟିଏ ପଦବି ୨୦୨୪ ପୂର୍ବରୁ ଫାଙ୍କା ପଡ଼ିଥିଲା ବେଳେ ଆଉ ଗୋଟିଏ ୨୦୨୬ରେ ଖାଲି ହେବ । ଏହା ଛଡ଼ା ଭଦ୍ରକ ଓ ଝାରସୁଗୁଡ଼ା ଜିଲ୍ଲା ପାଠାଗାର ପାଇଁ କୌଣସି ପଦବି ମଞ୍ଜୁର ହୋଇନାହିଁ ।

ସେହିପରି ମୟୂରଭଞ୍ଜର ରାଇରଙ୍ଗପୁରରେ ଥିବା ଏକମାତ୍ର ଜିଲ୍ଲା ଉପଖଣ୍ଡ ପାଠାଗାରରେ ଗ୍ରନ୍ଥାଗାର ସହାୟକ ଓ ଝାଡୁଦାର ତଥା ଜଗୁଆଳି ଆଦି ପଦବି ଖାଲିପଡ଼ିଛି । ଏଥିସହ ଗଞ୍ଜାମର ୬ଟି ସ୍ଥାନରେ ସମନ୍ୱିତ ପାଠାଗାର ରହିଛି । କବିସୂର୍ଯ୍ୟନଗରର କନକ ମଞ୍ଜରୀ, ବାଲିପଦର ରଘୁନାଥ, ଡନରଡ଼ାର ଉପେନ୍ଦ୍ରଭଞ୍ଜ, ଚିକିଟିର ଅଖଣ୍ଡ, ଖଲ୍ଲିକୋଟର ସାର୍ବଜୀନନ ଓ ରମ୍ଭାର ଜୟକୃଷ୍ଣ ପାଠାଗାର । ଏଥିରୁ ୫ଟିରେ କେହି କର୍ମଚାରୀ ନାହାନ୍ତି । ପ୍ରତି ପାଠାଗାରରେ ଗୋଟିଏ ଲେଖାଏଁ ଗ୍ରନ୍ଥାଗାର ସହାୟକ ଓ ପରିଚାରକ ପଦବି ରହିଛି । ତେବେ ୬ଟି ସ୍ଥାନରେ ମୋଟ ୧୨ଟି ପଦବିରୁ ୧୧ଟି ଖାଲି । କେବଳ ଖଲ୍ଲିକୋଟରେ ଗ୍ରନ୍ଥାଗାର, ଜଣେ ପରିଚାରକ ଅଛନ୍ତି । ସେ ପଦବି ବି ୨୦୨୬ରେ ଖାଲି ହେବାକୁ ଯାଉଛି । ଏହାଛଡ଼ା ୨ଟି ସ୍ମାରକୀ ପାଠାଗାରରେ ୪ଟି ପଦବି ଖାଲିପଡ଼ିଛି । ବରଗଡ଼ର ବରପାଲି ଗଙ୍ଗାଧର ମେହେର ସ୍ମାରକୀ ପାଠାଗାର ଓ ପୁରୀର ସାକ୍ଷୀଗୋପାଳ ପଞ୍ଚସଖା ସ୍ମାରକୀ ପାଠାଗାରରେ ତତ୍ତ୍ୱାବଧାରକ ତଥା ଗ୍ରନ୍ଥାଗାରିକ ଓ ଝାଡୁଦାର ତଥା ଜଗୁଆଳି ପଦବି ଖାଲିପଡ଼ିଛି । ଏହିଭଳି ରାଜ୍ୟର ବିଭିନ୍ନ ପାଠାଗାରରେ ସରକାରୀ ମଞ୍ଜୁରିପ୍ରାପ୍ତ ୬୧ଟି ପଦବି ଖାଲି ପଡ଼ିଛି ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ୨୦୨୩ ମସିହା ଅକ୍ଟୋବର ୨୫ରେ ସଂସ୍କୃତି ବିଭାଗ ସଂକଳ୍ପ ସଂଖ୍ୟା ୫୪୭୨ ଅନୁସାରେ ସାର୍ବଜନୀନ ପାଠାଗାର ନିର୍ଦ୍ଦେଶାଳୟ ସୃଷ୍ଟି ହୋଇସାରିଛି । ଏହି ସଂକଳ୍ପ ଅନୁସାରେ ଗ୍ରନ୍ଥାଗାର ସହାୟକ ପଦବିଟି ଆଉ ପୂରଣ କରାଯିବ ନାହିଁ । ପ୍ରତି ଜିଲ୍ଲାର ସହାୟକ ଗ୍ରନ୍ଥାଗାରିକ ପଦବି ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ପୂରଣ ହେବ । ଉକ୍ତ ସଂକଳ୍ପର କ୍ରମିକ ସଂଖ୍ୟା ୪ ଅନୁସାରେ ଗ୍ରନ୍ଥାଗାରିକ ପଦବି ଓ ଉକ୍ତ ପଦବିର ପରବର୍ତ୍ତୀ ପଦବିଗୁଡ଼ିକ (ଯାହାକି ପଦୋନ୍ନତି ମାଧ୍ୟମରେ ପୂରଣ କରାଯିବ) ପାଇଁ ଆବଶ୍ୟକ ସଂବର୍ଗ ନିୟମାବଳୀ (କ୍ୟାର୍ଡ ରୁଲ୍) ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପରାମର୍ଶ ଅନୁସାରେ ପ୍ରସ୍ତୁତ କରାଯିବ ଯାହାକି ବର୍ତ୍ତମାନ ସରକାରଙ୍କ ବିଚାରାଧୀନ ଅଛି । ଉକ୍ତ ନିୟମାବଳୀ ପ୍ରଣୟନ ହେଲା ପରେ ଗ୍ରନ୍ଥାଗାରିକ ପଦବିଗୁଡ଼ିକ ପୂରଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ । ପୁନଶ୍ଚ ଅନ୍ୟ ପଦବିଗୁଡ଼ିକ ପୂରଣ ପାଇଁ ଅର୍ଥ ବିଭାଗର କ୍ଷମତାପ୍ରାପ୍ତ କମିଟିର ଅନୁମୋଦନ ପ୍ରାପ୍ତ ହେବା ପରେ ଓଡ଼ିଶା କର୍ମଚାରୀ ଚୟନ ଆୟୋଗ ଓ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ଜରିଆରେ ପୂରଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।





# ରାଜ୍ୟ ସରକାର ମହିଳାଙ୍କ ପ୍ରତି ଥିବା ସମ୍ମାନ ଲାଗି ପ୍ରତିବଦ୍ଧତାର ପ୍ରମାଣ : ଜଙ୍ଗଲ ମନ୍ତ୍ରୀ

**କେନ୍ଦୁଝର, ନ୍ୟୁଜ**

ମହିଳାଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କ ବହୁ ଆକାଂକ୍ଷିତ ଯୋଜନା ସୁଭଦ୍ରାର ଫର୍ମ ବଣ୍ଟନ ଓ ଆବେଦନ ପ୍ରକ୍ରିୟା ଇତିମଧ୍ୟରେ ଆରମ୍ଭ ହୋଇସାରିଥିବାବେଳେ ଏହି ଯୋଜନା ସମ୍ପର୍କିତ ଲୋକଙ୍କ ଭିତରେ ରହିଯାଇଥିବା ଭ୍ରମ ଓ ଭ୍ରାନ୍ତ ଧାରଣାକୁ ଦୂର କରି ହିତାଧିକାରୀଙ୍କୁ ସଠିକ ତଥ୍ୟ ପ୍ରଦାନ ପୂର୍ବକ ସଚେତନ କରିବା ଲକ୍ଷ୍ୟ ନେଇ ସମଗ୍ର ରାଜ୍ୟରେ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରାଯାଇଥିବାର ଜଣାପଡିଛି। ପ୍ରାପ୍ତ ସୂଚନା ରୁ ପ୍ରକାଶ ଯେ,ଏହିପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାର ସମସ୍ତ ୧୩ ବ୍ଲକ ଓ ପୌରାଞ୍ଚଳର ଅଧିବାସୀଙ୍କୁ ସୁଭଦ୍ରା ଯୋଜନା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିବା ପାଇଁ ୭ ଗୋଟି ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରାଯାଇଥିବାର ପ୍ରକାଶ. ଏବଂ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ



ରାଜ୍ୟ ବୀମା ବିଭାଗର ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ସବୁଜ ପତାକା ପ୍ରଦର୍ଶନ କରି ଆନୁଷ୍ଠାନିକ ଭାବେ ଏହି ସୁସଜ୍ଜିତ ରଥର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ସାଂସଦ ଶ୍ରୀ ଅନନ୍ତ ନାୟକ, ପାଟଣା ବିଧାୟକ ଶ୍ରୀ ଅଖିଳ ଚନ୍ଦ୍ର ନାଏକ, ଜିଲ୍ଲାପାଳ ବିଶାଳ ସିଂହ, ବନଖଣ୍ଡ ଅଧିକାରୀ ଶ୍ରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସୁଧା ଗୋସ୍ୱାମୀ ଓ ଅନ୍ୟ ଜିଲ୍ଲା ଅଧିକାରୀ ଉପସ୍ଥିତ ଥିଲେ। ନିଜ ବିବୃତିରେ ମନ୍ତ୍ରୀ ଶ୍ରୀ ସିଂହଖୁଣ୍ଟିଆ ଏହି ଯୋଜନା ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କ ମହିଳା ମାନଙ୍କ ପ୍ରତି ଥିବା ସମ୍ମାନ ଓ ସେମାନଙ୍କ କଲ୍ୟାଣ ଲାଗି ଥିବା ପ୍ରତିବଦ୍ଧତାର ପ୍ରମାଣ ବୋଲି କହିଥିଲେ । ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଚାଲିଥିବା ଆବେଦନର କୌଣସି ଶେଷ ତାରିଖ ନାହିଁ, ସମସ୍ତ ଯୋଗ୍ୟ ମା ଓ ଭଉଣୀ ମାନଙ୍କୁ ଏହି ଯୋଜନାର ଲାଭ ନିଶ୍ଚୟ ମିଳିବ ବୋଲି କହିଥିଲେ । ଏହି ସଚେତନତା ରଥ ଚଳିତ ମାସ ୧୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳ ଗସ୍ତ କରି ଲୋକଙ୍କୁ ସଚେତନ କରିବ ।

# ସ୍ୱାବଲମ୍ବୀ ଓ ଆତ୍ମ ନିର୍ଭର କରିବା ଦିଗରେ ସରକାରଙ୍କ ଏକ ଅଭିନବ ଯୋଜନା : କ୍ରୀଡ଼ା ମନ୍ତ୍ରୀ

**ବାଲେଶ୍ୱର, ନ୍ୟୁଜ**

ମହିଳାଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ସୁଭଦ୍ରା ଯୋଜନା ସମ୍ପର୍କିତ ଲୋକଙ୍କ ଭିତରେ ରହିଯାଇଥିବା ଭ୍ରମ ଓ ଭ୍ରାନ୍ତ ଧାରଣାକୁ ଦୂର କରି ହିତାଧିକାରୀଙ୍କୁ ସଠିକ ତଥ୍ୟ ପ୍ରଦାନ ପୂର୍ବକ ସଚେତନ କରିବା ଲକ୍ଷ୍ୟ ନେଇ ସମଗ୍ର ରାଜ୍ୟରେ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସଭାବନା ସଭାଗୃହଠାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା, କ୍ରୀଡା ଏବଂ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସୁଭଦ୍ରା ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ରାଜ୍ୟରେ ମହିଳା ମାନଙ୍କର ଆର୍ଥିକ ସଶକ୍ତିକରଣ ସହ ସ୍ୱାବଲମ୍ବୀ ଓ ଆତ୍ମ ନିର୍ଭର କରିବା ଦିଗରେ ରାଜ୍ୟ



ସରକାରଙ୍କ ଏହା ଏକ ଅଭିନବ ଯୋଜନା ବୋଲି ମନ୍ତ୍ରୀ ଶ୍ରୀ ସୁରଜ କହିଥିଲେ। ୫ ବର୍ଷ ପର୍ଯ୍ୟନ୍ତ ପ୍ରତିବର୍ଷ ୧୦ ହଜାର ଲେଖାଏ କରି ଏକ କୋଟି ମହିଳାଙ୍କୁ ଏହି ସୁବିଧା ପ୍ରଦାନ କରାଯିବ । ମହିଳା ମାନଙ୍କ କଲ୍ୟାଣ ଦିଗରେ କାର୍ଯ୍ୟରତ ଏହି ଯୋଜନାକୁ ବ୍ୟାପକ କରିବା ନିମନ୍ତେ ସେ ସମସ୍ତ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଥିଲେ। ନିଜ ଅଭିଭାଷଣରେ ମନ୍ତ୍ରୀ ଶ୍ରୀ ସୁରଜ ଏହି ଯୋଜନା ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କ ମହିଳା ମାନଙ୍କ ପ୍ରତି ଥିବା ସମ୍ମାନ ଓ ସେମାନଙ୍କ କଲ୍ୟାଣ ଲାଗି ଥିବା ପ୍ରତିବଦ୍ଧତାର ପ୍ରମାଣ ବୋଲି କହିଥିଲେ। ଉକ୍ତ ସଭାରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବାଲେଶ୍ୱର (ସଦର) ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ମହିଳାଙ୍କ ଆର୍ଥିକ ଉତ୍ଥାନ ନିମନ୍ତେ ଏହି ଯୁଗାନ୍ତକାରୀ ପଦକ୍ଷେପକୁ ଘରେ ଘରେ ପହଞ୍ଚାଇବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ ଓ ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ ମଧ୍ୟ ଅନୁରୂପ ବାର୍ତ୍ତା ସହ ସୁଭଦ୍ରା ଯୋଜନା ମହିଳା ମାନଙ୍କୁ ରୋଜଗାରକ୍ଷମ କରି ଆତ୍ମ ନିର୍ଭର କରିବ ବୋଲି କହିଥିଲେ। ସଭା ପ୍ରାରମ୍ଭରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ଓ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ସମସ୍ତ କାର୍ଯ୍ୟକ୍ରମର ସୁପରିଚାଳନା କରିଥିବା ବେଳେ ଆସିଷ୍ଟାଣ୍ଟ କଲେକ୍ଟର ନାରାୟଣ ହେମ୍ବ୍ରମ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇ କୃଷ୍ଣ ଜେନା, ଡେପୁଟି କଲେକ୍ଟର ପୁରୁଷୋତ୍ତମ ମିଶ୍ର ଓ ଡିପିସି ମମତା ବାମଦେବ ପାଣିଗ୍ରାହୀ ସମସ୍ତ ସହଯୋଗ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ମଞ୍ଚ ପରିଚାଳନା କରିଥିଲେ । ଏଠାରେ ସୂଚନା ଥାଉକି, ଚଳିତ ମାସ ୧୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ୧୨ ଟି ବ୍ଲକ ଓ ୫ ପୌରାଞ୍ଚଳର ଅଧିବାସୀଙ୍କୁ ସୁଭଦ୍ରା ଯୋଜନା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିବା ପାଇଁ ୬ ଗୋଟି ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ, ସହରର ବୁଦ୍ଧିଜୀବୀ ତଥା ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

## ପାର୍ବଣକୁ ଆଖିରେ ରଖି ଆକ୍ସନ ମୋଡ଼ରେ କଟକ ମହାନଗରନିଗମ

# ବାସି ଓ ଅପମିଶ୍ରିତ ଖାଦ୍ୟ ବିକ୍ରି ରୋକିବାକୁ ସ୍ୱାସ୍ଥ୍ୟ ବିଭାଗର ଯାଞ୍ଚ ଆରମ୍ଭ

**କଟକ, ନ୍ୟୁଜ ବ୍ୟୁରୋ**

ପାର୍ବଣକୁ ଆଖିରେ ରଖି ଆକ୍ସନ ମୋଡ଼ରେ କଟକ ମହାନଗର ନିଗମ ସ୍ୱାସ୍ଥ୍ୟ ବିଭାଗ। କଟକ ରାଣୀହାଟ ଛକରେ ବିଭାଗ ପକ୍ଷରୁ ବିଭିନ୍ନ ରାସ୍ତାକଡ ଖାଦ୍ୟ ଷ୍ଟଲରେ ଯାଞ୍ଚ କରାଯାଉଛି । ସିଏମସି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ଫୁଡ ସେଫଟି ଅଧିକାରୀ ସମେତ ବିଭିନ୍ନ ଅଧିକାରୀ ଯାଞ୍ଚରେ ସାମିଲ ହୋଇଛନ୍ତି। ଗଣେଶ ପୂଜା ସହ କଟକରେ ପାର୍ବଣ ଆରମ୍ଭ ହୋଇଛି। ବାସି ଖାଦ୍ୟ, ଅପମିଶ୍ରିତ ଖାଦ୍ୟ ବିକ୍ରିକୁ ରୋକିବାକୁ ଯାଞ୍ଚ କରାଯାଉଛି। ପାର୍ବଣ ସମୟରେ କଟକରେ ବିଭିନ୍ନ ପ୍ରକାରର ଖାଦ୍ୟ ଖାଇବା ପାଇଁ ରାସ୍ତା କଡ଼ ଷ୍ଟଲ୍‌ରେ ପ୍ରବଳ ଭିଡ ଦେଖିବାକୁ ମିଳିଥାଏ। ତେଣୁ ସିଏମସି ସ୍ୱାସ୍ଥ୍ୟ ବିଭାଗ ରାସ୍ତା କଡ଼ର ଫାଷ୍ଟ ଫୁଡ଼, ମୋମୋ, ଚାଟ, ଜଳଖିଆ ଦୋକାନରେ ପହଂଚି ଯାଞ୍ଚ କରିଛନ୍ତି। ଅପମିଶ୍ରିତ ଓ ବାସୀ ଖାଦ୍ୟକୁ ନଷ୍ଟ କରାଯାଇଛି। ଏହା ସହ ଯେଉଁ ବ୍ୟବସାୟୀଙ୍କ ପାଖରେ ଫୁଡ଼ ଲାଇସେନ୍ସ ନାହିଁ, ସେମାନଙ୍କୁ ସ୍ୱାସ୍ଥ୍ୟ ବିଭାଗ ଫାଇନ କରିଛି।

# ୧୩୫ଟି ବ୍ୟାଙ୍କ ସହ ୧୨୨ଟି ଡାକଘରେ ଆଧାର ଅପଡେଟ୍ ପାଇଁ ଜିଲ୍ଲାପାଳଙ୍କ ନିଷ୍ପତି



**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାରଙ୍କର ଲୋକପ୍ରିୟ ସୁଭଦ୍ରା ଯୋଜନାକୁ ଘରେ ଘରେ ପହଁଚାଇବା ପାଇଁ କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ଉଦ୍ୟମ ଜାରି ରଖିଛି । ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଏଲଡିଏମ୍ ମନୋଜ ପ୍ରଧାନୀ, ଡାକ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଓ କେନ୍ଦ୍ରାପଡା ବ୍ୟାଙ୍କର ସମସ୍ତ ଶାଖା ପରିଚାଳକ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରେ ସୁଭଦ୍ରା ଯୋଜନାରେ ଆବେଦନ କରୁଥିବା ହିତାଧିକାରୀ ମାନଙ୍କର ଆଧାରକାର୍ଡ ଠିକ୍ କରିବା, ବ୍ୟାଙ୍କ ଖାତା ସହିତ ସଂଯୋଗ କରିବା, ମୋବାଇଲ ନଂକୁ ସଂଯୋଗ କରିବା ପାଇଁ ଜିଲ୍ଲାର ୨୫୭ଟି କେନ୍ଦ୍ରରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଆଲୋଚନା ହୋଇଛି । ଜିଲ୍ଲାରେ ଥିବା ୧୩୫ଟି ବ୍ୟାଙ୍କ ସହିତ ୧୨୨ଟି ଡାକଘର, ଉପ ଡାକଘର କେନ୍ଦ୍ର ମାନଙ୍କରେ ଆଧାର କାର୍ଡ ଅପଡେଟ୍ କରିବା ପାଇଁ ନିଷ୍ପତି ନିଆଯାଇଛି । କୌଣସି ହିତାଧିକାରୀ ସୁଭଦ୍ରା ଯୋଜନାରେ ଆବେଦନ କରିବା ପାଇଁ ଅସୁବିଧାର ସମ୍ମୁଖୀନ ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ସମସ୍ତ ଶାଖା ପରିଚାଳକ ଓ ଡାକଘର ପୋଷ୍ଟମାଷ୍ଟର, ଉପ ପୋଷ୍ଟ ମାଷ୍ଟରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ବିନା ପରିଚୟ ପତ୍ରରେ ରେଭେନ୍ସା ମନା

**କଟକ, ନ୍ୟୁଜ ବ୍ୟୁରୋ**

ରେଭେନ୍ସା ବିଶ୍ୱ ବିଦ୍ୟାଳୟ ନାମ ପରିବର୍ତ୍ତନ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରସ୍ତାବକୁ ନେଇ ଦେଖାଦେଇଥିବା ବିବାଦ ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଏଥିପାଇଁ ରେଭେନ୍ସା କର୍ତ୍ତୃପକ୍ଷ ବିଶ୍ୱବିଦ୍ୟାଳୟ ପରିସରର ସୁରକ୍ଷାକୁ କଡାକଡି କରିଛନ୍ତି। ରେଭେନ୍ସା ପରିସରକୁ ପ୍ରବେଶ କରୁଥିବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପରିଚୟ ପତ୍ର ଯାଞ୍ଚ କରାଯିବା ସହ ପରିସରକୁ ଆସୁଥିବା ବ୍ୟକ୍ତିଙ୍କୁ ଆସିବାର ନିର୍ଦ୍ଦିଷ୍ଟ କାରଣ ପଚରାଯାଉଛି। ଯେଉଁମାନଙ୍କ ନିକଟରେ ପରିଚୟ ପତ୍ର କିମ୍ବା ଆସିବାର ଯୁକ୍ତିଯୁକ୍ତ କାରଣ ନାହିଁ, ସେମାନଙ୍କୁ ପରି ସର ମଧ୍ୟକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଉନାହିଁ। ଆଜିଠାରୁ ୩ ଦିନ ଛୁଟି ପାଇଁ ଅବଶ୍ୟ ହଷ୍ଟେଲ ଛାତ୍ରଛାତ୍ରୀ ଘରକୁ ପଳାଉଥିବାରୁ ବିଶ୍ୱ ବିଦ୍ୟାଳୟ ପରିଚୟ ଏକ ପ୍ରକାର ଶୂନଶାନ୍ ହୋଇଯାଇଥିବା ଦେଖିବାକୁ ମିଳିଛି। ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ଶାନ୍ତି ବଜାୟ ରଖିବା ପାଇଁ ପୁଲିସ୍ ମୁତୟନ କରିବାକୁ ଡିସିପିଙ୍କୁ ଚିଠି ଲେଖିବା ପରେ ଶୁକ୍ରବାର ସନ୍ଧ୍ୟାରୁ ମୁଖ୍ୟ ଫାଟକରେ ପୁଲିସ୍ ମୁତୟନ ହୋଇଛନ୍ତି।

# ଫାଇନ୍ ନୁହେଁ ଜୀବନ ପାଇଁ ହେଲମେଟ୍ ନିହାତି ଦରକାର : ୩ଟି 'ଇ' ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ

**ଭଦ୍ରକ, ନ୍ୟୁଜ ବ୍ୟୁରୋ**

ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆଞ୍ଚଳିକ ପରିବହନ ଉପ ବିଭାଗ ଜରିଆରେ ସଦ୍‌ଭାବନା ସଭା ଗୃହରେ ୪୦ତମ ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ଦିଲୀପ୍ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଭଦ୍ରକ ଏସ୍.ପି. ବରୁଣ ଗୁଣ୍ଟୁପାଲି, ଉପଜିଲ୍ଲାପାଳ ମନୋଜ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ବୈଠକ ତାଙ୍କ ପାଇଁ ପ୍ରଥମ ଥିଲା । ଦୁଇ ଚକିଆ ଯାନରେ ୩ଜଣ ବସିବା, ଫାଇନ୍‌ରୁ ବର୍ତ୍ତିବା ପାଇଁ ପୋଲିସ୍ ଦେଖିଲେ ହେଲମେଟ୍ ପିନ୍ଧିବା ଓ ପରେ ମୁଣ୍ଡରୁ କାଢ଼ି ବ୍ୟାଗ୍‌ରେ ରଖିଦେବା, ସଡ଼କ ସୁରକ୍ଷା ନିୟମ ଅନୁପାଳନରେ ଆମେ କେତେ ବେଖିଆଲି ଦକ୍ଷିଣ କୋରିଆ ଗସ୍ତରେ ଜିଲ୍ଲାପାଳ ତାଙ୍କ ଅନୁଭୂତି ଓ ଅବତାରଣା ଆଧାରରେ ପ୍ରକାଶ କରିଥିଲେ ।

ଭଦ୍ରକ ଜିଲ୍ଲାରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମର ବାସ୍ତବ ଚିତ୍ର ସମୀକ୍ଷା କରିବାକୁ ଯାଇ ଜିଲ୍ଲାପାଳ କାର୍ଯ୍ୟସୂଚୀ ଅନୁଯାୟୀ ଆର.ଟି.ଓ. ରାମ ନିବାସ ସିର୍କାଙ୍କ ଦ୍ୱାରା ଉପସ୍ଥାପିତ ତଥା ଆଧାରରେ ଟିକିନିଖି ସମୀକ୍ଷା କରିଥିଲେ । ବିଗତ ଦୁଇ ବର୍ଷରେ ଭଦ୍ରକ ଜିଲ୍ଲାରେ ହୋଇଥିବା ସଡ଼କ ଦୁର୍ଘଟଣାର ତୁଳନାତ୍ମକ ତଥ୍ୟକୁ ତନଖିବା ସହ ଗତ ବୈଠକର ନିଷ୍ପତ୍ତି କାର୍ଯ୍ୟକାରୀତା, ଶିକ୍ଷା ସଚେତନତା କାର୍ଯ୍ୟକ୍ରମ, ବିଭିନ୍ନ ଜରୁରୀକାଳୀନ ସେବା, ଗୃହ ଓ ନଗର ଉନ୍ନୟନ ବିଭାଗ, ଜାତୀୟ



ରାଜପଥ କର୍ତ୍ତୃପକ୍ଷଙ୍କ ଦ୍ୱାରା ହେବାକୁ ଥିବା କାର୍ଯ୍ୟକ୍ରମ ଉପରେ ଜିଲ୍ଲାପାଳ ଆଲୋକପାତ କରିଥିଲେ । ବୈଠକରେ ପ୍ରଦତ୍ତ ବର୍ଷଓ୍ୱାରୀ ତୁଳନାତ୍ମକ ସଡ଼କ ଦୁର୍ଘଟଣା ତଥ୍ୟ ନଥିଯାୟୀ ବିଗତ ଦୁଇବର୍ଷ ତୁଳନାରେ ଅଗଷ୍ଟ ସୁଦ୍ଧା ଚଳିତ ବର୍ଷର ଦୁର୍ଘଟଣା ଓ ମୃତ୍ୟୁ ହାର ଅପେକ୍ଷାକୃତ କମ୍ ଥିଲେ ବି ଆଶାଜନକ ହ୍ରାସ ଘଟି ନାହିଁ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଏଥିପାଇଁ ସଡ଼କ ସୁରକ୍ଷାରେ ପ୍ରମୁଖ ଭୂମିକା ରଖୁଥିବା ୩ଟି 'ଇ'ର ଗୁରୁତ୍ୱ କଥା ବୁଝାଇଥିଲେ । ଏଜୁକେଶନ ଅର୍ଥାତ୍ ଶିକ୍ଷା, ଏନ୍‌ଫୋର୍ସମେଣ୍ଟ ବା ଧରପଗଡ଼ ଓ ଇଞ୍ଜିନିୟରିଂ ବା ରାସ୍ତା ନିର୍ମାଣରେ ତ୍ରୁଟି ସୁଧାର ଉପରେ ପ୍ରାଧାନ୍ୟ ଦିଆଗଲେ ସଡ଼କ ସୁରକ୍ଷାରେ ସଫଳତା ମିଳିବ ବୋଲି ସେ ପ୍ରକାଶ କରିଥିଲେ। ଶିକ୍ଷା ସଚେତନତା ବୃଦ୍ଧି ପାଇଁ ସ୍କୁଲ ସ୍ତରରେ ଉଦ୍ଦିଷ୍ଟ ପ୍ରାମାଣିକ ଚଳଚିତ୍ର ପ୍ରଦର୍ଶନ, ସଡ଼କ ସୁରକ୍ଷା ନେଇ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଇ ଆଗାମୀ ଶିଶୁ ଦିବସ ପାଳନ ଅବସରରେ ପୁରସ୍କୃତ କରିବାକୁ ଡ଼ିଇଓଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଗତ ୩୯ତମ ସଡ଼କ ସୁରକ୍ଷା ବୈଠକ ବିବରଣୀର ସମୀକ୍ଷା ଆଧାରରେ ସଂପୃକ୍ତ ବିଭାଗ ଦ୍ୱାରା କାର୍ଯ୍ୟ ସମ୍ପାଦନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିବା ସହ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବାକୁ ଆଦେଶ ପ୍ରଦାନ କରିଥିଲେ । ବନ୍ତ ଛକରୁ ବସନ୍ତିଆ ପର୍ଯ୍ୟନ୍ତ ରାସ୍ତାରେ ଥିବା ଅତ୍ୟଧିକ ଉଚ୍ଚତା ବିଶିଷ୍ଟ ହମ୍ପସ୍‌ର ଉଚ୍ଚତା କମାଇବା ପାଇଁ କମିଟି ସଦସ୍ୟ ସମ୍ବାଦିକ ରୋଟାରିଆନ୍ ଅତିସ୍ ବେହେରାଙ୍କ ଦାବୀ ବାରମ୍ବାର ଉପସ୍ଥାପନ ପରେ ବି କାର୍ଯ୍ୟ ନହେବା ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ପ୍ରକାଶ କରିଥିଲେ । ଅନ୍ୟତମ କମିଟି ସଦସ୍ୟ ବସ୍ ସିଣ୍ଡିକେଟ୍ ସଭାପତି ଶ୍ରୀନିବାସ ପତି ଜାତୀୟ ରାଜପଥରେ ଆଲୁଅ ନଜଳିବା, ଭଦ୍ରକ ସହର, ଆଖଣ୍ଡଳ ମଣି ମନ୍ଦିର ଆଦିକୁ ରାସ୍ତା ସମ୍ବନ୍ଧୀୟ ଫଳକ ନଲଗାଯିବା, ଆରଡ଼ି.ଛକ ରାସ୍ତା ଓ ବିଷ୍ଣୁପୁର ଠାରେ ନିର୍ମାଣଧୀନ ଫ୍ଲାଇ ଓଭର ବ୍ରିଜ୍ ସମ୍ପୂର୍ଣ୍ଣ ନହେବା ଆଦି ସମସ୍ୟାର ସମାଧାନ ପାଇଁ ବୈଠକରେ ଉପସ୍ଥିତ ଜାତୀୟ ରାଜପଥ ଅଧୀକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଅଜଣା ଯାନ ବାହାନ ଦ୍ୱାରା ଧକ୍କା ଯୋଗୁଁ (ହିଟ୍ ଆଣ୍ଡ ରନ୍) ଦୁର୍ଘଟଣା ମାମଲାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଓ ଗୁରୁତର ଆହତଙ୍କୁ ୫୦ ହଜାର ଟଙ୍କା ସହାୟତା ମିଳିବା ଏବଂ ଦୁର୍ଘଟଣା ପୀଡ଼ିତ ବ୍ୟକ୍ତିଙ୍କୁ ଡ଼ାକ୍ତରଖାନାରେ ପହଞ୍ଚାଇଥିବା ଲୋକଙ୍କ ବିରୁଦ୍ଧରେ ପୋଲିସ୍ କେଶ୍ କରାନଯାଇ ୨ ହଜାର ଟଙ୍କା ପୁରସ୍କାର ପ୍ରଦାନ ଭଳି ଗୁଡ଼ ସମାରିଟାନ୍ ନୀତି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଅନ୍ୟତମ କମିଟି ସଦସ୍ୟ ରବିନାରାୟଣ ଖିଲାରଙ୍କ ସହ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ । ଆର.ଟି.ଓ. କାର୍ଯ୍ୟାଳୟର ଅଧିକାରୀ ଆସିଷ୍ଟାଣ୍ଟ ଆର୍.ଟି.ଓ. ଶ୍ରୀକାନ୍ତ ଦାସ, ଜୁନିୟର ଆସିଷ୍ଟାଣ୍ଟ ଟ୍ରାନସ୍‌ପୋର୍ଟ ବିଶ୍ୱଜିତ ଲେଙ୍କା, କର୍ମଚାରୀ ଓ୍ୱସିମ୍ ଅଖତର ଖାନ୍ ଏହି ବୈଠକ ଆୟୋଜନ ଓ ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ।

# ସୁଭଦ୍ରା ରଥର ଶୁଭାରମ୍ଭ କଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

## ରାଜ୍ୟରେ ଏକ ଯୁଗାନ୍ତକାରୀ ଯୋଜନା ସହ ସମ୍ପୂର୍ଣ୍ଣ ଦେୟ ମୁକ୍ତ




**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସରକାରଙ୍କ ଯୁଗାନ୍ତକାରୀ ସୁଭଦ୍ରା ଯୋଜନା ର ସଚେତନତା ନିମନ୍ତେ ଜିଲ୍ଲାରେ ୩ ଗୋଟି ସୁଭଦ୍ରା ରଥକୁ ମନ୍ତ୍ରୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ସଂସଦୀୟ ବ୍ୟାପାର ଓଡିଶା ଡ. ମୁକେଶ ମହାଲିଙ୍ଗ ଓ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଛନ୍ତି । ଏହି ସୁଭଦ୍ରା ରଥ ଜିଲ୍ଲାର ସମସ୍ତ ଗ୍ରାମ ପଞ୍ଚାୟତ କୁ ପରିକ୍ରମା କରି ଯୋଜନା ସମ୍ବନ୍ଧରେ ସଚେତନତା କରିବ। ଅଦ୍ୟ ଶୁଭାରମ୍ଭ ତିନିଗୋଟି ସୁଭଦ୍ରା ରଥ ତା ଶନିବାର ଠାରୁ ତା ବୁଧବାର ପର୍ଯ୍ୟନ୍ତ ଜିଲ୍ଲାର ବୀରମହାରାଜପୁର, ସୋନପୁର ଓ ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳ ପରିକ୍ରମା କରିବାକୁ ଥିବା ବେଳେ ତା ଆସନ୍ତା ଗୁରୁବାର ଠାରୁ ୧୬/୦୯/୨୪ ପର୍ଯ୍ୟନ୍ତ ବିନିକା, ଉଲୁଣ୍ଡା ଓ ତରଭା ବ୍ଲକ ଅଞ୍ଚଳ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି । ପରେ ପରେ ମନ୍ତ୍ରୀ ଡ. ମହାଲିଙ୍ଗ ଓ ବିଧାୟକ ବୀରମହାରାଜପୁର ଇଂ ଜଗଦଲା ଜିଲ୍ଲାରେ ସୁଭଦ୍ରା ଯୋଜନାର ସଫଳ କାର୍ଯ୍ୟକାରିତା ଓ ରୂପାୟନ ନିମନ୍ତେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଆଲୋଚନା ବୈଠକରେ ଯୋଗଦାନ କରି ଏହି ଯୋଜନା ରାଜ୍ୟରେ ଏକ ଯୁଗାନ୍ତକାରୀ ଯୋଜନା ହୋଇଥିବା ବେଳେ ଯୋଜନାର ପ୍ରକ୍ରିୟା ସମ୍ପୂର୍ଣ୍ଣ ଦେୟ ମୁକ୍ତ, ଆବେଦନ ନିମନ୍ତେ ସମୟ ସୀମାରେ କୌଣସି ନିର୍ଦ୍ଦିଷ୍ଟ ଅବଧି ନାହିଁ, ଏହି ଯୋଜନାରେ ସାମିଲ ହେବା ଏକ ନିରନ୍ତର ପ୍ରକ୍ରିୟା ଏଣୁ ଆବେଦନ ନିମନ୍ତେ କୌଣସି ପ୍ରକାର ଅଧର୍ଯ୍ୟ ନହୋଇ ହିତାଧିକାରୀ ଯେ କୌଣସି ଦିନରେ ମଧ୍ୟ ସାମିଲ ହୋଇପାରିବେ ବୋଲି କହିଥିଲେ। ବିଧାୟକ ବୀରମହାରାଜପୁର ଇଂ ରଘୁନାଥ ଜଗଦଲା,ଯୋଜନା ର ସଫଳତା ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ କହିବା ସହ ଏହାକୁ ସଫଳ କରିବାକୁ ଜିଲ୍ଲାବାସୀ ଙ୍କୁ ଆହ୍ୱାନ କରିଥିଲେ।ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ବୈଠକରେ ସ୍ୱାଗତ କରିବା ସହ ଯୋଜନାର ସଫଳ ରୂପାୟନ ନିମନ୍ତେ ଜିଲ୍ଲାସ୍ତରୀୟ ପଦକ୍ଷେପ ଉପରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ କୁମାର ମେହେର ଜିଲ୍ଲାପ୍ରଶାସନ ତରଫରୁ ନିଆଯାଇଥିବା ପଦକ୍ଷେପ ଉପରେ ବିସ୍ତୃତ ଭାବେ ସୂଚୀତ କରିଥିଲେ। ଦିବସରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଡି ଏସ ଡବ୍ଲୁ ଓ ଅନୁପମା ପଣ୍ଡା, ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ମିଶନ ଶକ୍ତି ସଦସ୍ୟା, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ନେତୃ ସ୍ଥାନୀୟ ବ୍ୟକ୍ତି ବିଶେଷ, ସାମ୍ବାଦିକ, ବିଭାଗୀୟ ଅଧିକାରୀ ପ୍ରମୁଖ ବହୁ ସଂଖ୍ୟାରେ ଉପସ୍ଥିତ ରହିଥିଲେ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**






**ମେଷ:** ମାନସିକ ଅସ୍ଥିରତା ଭିତରେ ଗତି କରିବେ । ଅନ୍ୟର ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ । ଯାନବାହାନ କ୍ରୟ କରିବାର ସୁଯୋଗ । ଆୟରେ ଉନ୍ନତି ହେବ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ ।



**ବୃଷ:** କର୍ମକ୍ଷେତ୍ରରେ ଉଚ୍ଚ କର୍ମକର୍ତ୍ତା ଆପଣଙ୍କର ସାହାଯ୍ୟ ଲୋଡ଼ିବେ । ବାଦବିବାଦ ଜଟିଳ ହେଲେ ମଧ୍ୟ ସଫଳତା ମିଳିବ । ପୁରାତନ ବନ୍ଧୁଙ୍କ ଦର୍ଶନ ମିଳିବ । ଆୟ ଓ ବ୍ୟୟ ସମାନ ରହିବ । ଗୃହରେ ଶାନ୍ତି ଅବ୍ୟାହତ ରହିବ ।



**ମିଥୁନ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ କରିବାର କ୍ଷମତା ଆସିବ । ଭାଗ୍ୟବାନ ହେବେ । ବ୍ୟବସାୟରେ ସମସ୍ୟାର ସମାଧାନ ହେବ । ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ । ଘରେ ଆନନ୍ଦ ଉଲ୍ଲାସ ଲାଗି ରହିବ ।



**କର୍କଟ:** କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ଖୁସି କରିବାକୁ ଯାଇ ଅପଦସ୍ଥ ହେବେ । ଦୟାଳୁ ହେବେ । ରାଜନୀତି କ୍ଷେତ୍ରରେ ନେତୃତ୍ୱ ଗ୍ରହଣ କରି ପ୍ରଶଂସିତ ହେବେ । ରୋଜଗାର ମଧ୍ୟମ ହେବ । ଗୃହରେ ସାମାନ୍ୟ ଦ୍ୱନ୍ଦ୍ୱ ।



**ସିଂହ:** ଆଜି ଦିନଟି ଆପଣଙ୍କ ପାଇଁ ଶୁଭ । ଅପରାହ୍ନେ ଶୁଭ ଖବର ମିଳିପାରେ । ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ଅପଦସ୍ଥ ହେବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ରୋଜଗାରରେ ଉନ୍ନତି ହେବ ।



**କନ୍ୟା:** ଯାନବାହାନ କ୍ରୟ କରିବେ । ଶ୍ରେଷ୍ଠ ସମ୍ମାନର ଅଧିକାରୀ ହେବେ । ଘରର ଉପକାର କରିବେ । ବ୍ୟୟ ଅପେକ୍ଷା ଆୟର ମାତ୍ରା ବଢ଼ିପାରେ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଭ୍ରମଣ ଯୋଗ ମଧ୍ୟ ରହୁଛି । ଦେହ ଭଲ ରହିବ ।



**ତୁଳା:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ପ୍ରସନ୍ନତା ଲାଭ କରିବେ । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ । ଆଜିର ଯାତ୍ରାରେ ସଫଳତା ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଆନନ୍ଦ ।



**ବିଛା:** ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହୋଇଯିବ । ତଥାପି ଆଜି ଦିନଟା ଜଗିରଖି ଚଳିବେ । ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ । ବିଜୟୀ ହେବେ । ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ । ଶୁଭ ଖବର ପ୍ରାପ୍ତ ହେବ ।



**ଧନୁ:** ଯାତ୍ରା ଓ ବାଣିଜ୍ୟ କ୍ଷେତ୍ରରେ ସଫଳତା ମିଳିବ । କର୍ମକ୍ଷେତ୍ରରେ ଦାୟିତ୍ୱହୀନତା ଅଭାବରୁ ଅସୁବିଧାର ସମ୍ମୁଖୀନ ହେବେ । ଆୟର ପରିମାଣ ବଢ଼ିବ । ପରିବାରରେ ଶାନ୍ତି ବଜାୟ ରହିବ । ଦୟାଳୁ ହେବେ ।



**ମକର:** ଶତ୍ରୁମାନେ ପରାଜିତ ହେବେ । ଦେହ ଓ ମନ ଭଲ ରହିବ । ପରିବହନ କ୍ଷେତ୍ରରେ ସମସ୍ୟା ଦେଖାଦେବ। ଖର୍ଚ୍ଚର ପରିମାଣ ବଢ଼ିବ । ପାରିବାରିକ ସମସ୍ୟା ଲାଗି ରହିବ । ଶିକ୍ଷାରେ ଶୁଭଫଳ ମିଳିବ । ମହିଳାମାନେ ଗର୍ବୀ ହେବେ ।



**କୁମ୍ଭ:** ଅନେକ ଦିନ ଧରି ଅଟକି ରହିଥିବା କାର୍ଯ୍ୟ ଗୁଡ଼ିକ ତ୍ୱରାନ୍ୱିତ ହେବ । ଶାରୀରିକ ଅସୁସ୍ଥତା ଦେଖାଦେବ । ମନ ଅସ୍ଥିର ରହିବ । ରେଜାଗାରର ପରିମାଣ ବଢ଼ିବ । ଗୃହେ ଶାନ୍ତି ଲାଭ ହେବାର ସୂଚନା ।



**ମୀନ:** କର୍ମକ୍ଷେତ୍ରରେ ଆଶାନୁରୂପ ଫଳ ମିଳିବ । ଅପରାହ୍ନେ ଟେନ୍‌ସନ୍ ଟିକେ ବଢ଼ିଯିବ। ଆଜିର ଯାତ୍ରାରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ । କାର୍ଯ୍ୟ ହାସଲ ହେବ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଆନନ୍ଦ ।

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୯।୯।୨୦୨୪, ଭାଦ୍ରବ ଦି୨୫ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୩୨।୪୫** **ଚନ୍ଦ୍ରୋଦୟ- ଦିଘ୧୦।୨୭।୧୧**

**ଷଷ୍ଠୀ-** ରାଘ ୯।୫୪ ପର୍ଯ୍ୟନ୍ତ । **ବିଶାଖା ନକ୍ଷତ୍ର-** ସଂଘ ୬।୦୫ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଦିଘ ୧୧।୨୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ଦିଘ ୧୧।୨୭ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ ରାଘ ୯।୫୪ ପରେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୭ ଗତେ ଘ ୭।୦୮ ମଧ୍ୟେ। ଦିଘ ୧୦।୩୦ ଗତେ ଘ ୧୨।୫୭ ମଧ୍ୟେ । **ପର୍ବୋତ୍ସବ -** ଷଠୀ ଓଷା, ସୋମନାଥ ବ୍ରତ ଆରମ୍ଭ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୦।୯।୨୦୨୪, ଭାଦ୍ରବ ଦି୨୬ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୩୩।୦୮** **ଚନ୍ଦ୍ରୋଦୟ- ଦିଘ୧୧।୧୨।୧୨**

**ସପ୍ତମୀ-** ରାଘ ୧୧।୧୨ ପର୍ଯ୍ୟନ୍ତ । **ଅନୁରାଧାନକ୍ଷତ୍ର-** ସଂଘ ୮।୦୩ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ଦିଘ ୧୧।୨୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ରାଘ ୧୧।୧୨ ପରେ ନଡିଆ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୦ ଗତେ ଘ ୧୦।୩୦ ମଧ୍ୟେ। ଦିଘ ୧୨।୫୬ ଗତେ ଘ ୧।୧୫ ମଧ୍ୟେ । **ପର୍ବୋତ୍ସବ -** ଲଳିତା ସପ୍ତମୀ, କୁକ୍କୁଟୀ ବ୍ରତ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଭାରତର କମ୍ କର୍ମଚାରୀ କାମରେ ସଫଳ

ଭାରତରେ କାର୍ଯ୍ୟ କରୁଥିବା ଲୋକମାନେ ନିଜ କାମରେ ବିଶେଷ ସନ୍ତୁଷ୍ଟ ନାହାନ୍ତି। ଅଧିକାଂଶ କର୍ମଚାରୀ ନିଜର ଜୀବନକୁ ସଂଘର୍ଷରତ ଓ ଦୁଃଖମୟ ବୋଲି କହିଛନ୍ତି। ଗ୍ୟାଲପ୍ର ବିଶ୍ୱ କର୍ମକ୍ଷେତ୍ର ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। କାର୍ଯ୍ୟକ୍ଷେତ୍ରରେ ସନ୍ତୁଷ୍ଟିକୁ ନେଇ ଭାରତର ପ୍ରଦର୍ଶନ ନେପାଳଠାରୁ ବି ଖରାପ ରହିଛି। ଗ୍ୟାଲପ୍ ରିପୋର୍ଟ ଅନୁସାରେ ଭାରତରେ ମାତ୍ର ୧୪ ପ୍ରତିଶତ କର୍ମଚାରୀ କାମରେ ସଫଳ ଥିବା କହିଛନ୍ତି। ଅବଶିଷ୍ଟ ୮୬ ପ୍ରତିଶତ କର୍ମଚାରୀ କର୍ମକ୍ଷେତ୍ରରେ ସଂଘର୍ଷ କରୁଥିବା କିମ୍ବା ଦୁଃଖୀ ଥିବା କହିଛନ୍ତି। କେବଳ ଭାରତ ନୁହେଁ ସମଗ୍ର ଦକ୍ଷିଣ ଏସିଆରେ ଏଭଳି ସ୍ଥିତି ରହିଛି। ବିଶ୍ୱସ୍ତରରେ ହାରାହାରି ଭାବେ ୩୪ ପ୍ରତିଶତ କର୍ମଚାରୀ ନିଜକୁ ସଫଳ ବିବେଚନା କରୁଥିବା ବେଳେ ଦକ୍ଷିଣ ଏସିଆରେ ଏହି ହାର ଯଥେଷ୍ଟ କମ୍ ରହିଛି।

ଏହି ସର୍ବେକ୍ଷଣରେ ଭାଗ ନେଇଥିବା ୩୫ ପ୍ରତିଶତ ଭାରତୀୟ କହିଛନ୍ତି ଯେ ପ୍ରତିଦିନ ସେମାନଙ୍କୁ ରାଗ ଲାଗୁଛି ଯାହା ଦକ୍ଷିଣ ଏସିଆରେ ସର୍ବାଧିକ। ୩୨ ପ୍ରତିଶତ କର୍ମଚାରୀ କହିଛନ୍ତି ଯେ ସେମାନେ ଚାପରେ ଅଛନ୍ତି। ଏହି ହାର କିନ୍ତୁ ସବୁଠୁ କମ୍ ରହିଛି। ଶ୍ରୀଲଙ୍କାର ୬୨ ପ୍ରତିଶତ ଏବଂ ଆଫଗାନିସ୍ତାନର ୫୮ ପ୍ରତିଶତ କର୍ମଚାରୀ ଚାପରେ ଥିବା କହିଛନ୍ତି। ଭାରତୀୟ କର୍ମଚାରୀମାନେ କାମକୁ ନେଇ ଏତେଟା ସନ୍ତୁଷ୍ଟ ନଥିଲେ ମଧ୍ୟ କାମ ସହିତ ଯୋଡ଼ିହୋଇରହିବାରେ ସେମାନେ ଅନ୍ୟ ଦେଶର କର୍ମଚାରୀଙ୍କଠାରୁ ଆଗରେ ରହିଛନ୍ତି। ଭାରତରେ କର୍ମଚାରୀ ସମ୍ପୃକ୍ତି ହାର ୩୨ ପ୍ରତିଶତ ରହିଛି ଯାହା ବିଶ୍ୱର ହାରାହାରି ହାର ୨୩ ପ୍ରତିଶତଠାରୁ ଅଧିକ।

ଗ୍ୟାଲପ୍ ପକ୍ଷରୁ ବିଭିନ୍ନ ଦେଶର କର୍ମଚାରୀମାନଙ୍କ ଶାରିରୀକ ଓ ମାନସିକ ସ୍ଥିତିକୁ ଅନୁଶୀଳନ କରି ସେମାନଙ୍କୁ ସଫଳ, ସଂଘର୍ଷରତ ଓ ଦୁଃଖୀ ଭଳି ତିନିଟି ବର୍ଗରେ ଭାଗ କରାଯାଇଛି। ଯେଉଁମାନେ ନିଜର ବର୍ତ୍ତମାନ ଓ ଭବିଷ୍ୟତ ସମ୍ଭାବନାକୁ ନେଇ ସକାରାତ୍ମକ ମତ ଦେଇଥିଲେ ସେମାନଙ୍କୁ ସଫଳ ବର୍ଗରେ ରଖାଯାଇଛି। ଯେଉଁମାନେ ନକାରାତ୍ମକ ମତ ଦେଇଥିଲେ ଏବଂ ଦୈନିକ ଚାପ ଓ ଆର୍ଥିକ ସମସ୍ୟା ଦେଇ ଗତି କରୁଥିବା କହିଥିଲେ ସେମାନଙ୍କୁ ସଂଘର୍ଷରତ ବର୍ଗରେ ରଖାଯାଇଛି। ଶାରିରୀକ ଓ ମାନସିକ ଯନ୍ତ୍ରଣା ଭୋଗୁଥିବା କହିଥିବା କର୍ମଚାରୀମାନଙ୍କୁ ଦୁଃଖୀ ବର୍ଗରେ ରଖାଯାଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,**
**କମଳା, ଶ୍ରୀ ହରପ୍ରିୟା**
**ଇନ୍ଦିରା, ଲୋକ ମାତା, ମା'**
**କ୍ଷୀରବ୍ଧୀ ତନୟା ରମା ।'**

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୂରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

(କ୍ରମଶଃ)

# ନଈ : ଏପାରି ସେପାରି


ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା – ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଏକ ନଈ ଦୁଇ କୂଳ। ନଈ ଏପାରି ସେପାରି। ଏପଟେ ଦୁଃଖ, ଯାତନା, ଯନ୍ତ୍ରଣା, ଶୋକ, ଜରା, ବ୍ୟାଧି। ସେପାଖେ ସୁବାସିତ ମହକ। ଚନ୍ଦନ ବନରେ ମହମହ ବାସ୍ନା। ବସିଛନ୍ତି ମନ ମୋହନିଆ। ହାତଠାରି ଇଙ୍ଗିତ ଦିଅନ୍ତି। ସେଇଠି ପହଞ୍ଚିବାକୁ ହେବ। ତା' ପରେ ଜୀବନର ସାର୍ଥକତା। ଜୀବ ପରମର ମିଳନ। ନଈ ସେପାଖ ଅପହଞ୍ଚ। କେବେ ଜୁଆରିଆ, ଅବା ବନ୍ୟା ପ୍ଲାବିତ। ଦି' କୂଳ ଖାଏ। ହଜିଯାଏ ଜୀବନର ସୁଖ, ଶାନ୍ତି, ଆନନ୍ଦ ଟିକକ। ଠିକ୍ ଜୀବନ ଏକ ନଈ। କେବେ କୁଳକୁଳୁ ନାଦର ଶାମ ସଂଗୀତ। କେତେବେଳେ ସେ କରାଳୀ, ଉଗ୍ରରୂପ ଧାରିଣୀ। ସ୍ରୋତ ପ୍ରଖର, ଭାସମାନ ଜୀବନ ତରୀ। ଝଲକାଏ ପବନ, ଝଲକାଏ ପାଣି, ତା' ପରେ ସବୁ ଶେଷ। ତଥାପି ଘର ବସେଇବାକୁ ପଡ଼ିବ। ସୁଖର ଅନ୍ୱେଷଣ କରିବାକୁ ହେବ। ସେଇ ସୁଖ ଟିକକ, ଭିନ୍ନ ଭିନ୍ନ। ତାହା ଦେଖିବା ଲୋକଙ୍କ ଆଖିରେ। ଦୁଃଖ ଗୁରୁଙ୍କର ପଟ୍ଟଶିଷ୍ୟ। ସେମାନଙ୍କ ପାଇଁ ସୁଖ ଆକାଶ କଇଁଆ, ଚିଲିକା ମାଛ। ଯୋଗୀ ମୁନି ଋଷିଏ, ତାଙ୍କ ପାଇଁ ଶ୍ରେଷ୍ଠ ସାଧନାକ୍ଷେତ୍ର ନିକାଞ୍ଚନ। ଭଗବଦ୍ କୃପା ପ୍ରାପ୍ତି ସେମାନଙ୍କର ଏକମାତ୍ର ଲକ୍ଷ୍ୟ; ମାତ୍ର ସଂସାରୀଟିଏ, ତା' ପାଇଁ ସୁଖ ଶାନ୍ତି ମୋହ। ତା'ରି ମଧ୍ୟରେ ଶାଶ୍ୱତ, ଚିରନ୍ତନୀ ପ୍ରେମର ଫଲ୍ଗୁ। ଜୀବନକୁ ଭରିଦିଏ ନାନା ରସ ରଙ୍ଗରେ। ଏ ସବୁର ସାକ୍ଷୀ ଅଚଳ ପାହାଡ଼ଟିଏ, ଗିରିଝରଣା ଅବା ବହି ଯାଉଥିବା ଗାଁ ନଈ। ସେଇ ନଈର ଦି' କୂଳ, ଏପଟେ ଗାଁ ମର୍ଦ୍ଦରାଜପୁର, ଆରପଟେ ଗାଁଟେ। ନାଁ ଘଣାଶାଳିଆ। ଏଇ ଦି' ଗାଁର ସୁଖ ଦେଖିଛି କୁଆଁରୀ ନଈ, ଦୁଃଖ ବି ଦେଇଛି; ମାତ୍ର କେବେ ହସିନି ଅବା ଲୁହ ଗଡ଼େଇନି। ସେମିତି ବହିଚାଲିଛି ବହି ଚାଲୁଥିବ ଆଗକୁ, ଆଗକୁ ସୁଦୂର ସମୁଦ୍ରକୁ। ସେଇ ଦି' ଗାଁର ହସ, କାନ୍ଦର କଥା। ଆଙ୍କି ଦେଇଛନ୍ତି ମହାନ ସ୍ରଷ୍ଟା ଗୋଦାବରୀଶ ମହାପାତ୍ର। ଗପଟିର ଶିରୋନାମା – "ଏକ ନଈ : ଦୁଇ କୂଳ"।

କୁଆଁରୀ ନଈ, ଦିନେ ଥିଲା ନାଳ ପରି ଅଣଓସାରିଆ। ଏବେ ପୂର୍ଣ୍ଣ ଯୌବନା। ଏ ଗାଁର ନଈକୂଳିଆ ବିରାଟ ବଟବୃକ୍ଷ, ନଈ ଆରପଟ ଓସ୍ତଗଛ। କେତେ କେତେ ବାଟୋଇ ମୁଣ୍ଡ ଗୁଞ୍ଜନ୍ତି। ଛାୟାସ୍ନିଗ୍ଧ ଶୀତଳ ପରିବେଶ, ମିଳେ ଶାନ୍ତି। ଏକଥାଟି ବୁଝେନା କୁଆଁରୀ ନଈ। ସେ ଜଡ଼, ଶାଶ୍ୱତ, ଚିରନ୍ତନ। ପ୍ରବହମାନତା ତା'ର ଧର୍ମ। ତା' ଉର୍ବରା ପଟ୍ଟମାଟି। ଆକର୍ଷିତ ହେଲେ ଶତସହସ୍ର। କ୍ଷେତବାଡ଼ି ହସିଲା, ଜନବସତି ବସିଲା। ସବୁ ସେଇ ନଈ ପାଇଁ। କେତେ ଗାଁ ମୁଣ୍ଡ ଟେକିଲା, କେତେ ଭାସିଗଲା କୁଆଁରୀ ନଈର ଖରସ୍ରୋତରେ। ସେବେ ଥିଲା, ଏବେ ଅଛି, ସେଇ ଦି' ଗାଁ – ଘଣାଶାଳିଆ ଆଉ ମର୍ଦ୍ଦରାଜପୁର। ନଈର ବୟସ ଗାଁ ବୟସ ଠାରୁ ଢେର୍ ବେଶୀ। ଗାଁ ମଣିଷମାନେ, କ୍ଷୁଦ୍ରାଦପି କ୍ଷୁଦ୍ର। କାଳ ସମୁଦ୍ରରେ ଭାସିଗଲେ। ଆପଣା ଆପଣା ବୟସ – ବର୍ଷ, ଦିନ, ମାସ, ଲିତା, ବିଲିତା। ଏଥିରେ ମାପିଲେ ନଈର ବୟସ। ପିତୃ-ପିତାମହ ପ୍ରପିତାମହ। ଏଇମାନଙ୍କ ମୁହଁର କଥା, ତାକୁ ନେଇ ନଈ ବୟସର ଆକଳନ। ସବୁ ଭୁଲ୍ ପ୍ରମାଣିତ। ସେଦିନ କଥା, ଏପାଖ ବରଡାଳ ସେ କୂଳକୁ ଲମ୍ବିଥିଲା। ସେ କୂଳର ଓସ୍ତଡାଳ ଏ କୂଳକୁ ନଇଁ ଆସିଥିଲା। ଏବେ କିନ୍ତୁ ନଈ, ସେପାରି ଅପହଞ୍ଚ। ଏ କୂଳରୁ ସେ କୂଳ, ଆଖି ପାଏନା। ତଥାପି ସେଇ ନଈକୂଳିଆ ଗାଁ ଦୁଇଟି, ଗୋଟେ ଗାଁର ବର, ଆର ଗାଁର କନିଆ। ଉଭୟଙ୍କ ମଧ୍ୟରେ ବାହାଘର। ଏଇଟି ଗପର ମୂଳକଥା। ଜୀବନର ଖଣ୍ଡିତାଂଶର କାହାଣୀ। କେବେ ଲୁହରେ ଆର୍ଦ୍ର, ଆଉ କେବେ କେବେ ଶଙ୍କା, ସଙ୍କଟ, ଆଶଙ୍କା। ଠିକ୍ କୁଆଁରୀ ନଈପରି। ଆଜି ସେ ଯୌବନରେ ଉତ୍ଫୁଲ୍ଲିତା। ନାହିଁ ବାଧା ବନ୍ଧନ, କୂଳ କିନାରା। ମାନୁନି, ମାନୁନି ସୀମା, ଭୁଲି ଯାଉଛି ଗାଁ ଗଣ୍ଡା, କୂଳ ବନ୍ଧନ। ହେଲେ ମଣିଷ ପାଇଁ ସମାଜର ବେଡ଼ି, ପ୍ରଥା ପରମ୍ପରାର ଆକଟ। ଲକ୍ଷ୍ମଣରେଖା ଡେଇଁଲେ ରାବଣର ଅପହରଣ। ତଥାପି ଆଗକୁ ଯିବାକୁ ହେବ। ଶକ୍ତି ବିସ୍ତାର କରିବାକୁ ହେବ। ଅନାବଶ୍ୟକ ବନ୍ଧନ ସବୁ ତୁଟେଇବାକୁ ପଡ଼ିବ। ଆସିବ ପ୍ରତିରୋଧ, ପ୍ରତିବନ୍ଧକ, କୁଆଁରୀ ନଈପରି ଟପି ଯିବାକୁ ହେବ।

ପ୍ରାକ୍ ସ୍ୱାଧୀନତା ସମାଜ, ନାହିଁ ନଥିବା କଠୋର। ଅଶିକ୍ଷା, ଅନ୍ଧବିଶ୍ୱାସର ରାଜତ୍ୱ। ନାରୀମାନଙ୍କ ପାଇଁ ଏରୁଣ୍ଡି ବନ୍ଧ ଡେଇଁବା ମନା। ଯାବତୀୟ କୁସଂସ୍କାର। ବାଲ୍ୟବିବାହ, ସତୀଦାହ ପ୍ରଥା, ପ୍ରଥମ ଶିଶୁକନ୍ୟାକୁ ଗଙ୍ଗା ମାତାଙ୍କୁ ଉଝେଇଁ ଦେବା, ରଥଚକ୍ର ତଳେ ଆତ୍ମବିସର୍ଜନରେ ମୁକ୍ତିପ୍ରୟାସ। ସବୁଠାରୁ ଅମାନୁଷିକ ପ୍ରଥା ହଳଦୀ କିଆରିରେ କନ୍ଧ ନରବଳି। ଜନଜୀବନ ଅଣନିଶ୍ୱାସ। ସଂସ୍କାରବାଦୀ ଆନ୍ଦୋଳନ, ବୁଦ୍ଧିଜୀବୀମାନଙ୍କର ସମାଜ ସଚେତନତା, ଇଂରେଜ ଶାସକଙ୍କ ଆଇନ ପ୍ରଣୟନ – ଏସବୁ କୁସଂସ୍କାର ଦୂର କରିବାରେ ଏକ ଏକ ପଦକ୍ଷେପ ମାତ୍ର। ଯେକୌଣସି ଏକ ସାମାଜିକ ପରିବର୍ତ୍ତନ। ଜନଜୀବନ ହଠାତ୍ ଆପଣେଇ ନିଏନି। ଅଶିକ୍ଷା ଏହାର ମୁଖ୍ୟ କାରଣ। ଦିନ ବଦଳିଲା। 'କୁ' 'ସୁ' ଜନେ ବୁଝିଲେ। କ୍ରମେ କୁସଂସ୍କାର ଦୂର ହେବାକୁ ଲାଗିଲା। ବାଲ୍ୟବିବାହ ତଥାପି ବଳବତ୍ତର।

ସେଦିନର କଥାଟିଏ। ଗାଁରେ ଖବରଟି ଚହଟିଗଲା। ଘଣାଶାଳିଆ ଗାଁର କୁଆଁରୀ କନିଆଁ ଶଶୀ। ବୟସ ମାତ୍ର ସାତ ବର୍ଷ। ମର୍ଦ୍ଦରାଜପୁର ଗାଁର ବର – ଅନୁକୂଳ, ବୟସ ଦଶବର୍ଷ। ବାଲ୍ୟବିବାହ। ଶଶୀର ବାପା ନିଦରବ। ତାଙ୍କୁ ନେଇ ସମୁଦାୟ ପାଞ୍ଚ ପ୍ରାଣୀ। ତନ୍ମଧ୍ୟରେ ବଡ଼ ଦି' ଝିଅ, ଆଉ ଶଶୀ। ବଡ଼ ଝିଅ ବାହାଘର, କରଜ ସୁଝିନି। ସାହୁକାରଙ୍କ କଟାଳ। ଦୁଇ ଚାରି ମାଣ ବିଲ। ସେ ବି ବନ୍ଧକୀ କଣ୍ଟ କବଳାରେ। ଚକ୍ରବୃଦ୍ଧି ସୁଧ। ଜମିଦାର ନିଲାମ ଉଠାଇବେ। ଘରଡିହ ଖଣ୍ଡିକ ଯିବ, ମୁଣ୍ଡ ଗୁଞ୍ଜିବାକୁ ଠା ମିଳିବନି। ଏଣେ ବିବାହ ପ୍ରସ୍ତାବଟି ମନ୍ଦ ନୁହେଁ। ପୁଅଟି ବାଳକ, ଡଉଲ ଡାଉଲ, ସୁନ୍ଦର। ଶଶୀ ଗୋଟିଏ ଚାଉଳରେ ଗଢ଼ା। ଦେଖିରେ କେହି ବାରି ପାରିବେନି। ଭଲ ଘର, ଥିଲାବାଲା। ବର ପସନ୍ଦଯୋଗ୍ୟ। ତା' ସାଙ୍ଗକୁ କନ୍ୟାସୁନା ଏକ ହଜାର ଟଙ୍କା। କରଜ ସୁଝା ହେଲା, ଝିଅ ବାହାଘର ବି। ଏକାଥରେ ଠାକୁର ଦେଖା, କଦଳୀ ବିକା। ଶଶୀ ବାପା ସୁଯୋଗ ହାତଛଡ଼ା କଲେନି। ହେଲେ ସେ ବାହାଘର କଣ୍ଢେଇ ବାହାଘର। ବର, କନିଆ ବାହାଘର, ପିଲାଖେଳ। ଅନେକ ସମୟରେ ଏହାର କୁପରିଣତି। ପୂର୍ଣ୍ଣଯୌବନା କନିଆ, ଅକାଳେ, ସକାଳେ, ରୋଗ ବାଧିକା। ବର ଅବା କନ୍ୟାର ମୃତ୍ୟୁ ହୁଏ। ଜୀବନ ଦୁର୍ବିସହ। କନ୍ୟା ବିଧବା ହେଲେ ଜୀବନ, ଜୀବନ ନୁହେଁ, ଜୀବନ୍ତ ମରଣ। ବିଧବାର ପୁନର୍ବିବାହକୁ ସମାଜର ନାଲି ଆଖି। ଏଥି ସହିତ ନାନାଦି କଟକଣା। ପୁରୁଷ ପ୍ରଧାନ ସମାଜ। ପୁଅଟି ପାଇଁ ନାହିଁ ବନ୍ଧନ, ସାମାଜିକ ଆକଟ। ତା' ପାଇଁ ସବୁଦ୍ୱାର ଉନ୍ମୁକ୍ତ। ବିପତ୍ନୀକଟି ପାଇଁ ପୁନଃ ବିବାହର ସୁଯୋଗ। ଏଭଳି ଘଟଣା ଅବଶ୍ୟ ଘଟିନି ଶଶୀ ଭାଗ୍ୟରେ। ଗାଁ ସାରା ଆଜି ଚହଳ। ଶଶୀଟା କପାଳିଆ ଏକା, ରାଣୀ ହୋଇ ରହିବ। ଶଶୀ ଏ କୂଳରୁ ସେ କୂଳକୁ ଗଲା। ପଛରେ ରହିଲା ଘଣାଶାଳିଆ ଗାଁ, ପିଲାବେଳ, ଧୂଳିଖେଳ, ସଇସଙ୍ଗାତ, କୁଆଁର ପୁନେଇଁ, ରଜଦୋଳି ଗୀତ। ସବୁ ପଛରେ।

ଏମିତି ୮/୧୦ ବର୍ଷ ବିତିଲା। ଶଶୀ ପୂର୍ଣ୍ଣ ଯୁବତୀ। ଅନୁକୂଳ ଏବେ ଯୁବକ। ସବା ସାନ ପୁଅ, ତିନି ଭାଉଜ ଘରେ।ଏକା ଶଶୀ ଆସିବ, ଘର ପୂରିଯିବ। ସେ ସନ ଯୋଡ଼ ଆଷାଢ଼, ଜଗାର ନବକଳେବର, ଘଟ ପାଲଟା, ପୁରୁଷତ୍ତମର ଆକର୍ଷଣ। ଜଗାର ଡୋରି। ଗାଁଟା ଯାକ ସଜବାଜ। କାନିରେ ଚୁଡ଼ା ଚାଉଳ, ନାହିଁ ରାସ୍ତାଘାଟ, ଗାଡ଼ି ମଟର, ପାଦଚଲା ରାସ୍ତା। ଗାଁଟା ଖାଲି, ଉଭୟ ଘଣାଶାଳିଆ, ମର୍ଦ୍ଦରାଜପୁର ଗାଁ। ଶହଶହ ଯୁବକ, ଯୁବତୀ, ବୁଢ଼ାବୁଢ଼ୀ, ପିମ୍ପୁଡ଼ି ପରି ଧାଡ଼ି ଲାଗିଛି। ଅନୁକୂଳ ମର୍ଦ୍ଦରାଜପୁର ଲୋକଙ୍କ ସହ, ଶଶୀ ଘଣାଶାଳିଆ ଗାଁ ବାଲାଙ୍କ ସହ। ଉଭୟ ତୀର୍ଥଯାତ୍ରୀ। କେହି କାହାକୁ ଚିହ୍ନନ୍ତିନି। କେବଳ କଳ୍ପନା ଚକ୍ଷୁରେ ଦେଖିବା ସାର। ସେତେବେଳକା କଥା। ଗାଁ ଗାଁ କି ଏଜେଣ୍ଟ, ପଣ୍ଡା, ପଡ଼ିଆରୀ, ସେବକ – ଏମାନେ ନିଯୁକ୍ତି ଦିଅନ୍ତି। ବେଶ୍ ଦି' ପଇସା ମିଳେ। ଯାତ୍ରା, ମଉଛବ ଆସେ, ଏଜେଣ୍ଟମାନଙ୍କର ହାତ ଚିକ୍କଣିଆ। ସେ ଗାଁର ମଲ୍ଲୀମା' ପାଣ୍ଡିଆଣୀ ଏଇ ଶ୍ରେଣୀର। ଶଶୀକୁ ଫୁସୁଲା ଫୁସୁଲି କଲା। ଆଉ କେଇଟା ମାସ, ଶାଶୁଘର ଚାଲିଯିବ। ଆଉ ଦିଅଁ ଦେଖା ନୋହିବ। ସୁଯୋଗ ହାତରୁ ଗଲେ ଆଉ ଆସେନା। ଅଗତ୍ୟା ଶଶୀ ବାହାରିଲା ପୁରୁଷତ୍ତମକୁ। ଶଶୀର ଭରସା ପାଇଲା। ମଲ୍ଲୀମା'ର ବି ନାଁ ଡାକ। ସାକ୍ଷୀ ଯୋଗାଡ଼ କଲେ, ଓକିଲ ମୁକ୍ତ୍ୟାର ଜୁଟେଇ ଦିଏ, ଏଇମିତି ବେଉସା। ଭଲ ରୋଜଗାର, ଖାତିର ବି କିଛି କମ୍ ନୁହେଁ। ସେ ବୋହୂଙ୍କ ସାଥୀରେ ବୋହୂ, ବୁଢ଼ୀଙ୍କ ପାଇଁ ବୁଢ଼ୀ, ଆଉ ଆଉମାନଙ୍କ ପାଇଁ ମଲ୍ଲୀମା' ଏଜେଣ୍ଟ।

ସେ ସମୟର ନବକଳେବର। ଆଜିଦିନ ପରି ନୁହେଁ। ରଥଦାଣ୍ଡ ସାରା ବାଲିପୂର୍ଣ୍ଣ। ସିଂହଦ୍ୱାରରୁ ରଥ ବାହାରେ ଗୁଣ୍ଡିଚାଘର। ପ୍ରାୟ ଛ'ସାତ ଦିନ ଲାଗେ। ଯାତ୍ରୀ ଢେର୍। ଲକ୍ଷ ଲକ୍ଷ ସଂଖ୍ୟା। ହେଲେ ଘରକୁ ଫେରିବା ଅନିଶ୍ଚିତ। ହଇଜା ଭଳି ସଂକ୍ରାମକ ବ୍ୟାଧି। ନଥିଲା ଆଧୁନିକ ଚିକିତ୍ସା ପଦ୍ଧତି। ଲୋକେ ପୋକମାଛି ପରି ମରନ୍ତି। ଖାଲି ପୁରୀରେ ନୁହେଁ, ଦୂରଦୂରାନ୍ତ, ଗାଁ ଗଣ୍ଡାରୁ ଆସୁଥିବା ଯାତ୍ରୀ। ଥୋକେ ମରନ୍ତି, ଦଳେ ରୋଗବୀଜ ବୁଣି ଦିଅନ୍ତି, ଚିକିତ୍ସା କେବଳ ସହରରେ ସୀମିତ। ସବୁଠି ମହାକାଳ ମୃତ୍ୟୁର ତାଣ୍ଡବ। ମଲ୍ଲୀମା' ଫେରୁଛି, ତା' ଦଳଟି ସାଥିରେ। କ୍ଲାନ୍ତପାଦ। ଦୂର ଗାଁକୁ ଆଖି ପାଉନି। ପଶ୍ଚିମ ଆକାଶରେ ସୂର୍ଯ୍ୟଦେବତା। ଗଡ଼ଜାତର କେଉଁ ଅଜ୍ଞାତ ପାହାଡ଼ ସେପଟେ। ଆସ୍ତେ ମୁହଁ ଡାଙ୍କିଲେଣି। ଆକାଶରେ ଭସା ବାଦଲର ବିଚିତ୍ର ଶୋଭା, ବସା ବାହୁଡ଼ା କୁଆ, ବଣି, ପାରାଙ୍କ ମନଜିଣା କାକଳି। କ୍ଲାନ୍ତ ଯାତ୍ରୀଏ। ଠାଏ ଠାଏ ଗଛ ମୂଳେ, ପାଣି ଚବକାଏ ପାଖେ ଅବା କିଏ ଗାଁ ପୋଖରି କୂଳରେ ଥକା ମାରୁଛି। ଯାତ୍ରୀଙ୍କ ମୁହଁ ଶୁଖିଲା, ହସ ଉଭାନ। କିଏ ସାଥୀକି ହରେଇଛି, ଆଉ କିଏ ଅକାଳ ମୃତ୍ୟୁ ଅପେକ୍ଷାରେ। ଯାତ୍ରୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା। ମାଛି ଅନ୍ଧାରିଆ ସଞ୍ଜ। ପାଖ ଗାଁରେ ଠା ମିଳିବନି। ଶୀଘ୍ର ଯିବାକୁ ହେବ। ମଲ୍ଲୀମା'ର ତାଗିଦା। ଏଣେ ଶଶୀ ଦେହ ଥରୁଛି, ଓଠ ଶୁଖି ଯାଉଛି। ଶୋଷ, ନାହିଁ ନଥିବା ଶୋଷ।

ଅଦୂରରେ ପାଣି ଚବକା। ଶଶୀ ଧାଇଁଲା, ସାଙ୍ଗରେ ମଲ୍ଲୀମା'। ପାଣି ଭିତରେ କିଏ ପଡ଼ିଛି, ଜୀଇଛି ପରା! ମଲ୍ଲୀମା' ଚିହ୍ନିଲା, ଶଶୀକୁ ଚିହ୍ନେଇ ଦେଲା, ଏଇ ଦରମଲା ମଣିଷ ଅନୁକୂଳ, ଶଶୀ ବର। ସଭିଙ୍କ ମୁହଁରେ ଏକ କଥା। ହଇଜା ରୋଗୀ। ବଞ୍ଚିବା ଆଶା କ୍ଷୀଣ। ସମସ୍ତେ ଆଗକୁ ଚାଲିଲେ। ଶଶୀ ହିନ୍ଦୁ ନାରୀ, ସ୍ୱାମୀ ତା'ର ଇହକାଳ ପରକାଳର ଦେବତା। ଦଶ ଦିଗପାଳ ସାକ୍ଷୀ। ଅନୁକୂଳ ତା'ର ବର। ପାଠ ଶାଠ ସିନା ପଢ଼ିନି, ତଥାପି ପୁରାଣ ଶୁଣେ। ଛାନ୍ଦ ଚଉପଦୀ ଗାଏ। ପୁରାଣ କଥା, ଚାଲିଥାଏ ଦକ୍ଷ ଯଜ୍ଞ। ଅପମାନିତା ସତୀ। ଯଜ୍ଞକୁଣ୍ଡରେ ତାଙ୍କର ଆତ୍ମହତ୍ୟା। କ୍ରୋଧିତ ଶିବ। କାନ୍ଧରେ ସତୀଙ୍କ ଶବ। ସେମିତି ନିରନ୍ଧ୍ର ଅନ୍ଧାର। ଆଜି ସତୀ ଶଶୀ। କାନ୍ଧରେ ତା'ର ଶିବ ଅନୁକୂଳ। କିଆ ଗୋହିରୀ ରାସ୍ତା। ଗହୀର ପାଟରେ ଦିକି ଦିକି ଆଲୁଅ। ସେଇଆଡ଼େ ଚାଲିଛି। କୁଟୀରରେ ବିଧବା ଜଣେ। ତା' ଆଗରେ ସ୍ଖଳିତ ବସନା, ଆଲୁଳାୟିତ କୁନ୍ତଳା ଜଣେ ସୁନ୍ଦରୀ ଯୁବତୀ। କାନ୍ଧରେ ଅର୍ଦ୍ଧମୃତ ଯୁବକ। ବିଧବା ଦେଲେ ଆଶ୍ରୟ, ଶଶୀର ଅକୁଣ୍ଠ ସେବାଯତ୍ନ। ଚାରିଦିନ ବିତିଲା। ଅନୁକୂଳ ପାଇଲା ନୂଆ ଜୀବନ। ଝିଅ, ଜ୍ୱାଇଁ ସମ ସେମାନଙ୍କୁ ବିଦାୟ ଦେଲେ ବିଧବା ଜଣକ।

ଏଣେ ମର୍ଦ୍ଦରାଜପୁର ଗାଁ, ଏକଦମ୍ ହଲଚଲ। ଦଶାହକର୍ମ, ବାରଭୋଜି – ଅନୁକୂଳର ଶେଷକୃତ୍ୟ ସମାପିତ। ତେଣେ ଘଣ୍ଟଶାଳିଆ ଗାଁରେ ହଇଚଇ। ମଲ୍ଲୀମା' ଖବର ଦେଇଛି, 'ଶଶୀ ବି ବାଡ଼ିରେ ଯାଇଛି।" ଏଣେ ଅନୁକୂଳ, ଆଉ ଶଶୀ ଆସି ଗାଁରେ। କିଏ କହିଲା – "ପ୍ରେତର ଆଉ ଗାଁରେ ଠା ନାହିଁ। ଘରେ ପୂରେଇଲେ ମହାପାପ।" ଗାଁ ଯାକ କବାଟ କିଳିଦେଲେ। ଅନୁକୂଳ ମା' ବାପ ଛେଉଣ୍ଡ। କିଏ ବା ବୁଝିବ ପୁଅ ବୋହୂଙ୍କ କଥା? ହରପାର୍ବତୀ ଶ୍ମଶାନ ଭୂଇଁରୁ ଉଠି ଆସିଛନ୍ତି ପରା! ଘର ଭିତରେ ଜଣେ ପରିଣତା ବୟସ୍କାଙ୍କ କରୁଣ ରୋଦନ। ଫାଟି ପଡୁଥିଲା ଗାଁର ଛାତି। ଅନିକୂଳ, ଶଶୀ–ଉଭୟଙ୍କର ପଥ ଓଗାଳିଲେ – "ମୋ ଦିଅର ମୋ ଯାଆକୁ ଘରୁ ଛାଡ଼ିଦେବି ନାହିଁ।" ସେଇ ଭାଉଜ ଜଣକ ମାତୃତୁଲ୍ୟ। ମାନିଲାନି ସାମାଜିକ ବନ୍ଧନ, ଗାଁ ମୁଖିଆଙ୍କ ନାଲିଆଖିକୁ ନ ଥିଲା ଖାତିର। ଛିଡ଼ିଗଲା ନୀତିନିୟମର ବନ୍ଧନ, ଗାଁ ବାଲା ତଟସ୍ଥ।

ସେଇ କୁଆଁରୀ ନଈ, ଏ କୂଳ ସେ କୂଳର ଦୁଇଟି ଗାଁ। ଦୁଇ ଗାଁର ଦୁଇ କୂଳର ପୁଅବୋହୂ। ତାଙ୍କ ସଂସାର ହସିଲା, ସମାଜ ବଦଳିବାକୁ ଲାଗିଲା। ଏଜେଣ୍ଟ ମଲ୍ଲୀମା। ଘଣାଶାଳିଆ ଗାଁରେ ତାକୁ ଆଉ କେହି ଦେଖିଲେନି। ସେମିତି ବହି ଯାଇଛି କୁଆଁରୀ ନଈ। ଗତିଶୀଳ ବି ଜୀବନ ନଈ, କେବେ ହସ, କେବେ କାନ୍ଦ, କେବେ କୋହ, କେବେ ଲୁହ। ଏଇ ତ ଜୀବନ!

# ଜୀବନ ଦେଲେ, ଇଂରେଜଙ୍କୁ ତଡ଼ିଲେ : ଦେଶ ଯେଉଁ ପରାଧୀନକୁ ସେଇ ପରାଧୀନ

ସୀତାରାମ ପାତ୍ର
ମୋ-୯୪୩୭୩୪୦୮୫୦

୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ମଧ୍ୟରାତ୍ରୀରେ ଇଂରେମାନେ ଭାରତକୁ ସ୍ୱାଧୀନତା ଦେଲେ। ସକାଳେ ସାରା ଭାରତ ସ୍ୱାଧୀନତା ପାଇବାର ଖୁସିରେ ବିଭୋର ହୋଇ ଉଠିଲା। ଫରଫର ହୋଇ ତ୍ରିରଙ୍ଗା ଉଡ଼ିବା ସହିତ ଜନଗଣ ମନଅଧି ନାୟକ ଜୟହେ... ସଙ୍ଗୀତରେ ମୁଖରିତ ହୋଇ ଉଠିଲା ସମଗ୍ର ଭାରତବର୍ଷ। ନିଜର ସ୍ୱାଧୀନତା ପାଇଁ ଜୀବନକୁ ବଳି ଦେଇଥିବା ସହୀଦ୍ମାନଙ୍କ ମଧ୍ୟରେ ବାଘାଯତୀନ ଅନ୍ୟତମ। ବାଲେଶ୍ୱର ମାଟିରେ ସେ ଜଣେ ଅମର ସହୀଦ୍। ୧୯୧୫ ସେପ୍ଟେମ୍ବର ୯ ତାରିଖ ରାତି ୨ଟା ୧୫ମିନିଟ୍ ସମୟରେ ବାଲେଶ୍ୱରର ବାରବାଟୀ ବଡ଼ଡାକ୍ତରଖାନାରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା।

ଏହି ଦିନ ବାଲେଶ୍ୱର ଉପକଣ୍ଠ ଚଷାଖଣ୍ଡର ଦେଶୁଆଁପୋଖରୀ ନିକଟରେ ବ୍ରିଟିସ୍ ପୋଲିସ ସହିତ ବାଘାଯତୀନ ଓ ତାଙ୍କର ଅନ୍ୟ ୪ ଜଣ ସହଯୋଗୀ ଚିତ୍ତପ୍ରିୟ ରାୟଚୌଧୁରୀ, ନିରେନ୍ଦ୍ର ନାଥ ଦାଶଗୁପ୍ତ, ମନୋରଞ୍ଜନ ସେନଗୁପ୍ତ ଓ ଜ୍ୟୋତିଷ ଚନ୍ଦ୍ର ପାଲଙ୍କର ୫୩ ମିନିଟ୍ ଧରି ହୋଇଥିବା ଖଣ୍ଡ ଯୁଦ୍ଧରେ ଘଟଣାସ୍ଥଳରେ ବ୍ରିଟିସ୍ ପୋଲିସ ଗୁଳିରେ ଚିତ୍ତପ୍ରିୟ ରାୟଚୌଧୁରୀ ସହୀଦ୍ ହୋଇଥିବା ବେଳେ ବାଘାଯତୀନ ଆହତ ହୋଇଥିଲେ ଏବଂ ବାରବାଟୀ ବଡ଼ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସେହିବର୍ଷ (୧୯୧୫) ନଭେମ୍ବର ୨୨ ତାରିଖରେ ନିରେନ୍ଦ୍ର ନାଥ ଦାଶଗୁପ୍ତ ଓ ମନୋରଞ୍ଜନ ସେନଗୁପ୍ତଙ୍କୁ ବିଟିସ୍ ସରକାର ବାଲେଶ୍ୱର ଜେଲରେ ଫାଶି ଦେଇଥିଲେ। ଅନ୍ୟତମ ସଂଗ୍ରାମୀ ଜ୍ୟୋତିଷ ଚନ୍ଦ୍ର ପାଲଙ୍କୁ ଆଣ୍ଡାମାନର ସେଲୁଲାର ଜେଲ୍କୁ ଦ୍ୱୀପାନ୍ତର କରାଯାଇଥଲା। ୧୯୨୩ରେ ସେଠାରେ ସେ ପାଗଳ ହୋଇଯିବାରୁ ତାଙ୍କୁ ବ୍ରହ୍ମପୁର ଜେଲ୍କୁ ଅଣାଯାଇଥିଲା ଏବଂ ସେଠାରେ ୧୯୨୪ ଡିସେମ୍ବର ୪ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା।

ଏହା ତ ଥିଲା ବାଲେଶ୍ୱର ମାଟିରେ ସଂଗ୍ରମୀ ମାନଙ୍କର ଜୀବନକୁ ବଳି ଦେବାର ଘଟଣା। ସାରା ଦେଶରେ ଏହି ଭଳି ବହୁ ସଂଗ୍ରାମୀ ଭାରତମାତା ହାତରୁ ବ୍ରିଟିସ୍ର ଶୃଙ୍ଖଳକୁ ଛିନ୍ନ କରିବା ପାଇଁ ହସି ହସି ନିଜର ବୁକୁରୁ ରକ୍ତ ନିଗାଡ଼ି ଦେଇଛନ୍ତି। କିଏ ପୋଲିସ ଗୁଳିରେ ସହୀଦ୍ ହୋଇଛି ତ' କିଏ ଫାଶି ଖୁଣ୍ଟରେ ହସିହସି ଝୁଲି ପଡିଛି। ପୁଣି କିଏ ବ୍ରିଟିସ୍ ଶାସକଙ୍କ ଦ୍ୱାରା ଦିଆଯାଇଥିବା ଅକଥ୍ୟ ନିର୍ଯାତନାର ଶିକାର ହୋଇ ସହୀଦ ହୋଇ ଯାଇଛି। ତେବେ ଯେଉଁମାନେ ଏହି ମୁକ୍ତି ସଂଗ୍ରାମକୁ ଅହିଂସା ସଂଗ୍ରାମର ଆଖ୍ୟା ଦେଇଛନ୍ତି ବା' ଦେଉଛନ୍ତି, ସେମାନେ ଏହାକୁ ତର୍ଜମା କରିବା ଉଚିତ୍।

ସ୍ୱାଧୀନତା ସଂଗ୍ରାମରେ ସହୀଦ୍ ହୋଇଥିବା ଖୁଦିରାମ ହୁଅନ୍ତୁ କିମ୍ବା ବାଜି ରାଉତ ଅଥବା ତାନ୍ତିଆ ତୋପେ, ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ ବାଲେଶ୍ୱରର ଖଇରା ଅଂଚଳର ରଘୁ ବେହେରା, ମକର ଲେଙ୍କା, କେଲୁ ସାହୁ ସମେତ ଭାରତର ଦ୍ୱିତୀୟ ଜାଲିଓ୍ୱାନାଓ୍ୱାଲାବାଗ କୁହାଯାଉଥିବା ଭଦ୍ରକ ଜିଲ୍ଲାର ଇରମ ଠାରେ ୧୯୪୨ ମସିଆ ସେପ୍ଟେମ୍ବର ୨୮ ତାରିଖରେ ସମେବେତ ହୋଇଥିବା ୬ ହଜାରରୁ ୭ ହଜାର ଲୋକଙ୍କ ଉପରେ ବ୍ରିଟିସ୍ ଫୌଜର ଆଖିବୁଜା ଗୁଳିଚାଳନା ଫଳରେ ଘଟଣା ସ୍ଥଳରେ ୨୮ ଜଣଙ୍କର ପ୍ରାଣ ହାନୀ ଘଟିଥିବା ବେଳେ ୫୬ ଜଣ ଆହତ ହୋଇଥିଲେ। ନିଜର ସ୍ତ୍ରୀ, ପିଲା, ପରିବାରକୁ ନଚାହିଁ, ନିଜର ଜୀବନକୁ ବଳି ଦେଇଥିବା ସହୀଦ୍ମାନେ ଯେଉଁ ସ୍ୱାଧୀନ ଭାରତର ସ୍ୱପ୍ନ ଦେଖିଥିଲେ, ସେମାନଙ୍କର ସ୍ୱପ୍ନ କଣ ପୁରଣ ହୋଇଛି? ସାମ୍ପ୍ରତିକ ଘଟଣା ବଳୀକୁ ଯଦି ତର୍ଜମା କରାଯାଏ, ତେବେ ସହୀନମାନଙ୍କର ବଳିଦାନ ବିଫଳ ହୋଇଛି ଏଥିରେ ଦ୍ୱିମତ ନାହିଁ।

ଆମର ସମ୍ବିଧାନ କହେ, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭାରତର ସମସ୍ତ ନାଗରିକ ସମାନ। କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ଭାବରେ ଓଲଟା। ବର୍ତ୍ତମାନ ରାଜନେତାମାନେ ସେମାନଙ୍କର ରାଜନୈତିକ ସ୍ୱାର୍ଥ ପାଇଁ ଦେଶକୁ ଜାତି, ଧର୍ମ, ବର୍ଣ୍ଣ ଏପରିକି ଲିଙ୍ଗ ବିଭେଦରେ ଭାଗ ଭାଗ କରିବାରେ ଲାଗିଛନ୍ତି। ତାହାର ପ୍ରମାଣ ହେଲା, ଜାତି ଭିତ୍ତିକ ଜନଗଣନା, ଜାତି ଓ ଲିଙ୍ଗ ଭିତ୍ତିକ ସଂରକ୍ଷଣ ଇତ୍ୟାଦି। ସମାଜରେ ବର୍ତ୍ତମାନ ଜାତିପ୍ରଥାର ବିଲୋପ ଘଟି ଚାଲିଥିବା ବେଳେ ସରକାରୀ ସ୍ତରରେ ଜାତି ଭିତ୍ତିକ ସଂରକ୍ଷଣ ପାଇଁ ଉଜ୍ଜୀବିତ କରି ରଖିଛନ୍ତି। ଏସ୍ସି/ଏସଟି ପିଲାଙ୍କର ପାଠ ପଢ଼ିବା ପାଇଁ ଜାତିଗତ ପ୍ରମାଣ ପତ୍ର, ଚାକିରୀ କ୍ଷେତ୍ରରେ ଅନୁରୂପ ଜାତି ପ୍ରମାଣ ପତ୍ର ମାଧ୍ୟମରେ ସରକାର ଜାତି ବିଭେଦକୁ ଉଜ୍ଜୀବିତ କରୁନାହାନ୍ତି କି? ସେହିପରି ରାଜନୈତିକ କ୍ଷେତ୍ରରେ ଏସ୍ସି/ଏସଟି ଓ ମହିଳା ମାନଙ୍କ ପାଇଁ ବିଧାନସଭା ଓ ଲୋକସଭା ସିଟ୍ ପାଇଁ ସଂରକ୍ଷଣ ରଖି ସମାଜରେ ବିଭେଦ ସୃଷ୍ଟି କରାଯାଉଛି। ବହୁକ୍ଷେତ୍ରରେ ଦେଖିବାକୁ ମିଳିଛି ସଂରକ୍ଷଣ ଆସନରେ ନିର୍ବାଚିତ ହୋଇ ଯାଉଥିବା ଜନପ୍ରତିନିଧଙ୍କ ଅଯୋଗ୍ୟତା କାରଣରୁ ସେହି ପଦବୀର ଦୂରୁପୋଯୋଗ ହେଉଛି। ତାହା ଜାଣି ମଧ୍ୟ ରାଜନୈତିକ ଦଳ ଗୁଡ଼ିକ ସେମାନଙ୍କର ସ୍ୱାର୍ଥ ପାଇଣ ସବୁ ଦେଖି, ସବୁ ଜାଣି ଅଖିବୁଜି ଦେଇଛନ୍ତି।

ଅପରପକ୍ଷରେ ଗଣତନ୍ତ୍ର ରାଷ୍ଟ୍ରରେ ପ୍ରକୃତ ଶାସକ ସାଧାରଣ ଜନତା ହୋଇଥିବା ବେଳେ ଜନପ୍ରତିନିଧି ଓ ସରକାରୀ କର୍ମଚାରୀମାନେ (ଯେଉଁମାନେ କି ଜନତାର ସେବକ) ପ୍ରକୃତ ଶାସକ, ଜନତାଙ୍କୁ କେବଳ ଅବହେଳା କରୁନାହାନ୍ତି, ସେମାନଙ୍କର ଶାସକ ବୋଲି ଭାବୁଛନ୍ତି। ଜନତା ତାଙ୍କ ଦ୍ୱାରା ନିର୍ବାଚିତ ତାଙ୍କର ପ୍ରତିନିଧିକୁ ଓ ଜଣେ ସରକାରୀ ଅଧିକାରୀ (ମାନେ ତାର ସେବକକୁ) ଦେଖା କରିବା ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପ୍ରକୃତ ଗଣତନ୍ତ୍ର କି? କାହିଁକି ଜଣେ ସରକାରୀ କର୍ମଚାରୀର ମାଲିକ ସାଧାରଣ ଜନତା ହୋଇ ଥିବାରୁ ସେବକ ହିସାବରେ ସରକାରୀ କର୍ମଚାରୀ ତାର ଉପର ଅଧିକାରୀଙ୍କୁ ଦେଉଥିବା ସମ୍ମାନ ଭଳି ନିଜେ ଛିଡ଼ା ହୋଇ ସାଧାରଣଜନତାଙ୍କୁ (ଯିଏ କି ତାର ସରକାରୀ ଉପରିସ୍ଥ ଅଧିକାରୀର ଶାସକ ମଧ୍ୟ) ବସାଇ ସେମାନଙ୍କର ସମସ୍ୟା ବିଷୟରେ ବୁଝିବା ଉଚିତ ନୁହେଁ କି? ଏହା ହେଉନାହିଁ କାହିଁକି? ଏହା ବ୍ୟତୀତ ବର୍ତ୍ତମାନ ଦେଶକୁ ଯେଭଳି ଭାବରେ ଦୁର୍ନୀତି କବଳିତ କରି ସାରିଛି ଓ ସରକାରଙ୍କ ଆଇନ, ଦୁର୍ନୀତି ନିବାରଣ ବିଭାଗ ଗୁଡ଼ିକ ଏକପ୍ରକାର ସ୍ଥାଣୁ ହୋଇଯାଇଥିବା କାରଣରୁ ସାଧାରଣ ଜନତା ଶୋଷଣର ଶିକାର ହେଉଛନ୍ତି, ତେଣୁ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଜନତାଙ୍କୁ ଅଧିକାର ନଦେବା କେତେଦୂର ଯଥାର୍ଥ। ଏଭଳି ଏକ ଦୁର୍ନୀତିଗ୍ରସ୍ତ ଦେଶ ଆମର ସହୀଦମାନଙ୍କର ସ୍ୱପ୍ନର ସ୍ୱାଧୀନ ଭାରତ ଥିଲା କି?

ସବୁଠାରୁ ଦୁଖଦଃ ବଘଟଣା ହେଲା, ବିଳମ୍ବିତ ନ୍ୟାୟ। ଜଣେ ବ୍ୟକ୍ତି ନ୍ୟାୟ ପାଇବା ପାଇଁ ଅପେକ୍ଷା କରି ଆରପାରିକୁ ଚାଲିଯାଉଛି, କିନ୍ତୁ ଜୀବିତ ଅବସ୍ଥାରେ ନ୍ୟାୟ ପାଉନାହିଁ। ଏହା ବୋଧହୁଏ ଆମର ଓ ଆମ ସହୀଦ୍ମାନଙ୍କର ସ୍ୱପ୍ନର ସ୍ୱାଧୀନ ଭାରତ ଥିଲା? ନ୍ୟାୟାଳୟ ବିରୁଦ୍ଧରେ, ବିଚାରପତିଙ୍କ ବିରୁଦ୍ଧରେ ଜନତା କିଛି କହିପାରିବେ ନାହିଁ, ମିଡିଆ ନ୍ୟାୟାଳୟ ଭିତରେ ପଶିପାରିବ ନାହିଁ। ଏହିଘଟଣା ସାଧାରଣ ଜନତାଙ୍କର ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରୁନାହିଁ କି? କାହିଁକି ଏଭଳି କଟକଣା? ନ୍ୟାୟାଳୟ ଭିତରର କଥା ଜାଣିବାର ଅଧିକାର କଣ ସାଧାରଣ ଜନତାଙ୍କର ନାହି? ଯଦି ନାହିଁ, ତେବେ ସ୍ୱାଧିନତା କେଉଁଠି?

ମୋଟ ଉପରେ କହିବାକୁ ଗଲେ ଆମର ଅମର ସହୀଦ୍ମାନେ ଯେଉଁ ସ୍ୱପ୍ନର ସ୍ୱାଧୀନ ଭାରତକୁ ପରିକଳ୍ପନା କରି ନିଜର ଜୀବନକୁ ଉତ୍ସର୍ଗ କରି ଦେଲେ, ସେଥିରେ ସିନା ଗୋରା ସାହେବମାନେ ଭାରତ ଛାଡ଼ି ଚାଲିଗଲେ, କିନ୍ତୁ ସ୍ୱାଧୀନତା ନାମରେ ଯେଉଁ କଳା ସାହେବମାନେ ଶାସକ ଆସନରେ ବସିଲେ ସେମାନେ ଗୋରା ସାହେବଙ୍କ ଠାରୁ କୌଣସି ଗୁଣରେ କମ୍ ନୁହେଁନ୍ତି। ଗୋଟି ଧାଡ଼ିରେ କହିବାକୁ ଗଲେ ସ୍ୱାଧୀନତା ନାମରେ କେବଳ ଚମଡ଼ାର ରଙ୍ଗ ସିନା ବଦଳିଛି କିନ୍ତୁ ଭାରତ ତଥା ଭାରତବାସୀମାନେ ଏବେ ବି ପରାଧୀନ ଏଥିରେ ତିଳେ ହେଲେ ବି ଦ୍ୱିମତ ନାହିଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





# ରାଜପଥ ପାର୍ଶ୍ୱରେ ଅବାଧରେ ଚାଲିଛି ମଦ ଓ ଗଞ୍ଜେଇ କାରବାର

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଦେଇ ଯାଇଥିବା ଜାତୀୟ ରାଜପଥ ନିକଟସ୍ଥ କାଶିପୁର, ମଣ୍ଡୁଆ ଅଞ୍ଚଳରେ ଚୋରା ମହୁଲି ମଦ ସାଙ୍ଗକୁ ଚୋରା ଗଞ୍ଜେଇର ଅବାଧ ବିକ୍ରି ଯୋଗୁଁ ପତ୍ୟହ ସକାଳ, ସଞ୍ଜ ସମୟରେ ଉକ୍ତ ଅଞ୍ଚଳରେ ନିଶାଡି ମାନଙ୍କର ଗହଳି ଲାଗିରହିବା ସାଙ୍ଗକୁ ନିଶାଡି ମାନଙ୍କର ଅଶ୍ଳୀର ଭାଷାର ଚିତ୍କାର ପଥଚାରୀ ଓ ଯାତାୟାତ କରୁଥିବା ଛୋଟ ଛୋଟ ସ୍କୁଲ ପିଲା ଓ ମହିଳା ମାନଙ୍କୁ ଆତଙ୍କିତ କରିଛି । ଅନୁସନ୍ଧାନରୁ ଜଣାପଡିଛି ଯେ, ଜିଲ୍ଲାପ୍ରଶାସନ, ପୋଲିସ ପ୍ରଶାସନ ଓ ଅବକାରୀ ବିଭାଗର ମୁଖ୍ୟ କାର୍ଯ୍ୟାଳୟ ଠାରୁ ମାତ୍ର କେଇଗଜ ଦୂର କାଶିପୁର, ମଣ୍ଡୁଆ ଅଞ୍ଚଳ ଦେଇ ଜାତୀୟ ରାଜପଥ ଅତିକ୍ରମ କରିଛି, ରାଜପଥ ଯୋଗୁଁ ଉକ୍ତ ଅଞ୍ଚଳ ଦ୍ୱୟ ବିଭିନ୍ନ ବ୍ୟବସାୟିକ ଅଞ୍ଚଳର କେନ୍ଦ୍ରସ୍ଥଳୀ ମଧ୍ୟ ପାଲଟିଛି ଏବଂ ଜନସମାଗମ ଲାଗିରହିଛି । ଏହାର ସୁଯୋଗ ନେଇ ନିଶା ବେପାରୀମାନେ ମଧ୍ୟ ନିଜର ଚୋରା ବେପାର କରି ମାଲେମାଲ୍ ହେଉଛନ୍ତି । କେନ୍ଦୁଝର ସଦର ମହକୁମା ଓ ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ କାଶୀପୁର ଅଞ୍ଚଳରେ ଥିବା ବିଦ୍ୟୁତ୍ ସବ୍‌ଷ୍ଟେସନ୍ ଖୁବ୍ ନିକଟରେ ବିପଦ ଜନକ ଅବସ୍ଥାରେ କ୍ୟାବିନ୍ ପକାଇ ପାନଦୋକାନ ନାମରେ ଚୋରା ଗଞ୍ଜେଇ ସାଙ୍ଗକୁ ମହୁଲିମଦ, ପ୍ୟାକେଟ୍ ମଦର ଅବାଧ ବିକ୍ରି ବର୍ଷ ବର୍ଷ ଧରି ଚାଲିଛି, ହେଲେ ପୋଲିସ କି ଅବକାରୀ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବାରୁ ଏହି ଚୋରା ବ୍ୟବସାୟୀମାନେ ଦୀର୍ଘ ୨୦/୨୫ ବର୍ଷ ହେଲା ଚୋରା ଗଞ୍ଜେଇ, ମହୁଲି ମଦର ଅବାଧ ବ୍ୟବସାୟ କରି ଲକ୍ଷପତି ସାଜିଛନ୍ତି ଏବଂ ଚୋରା ମଦ ଗଞ୍ଜେଇର ଅର୍ଥ ବଳରେ ବ୍ୟବସାୟୀଙ୍କ ଗୁଣ୍ଡା ରାଜ୍ ମଧ୍ୟ ଅସହ୍ୟ ହୋଇପଡିଛି । ସକାଳ ଓ ସଞ୍ଜ ହେଲେ ଉକ୍ତ ଦୋକାନ ନିକଟସ୍ଥ ରାଜପଥ ପାର୍ଶ୍ୱରେ ନିଶାଡି ମାନଙ୍କର ଗହଳି ଲାଗି ରହିବା ଓ ନିଶା ସେବନ କରି ଅଶ୍ଳୀଳ ଭାଷାରେ ଚିତ୍କାର ଓ ବେଳେ ବେଳେ ନିଶା ଗ୍ରସ୍ତ ଅବସ୍ଥାରେ ମାର୍‌ପିଟ୍ ଭଳି ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି, ଏବଂ ଏ ସମୟରେ ପଥଚାରୀ ଓ ସ୍କୁଲ୍‌କୁ ଯାଉଥିବା ଛୋଟ ଛୋଟ ପିଲାମାନେ ଆତଙ୍କିତ ଅବସ୍ଥାରେ ଗମନା ଗମନ କରୁଛନ୍ତି । ସେହିଭଳି ଏହି ଚୋରା ଗଞ୍ଜେଇ, ମହୁଲି ମଦ ବିକ୍ରେତା ଗ୍ରାହକ ବୃଦ୍ଧି ଓ ପୋଲିସ ପ୍ରଶାସନ ଠାରୁ ନିଜକୁ ସୁରକ୍ଷା ପାଇଁ କ୍ୟାବିନ୍ ନିକଟରେ ଏକ ହନୁମାନ ମନ୍ଦିର ନିର୍ମାଣ କରି ନିଶାଡି ଗ୍ରାହକଙ୍କ ସଂଖ୍ୟା ବୃଦ୍ଧି ସହିତ ମନ୍ଦିର ନିକଟରେ ଆଡ୍ଡା କରିଥିବାର ଦେଖାଯାଇଛି । ଏବଂ ଉକ୍ତ କ୍ୟାବିନ୍ ନିକଟରେ ଅନ୍ୟ ଏକ ଶିବ ମନ୍ଦିର ରହିଥିବାରୁ ଏଠାରେ ଗଞ୍ଜେଇ ଭକ୍ତ ଓ ଗ୍ରାହକ ଚୋରା ଗଞ୍ଜେଇ ବ୍ୟବସାୟୀଙ୍କୁ ବେଶ୍ ସୁହାଇଛି । ତେଣୁ ଏଥିପ୍ରତି ଦୃଷ୍ଟି ଦେବାକୁ ଦୃଢ଼ ଦାବି ହୋଇଛି ।

# ଧାମନଗର ଗ୍ରାମିଣ ପରିବହନ ସେବା ବିପର୍ଯ୍ୟସ୍ତ:ବସ୍ ଷ୍ଟପ୍‌ରେ ଅସାମାଜିକଙ୍କ ଆଡ୍ଡା

**ଧାମନଗର, ନ୍ୟୁଜ୍ ବ୍ୟୁରୋ**




ପୂର୍ବତନ ରାଜ୍ୟ ସରକାର ଗ୍ରାମାଞ୍ଚଳର ମହିଳା ଓ ପୁରୁଷମାନେ ବ୍ଲକକୁ ଆସିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନାରେ ବସ୍ ସେବା ଯୋଗାଇ ଦେଇଥିଲେ । ସେଥିରେ ମହିଳାଙ୍କ ପାଇଁ ୫ ଟଙ୍କା ଓ ପୁରୁଷଙ୍କ ପାଇଁ ୧୦ ଟଙ୍କା ବସ୍ ଟିକେଟ୍ ଧାର୍ଯ୍ୟ କରାଯାଇଛି । ପଞ୍ଚାୟତ ହେଡ କ୍ୱାର୍ଟର ଠାରୁ ବ୍ଲକ ହେଡ କ୍ୱାର୍ଟରକୁ ଏହି ବସ୍ ଯାଉଚି । ପ୍ରକାଶଥାଉକି ଧାମନଗର ବ୍ଲକରେ ମୋଟ୍ ୩୭ଟି ବସ୍‌ଷ୍ଟପ୍ ନିର୍ମାଣ ହେବାକୁ ଯୋଜନା ହୋଇଥିଲା । ନୂଆ ବସ୍ ଷ୍ଟପ୍ ଲାଗି ୫ ଲକ୍ଷ ୩୦ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା । ସେହିପରି ୪ଟି ବସ୍ ଷ୍ଟପ୍‌କୁ ମରାମତି କରାଯିବା ପାଇଁ ୩ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟ ବରାଦ ହୋଇଛି । ଧାମନଗର ବ୍ଲକର ୩୧ଟି ପଞ୍ଚାୟତରେ ବସ୍ ଷ୍ଟପ୍ ପାଇଁ ଟଙ୍କା ମଞ୍ଜୁର ହୋଇଥିଲା । ସେଥିମଧ୍ୟ ସମସ୍ତ ପଞ୍ଚାୟତରେ ପାଖାପାଖି ବସ୍ ଷ୍ଟପ୍ ସରିଯାଇଥିବା ବେଳେ ତିନିରୁ ଚାରୋଟି ପଞ୍ଚାୟତରେ ଅଧା କାମ ହୋଇରହିଥିବା ବେଳେ ମୁସ୍ତାଫାପୁର ଓ ଦୋବଲ ପଞ୍ଚାୟତ ଇଟା ଖଣ୍ଡେ ବି ଯୋଡ଼ା ଯାଇନି । ତେବେ ରାଜ୍ୟର ମୋହନ ସରକାର ଦାୟିତ୍ୱ ନେବାପରେ ଲକ୍ଷ୍ମୀ ବସ୍‌ର ନାମ ପରିବର୍ତ୍ତନ ସହ ବସ୍‌ର ରଙ୍ଗ ମଧ୍ୟ ପରିବର୍ତ୍ତନ କରି ମୁଖ୍ୟମନ୍ତ୍ରୀ ବସ୍ ସେବା ନାମ କରଣ କରାଯାଇଥିବା ବେଳେ ପୁଣି ନାମ ପରିବର୍ତ୍ତନ କରାଯାଇ ଗ୍ରାମୀଣ ପରିବହନ ସେବା ନାମରେ ଏବେ ବସ୍ ଚାଲିଛି । ପ୍ରଥମେ ଧାମନଗର ବ୍ଲକ୍‌କୁ ଗୋଟିଏ ବସ୍ ଚାଲିଥିବା ବେଳେ ଏବେ ଚାରୋଟି ବସ୍ ଧାମନଗରରେ ଚାଲିଛି । ଧାମନଗରରୁ ବାଙ୍କସାହି, ଧାମନଗରରୁ ପଧାନୀ, ଧାମନଗରରୁ କାସିନ୍ଦିପୁର ଓ ଧାମନଗରରୁ କୁବେରାକୁ ଏହି ବସ୍ ଯାଉଛି । ପୂର୍ବ ଅପେକ୍ଷା ଏବେ ଏହି ବସ୍ ଉପରେ ଅଧିକ ମହିଳା ଓ ପୁରୁଷ ନିର୍ଭର କରୁଛନ୍ତି । ହେଲେ ସରକାରଙ୍କ ଏହି ଯୋଜନା ପ୍ରତ୍ୟେକ ପଞ୍ଚାୟତକୁ ଯିବ ମାତ୍ର ଅନେକ ପଞ୍ଚାୟତକୁ ବିଭିନ୍ନ କାରଣ ବସତ ବସ୍ ଯାଇପାରୁନି । ବିଶେଷ କରି ଆନନ୍ଦପୁର, ଖଡ଼ିପଦା, ଦୋବଲ, ହସନାବାଦ, କରଦା, ଭଟସାହି, ଅର୍ଜୁନପୁର ଆଦି ପଞ୍ଚାୟତ ବସ୍ ଷ୍ଟପ୍‌କୁ ବସ୍ ଯାଉନାହିଁ । ତେବେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ବସ୍ ଷ୍ଟପ୍ ନିର୍ମାଣ କରାଯାଇଥିବା ବେଳେ ଏହି ବସ୍ ଷ୍ଟପ୍ ଏବେ ଅସାମାଜିକ ଲୋକଙ୍କ ବାସ୍ ସ୍ଥାନ ହୋଇଚି । ଏ ଦିଗରରେ ଭଦ୍ରକ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି । ଏ ଦିଗରେ ଧାମନଗର ବିଡ଼ିଓ ବନ ବିହାରୀ ଦିନ୍ଦା କହିଛନ୍ତି ଯେ କିଛି ସ୍ଥାନରେ ରାସ୍ତା ଅବସ୍ଥା ଭଲନଥିବାରୁ ବସ୍ ଯାଇପାରୁନି ତେବେ ଖୁବ୍ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ବିଡ଼ିଓ କହିଛନ୍ତି ।

# ରାସ୍ତା ନାଁରେ କାଟିଦେଲେ ଗଛ:ପ୍ରଶାସନର ଭୂମିକା ନେଇ ଉଠିଲା ପ୍ରଶ୍ନ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଜଣେ ବ୍ୟକ୍ତିର ସ୍ୱାର୍ଥ ପାଇଁ ସର୍ବସାଧାରଣ ସ୍ଥାନରୁ ଏକାଧିକ ମୂଲ୍ୟବାନ ଗଛ କାଟି ଦିଆଯିବା ଭଳି ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି ଧାମନଗର ବ୍ଲକର ରଇପୁର ପଞ୍ଚାୟତରେ । ଏହି ଘଟଣାରେ ପ୍ରଶାସନର ଭୂମିକାକୁ ନେଇ ବଡ଼ ପ୍ରଶ୍ନ ଉଠିଛି ଏବଂ ଏହା ରଇପୁର ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି । ଜଣାଯାଇଛି ଯେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ରଇପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଜାଗାକୁ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି । ଏଥି ସକାଶେ ବୈତରଣୀ ନଦୀରୁ ବାହାରି ବ୍ୟାପକ ଅଞ୍ଚଳର ଚାଷଜମିକୁ ଜଳସେଚିତ କରୁଥିବା ଏକ ପ୍ରାଚୀନ ନାଳର ପୂର୍ବ ପାର୍ଶ୍ୱ ହୁଡାକୁ ନଷ୍ଟ କରିବା ସହ ଏଠାରେ ଥିବା ପାଖାପାଖି ୫୦ଟି ତାଳ, ଚାମୁଣ୍ଡା, ନିମ୍ବ, ବାଉଁଶ ଆଦି ଗଛକୁ କାଟି ଦିଆଯାଇଥିବା ଜଣାପଡିଛି । ବର୍ତ୍ତମାନ ସମୟରେ ବୃକ୍ଷ କାଟିବା ପ୍ରକୃତି ଓ ପରିବେଶ ସୁରକ୍ଷା ଉପରେ ଗଭୀର ପ୍ରଭାବ ପଡୁଛି । ଏପରି ସ୍ଥଳେ ପ୍ରଶାସନ ସମୂହ ସ୍ୱାର୍ଥକୁ ଆଡ଼େଇ ଯାଇ ନିର୍ଦ୍ଦିଷ୍ଟ ଜଣଙ୍କ ପାଇଁ ଆଗଭର ହୋଇ କାର୍ଯ୍ୟ କରିଛି । ଧାମନଗର ତହସିଲଦାର ଏବଂ ପୋଲିସ ମୁତୟନ ହୋଇ ଅନେକ ପୁରୁଣା ଗଛ କାଟି ଦିଆଯାଇଛି ବୋଲି ଗ୍ରାମବାସୀ ଆରୋପ ଆଣିଛନ୍ତି । କାହିଁ କେଉଁ ଦିନରୁ ଥିବା ପାଣି ନାଳକୁ କ୍ଷତି ପହଞ୍ଚାଇବା ଏବଂ ଅନେକ ଗଛ କାଟି ଦେଇଥିବା ବ୍ୟକ୍ତି ଏବଂ ଏହାକୁ କାର୍ଯ୍ୟକାରୀ କରିଥିବା ପ୍ରଶାସନ ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଗ୍ରାମବାସୀ ଏବଂ ଏହାର ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଉଠାଇଛନ୍ତି । ଏଭଳି ଘଟଣା ସମ୍ପର୍କରେ ଧାମନଗର ତହସିଲଦାର ଦୀପକ କୁମାର ଦାସଙ୍କ ପ୍ରତିକ୍ରିୟା ନିଆଯାଇଥିଲା । ସେ ଏନେଇ କହିଛନ୍ତି ଯେ ଏଥିରେ ତାଙ୍କର କୌଣସି ଭୂମିକା ନାହିଁ । ସରକାରୀ ନିର୍ଦ୍ଦେଶ ମତେ ଗଛ କାଟିବା ବେଳେ ସେ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଭାବେ ସେଠାରେ ଉପସ୍ଥିତ ଥିଲେ । ରଇପୁର ଗ୍ରାମବାସୀ ଏହି ପ୍ରସଙ୍ଗରେ ଧାମନଗର ତହସିଲଦାର ଏବଂ ବିଡିଓଙ୍କ ଠାରେ ସେମାନଙ୍କ ଅଭିଯୋଗ ଉତ୍‌ଥାପନ କରିଛନ୍ତି ।

# ରାଜଧାନୀର ଜଳଖିଆ ଦୋକାନ:ରୋଗ ସୃଷ୍ଟି କରୁଛି ପ୍ଲାଷ୍ଟିକ୍ ପେପର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପ୍ଲାଷ୍ଟିକ୍ ପେପର ପ୍ରକୃତି ଓ ମନୁଷ୍ୟ ପାଇଁ ଘାତକ ସାଜୁଛି । ହେଲେ ଏହି ପ୍ଲାଷ୍ଟିକ୍ ପେପର୍‌ର ବ୍ୟବହାର ବହୁଳ ମାତ୍ରାରେ କରାଯାଉଛି । ଏହାକୁ ବ୍ୟବହାର କରି ବିଭିନ୍ନ ରୋଗର ଶିକାର ହେଉଛନ୍ତି । ଜଳଖିଆ ଦୋକାନ, ହୋଟେଲ, ଫାଷ୍ଟଫୁଡ୍ ଦୋକାନୀମାନେ ପରିଶ୍ରମ ଓ ସମୟ ବଞ୍ଚାଉଥିବା ବେଳେ ଗ୍ରାହକମାନେ ବିଭିନ୍ନ ରୋଗରେ ପଡୁଛନ୍ତି । ଜଳଖିଆ ଦୋକାନରେ ଏବେ ଅଭିନବ ଉପାୟରେ ଖାଦ୍ୟ ଦିଆଯାଉଛି । ଷ୍ଟିଲ୍ ପ୍ଲେଟ୍ ଉପରେ ଏକ ପତଳା ପ୍ଲାଷ୍ଟିକ୍ ପେପର ପକାଇ ଖାଦ୍ୟ ପରଷିବା ଏକ ସାଧାରଣ ଘଟଣାରେ ପରିଣତ ହେଲାଣି । ପ୍ଲେଟ୍ ଉପରେ କାଗଜ ପକାଇ ତା' ଉପରେ ଖାଦ୍ୟକୁ ରଖାଯାଇ ଲୋକମାନଙ୍କୁ ଦିଆଯାଉଛି । ଯାହାଦ୍ୱାରା ଲୋକମାନେ ଖାଦ୍ୟ ଖାଇବା ସହିତ ସେହି ପେପର୍‌ର କିଛି ଅଂଶକୁ ଖାଇଦେଉଛନ୍ତି । ରାଜଧାନୀର ଗଳି ଓ ଛକମାନଙ୍କରେ ଛତୁ ଫୁଟିଲା ଭଳି ଟିଫିନ୍ ସେଣ୍ଟର ଓ ଫାଷ୍ଟଫୁଡ୍ ଦୋକାନ ରହିଛି । ଏହିସବୁ ଦୋକାନରେ ସକାଳ ଜଳଖିଆ ଖାଇବା ପାଇଁ ଭିଡ଼ ଲାଗିଯାଉଛି । ଗରାଖଙ୍କ ଚାହିଦା ମୁତାବକ ଦୋକାନୀ ଗରମ ଗରମ ବରା, ଗୁପୁନି, ଉପମା, ଇଡ୍‌ଲି ଇତ୍ୟାଦି ପରଷି ଦେଉଛନ୍ତି । ହେଲେ ଲୋକମାନେ କିଛି ନଦେଖି ଆରମ୍ଭରେ ଖାଇ ଆସନ୍ତି । ଏନେଇ ଜାଗମରା ଅଞ୍ଚଳରେ ରହିଥିବା ଏକ ଜଳଖିଆ ଦୋକାନକୁ ଜଳଖିଆ ଖାଇବା ପାଇଁ ଆସିଥିବା ସଂଗ୍ରାମ ପଟ୍ଟନାୟକ କୁହନ୍ତି ଏଇ ଷ୍ଟିଲ୍ ପ୍ଲେଟ୍ ଉପରେ ଯେଉଁ ପେପର୍ ପକାଇ ଖାଦ୍ୟ ଦେଉଛନ୍ତି ଏହାଦ୍ୱାରା ଦୋକାନୀଙ୍କୁ ଏକ ପ୍ରକାର ପ୍ଲେଟ୍ ଧୋଇବାକୁ ପଡୁନାହିଁ ଏବଂ ତାଙ୍କର ସମୟ ମଧ୍ୟ ବଞ୍ଚିଯାଉଛି । ସେ ଆହୁରି ମଧ୍ୟ କହିଛନ୍ତି ଖାଦ୍ୟର ବାସ୍ନାରେ ଲୋକମାନେ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି । ପ୍ଲେଟ୍ ଓ କପ୍‌ରେ ମଧ୍ୟ ଏକ ପତଳା ପ୍ଲାଷ୍ଟିକ୍ ଆବରଣ ରହୁଛି । ପେଟ୍ରୋଲିୟମ୍‌ରୁ ପ୍ରସ୍ତୁତ ଏହି ପ୍ଲାଷ୍ଟିକ୍ କାଗଜ ସାଧାରଣତଃ ଥରେ ବ୍ୟବହାର ପାଇଁ କ୍ଷତିକାରକ ହୋଇନଥିଲେ ମଧ୍ୟ ଅଧିକ ଗରମ ଖାଦ୍ୟ ବା ପାନୀୟ ରଖୁ । ଏଥିରୁ କିଛି ରାସାୟନିକ ପଦାର୍ଥ ଖାଦ୍ୟରେ ମିଶିପାରେ ଓ ଏସବୁ ପଦାର୍ଥ ସ୍ୱାସ୍ଥ୍ୟ ପାଇଁ ବହୁତ କ୍ଷତିକାରକ । ଏହାକୁ ବ୍ୟବହାର କରିବା ଦ୍ୱାରା କ୍ୟାନ୍‌ସର୍ ସୃଷ୍ଟିର କାରଣ ହୋଇପାରେ । ପରବର୍ତ୍ତୀ ସମୟରେ ଏହି ପ୍ଲାଷ୍ଟିକ୍ ପେପର୍‌କୁ ବ୍ୟବହାର କରି ବାହାରେ ଫୋପାଡ଼ି ଦିଆଯାଉଛି, ଯାହା ଉଭୟ ପରିବେଶ ଓ ଜୀବଜନ୍ତୁଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି । ଏ ପ୍ରକାର ସଂଶ୍ଳେଷିତ ପ୍ଲାଷ୍ଟିକ୍ ବଦଳରେ ଯଦି ଉଦ୍ଭିଦ ଉତ୍ସରୁ ପ୍ରସ୍ତୁତ ଜୈବ ପ୍ଲାଷ୍ଟିକ୍ ବ୍ୟବହୃତ ହୁଅନ୍ତା ତେବେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିର ସମ୍ଭାବନା ରହନ୍ତା ନାହିଁ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକ୍‌କୁ ଯେତେ ବର୍ଜନ କରିହେବ ଏହା ଆମ ସମସ୍ତଙ୍କ ପାଇଁ ସେତେ ମଙ୍ଗଳମୟ ହେବ ବୋଲି ଓଡ଼ିଶା ପରିବେଶ ସମିତିର ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି ।



# ମା' ଦୁର୍ଗାଙ୍କ ଆଗମନର ବାର୍ତ୍ତା ନେଇ ହସୁଛି କାଶତଣ୍ଡି

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଶରତର ଆଗମନରେ କାଶତଣ୍ଡି ଫୁଲ ମହୀ ପୃଷ୍ଠରେ ଧବଳ ଚଦରର ଆବରଣ ପରି ଦିଶେ । ରାସ୍ତା କଡ଼ରେ ଅବା ସରୋବରେ ଏବେ କୁମୁଦ କମଳ । ମା'ଙ୍କ ଆଗମନର ପୂର୍ବାଭାସରେ ଏବେ ପୁଲକିତ ହୋଇ ଉଠିଛି ଧରଣୀ ରାଣୀ । ଶସ୍ୟ ଶ୍ୟାମଳା ଧରଣୀରେ ନିଜ ପତିଆରା ବିସ୍ତାର କରି ନୀଳ ଆକାଶ ତଳେ ଖିଲିଖିଲି ହସୁଛି କାଶତଣ୍ଡୀ ଫୁଲ । ନଦୀ ପଠା ଠାରୁ ଆରମ୍ଭ କରି ରାସ୍ତାକଡ ପର୍ଯ୍ୟନ୍ତ ସବୁଠି ଭରିଦେଇଛି ସୌନ୍ଦର୍ଯ୍ୟର ଫୁଆରା । ଆସୁଛି ପାର୍ବଣ, ମା'ଙ୍କ ଆଗମନର ବାର୍ତ୍ତା ନେଇ ଫୁଟିଲାଣି କାଶତଣ୍ଡି । ଧରାପୃଷ୍ଠକୁ ଓହ୍ଲାଇବେ ଜଗତଜନନୀ ମା' ଦୁର୍ଗା । ମା'ଙ୍କ ସ୍ୱାଗତରେ ବାହୁମେଲାଇ ବସିଲାଣି କାଶତଣ୍ଡୀ ଫୁଲ । ପ୍ରକୃତି ରାଣୀ ସଜେଇ ହେଲାଣି । ଶାରଦୀୟ ପୂଜା ସମୟରେ ନାନାଦି ଫୁଲର ବାସ୍ନା ମା'ଙ୍କ ଆଗମନକୁ ସୁଗନ୍ଧିତ କରୁଛି । କୃଷି କ୍ଷେତ୍ରରେ ଧରଣୀ ରାଣୀ ସବୁଜ ବନାନୀ ସାଙ୍ଗକୁ ପବନରେ କାଶତଣ୍ଡୀ ଫୁଲ ହଲିଝୁଲି ମା'ଙ୍କୁ ସ୍ୱାଗତ ଜଣାଉଛି । ନରଣପୁର କପିଳେଶ୍ୱର ବିହାର ଭିତରେ ଚତୁର୍ଦ୍ଦିଗରେ ଏବେ ଭରି ରହିଛି ମାଳ ମାଳ କାଶତଣ୍ଡୀ । ସୁଲୁସୁଲିଆ ପବନର ଦୋଳି ଖେଳୁଥିବା କାଶତଣ୍ଡୀକୁ ଦେଖି କ୍ଷଣିଏ ଅଟକି ଯାଉଛନ୍ତି ସଭିଏଁ । ଏହିଫୁଲ ଓଡ଼ିଆ ସଂସ୍କୃତି ସହ ମଧ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ରେଖା ପାଞ୍ଚମୀରୁ କାଶତାଣ୍ଡି ଫୁଲର ବେଣୀ ଘର କବାଟରେ ବାନ୍ଧି ପୂଜା କରାଯାଏ । ଆଉ କାଶତଣ୍ଡିର ବେଳାୟିତ ଚାମରରେ ମା' ଦୁର୍ଗା ଧରବତାରଣ କରନ୍ତି ବୋଲି ବିଶ୍ୱାସ ରହିଛି । ଶରତ ଋତୁର ଆଗମନ ଠାରୁ ଆରମ୍ଭ କରି ଶାରଦୀୟ ଦୁର୍ଗାପୂଜାର ପ୍ରତୀକ କାଶତଣ୍ଡି ଫୁଲ ଧରାପୃଷ୍ଠରେ ନିଜ ସୌନ୍ଦର୍ଯ୍ୟ ସଦା ବିକିରଣ କରି ଏବେ ନରଣପୁରର ବିଭିନ୍ନ ସ୍ଥାନରେ ଶୋଭା ବଢ଼ାଇ ଚାଲିଛି । ରାସ୍ତାରେ ଯାତାୟାତ କରୁଥିବା ଲୋକେ ଏବେ କାଶତଣ୍ଡି ସହ ଫଟୋ ଉଠାଇ ନିଜର ସ୍ମୃତିକୁ ସାଉଁଟିବାରେ ଲାଗିଛନ୍ତି । ସତରେ ମାଆ ଆସୁଛନ୍ତି ଲୋକଙ୍କୁ ଆଶୀର୍ବାଦ ପ୍ରଦାନ କରିବା ପାଇଁ ।

# ଭଦ୍ରକ ଜିଲ୍ଲାରେ ବୁଲିଲା 'ସୁଭଦ୍ରା' ସଚେତନତା ରଥ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**



ମହିଳା ସଶକ୍ତି କରଣ ନେଇ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଯୁଗାନ୍ତକାରୀ ଯୋଜନା 'ସୁଭଦ୍ରା'ର କାର୍ଯ୍ୟକାରୀତା ଦିଗରେ ଭଦ୍ରକ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ସମ୍ବନ୍ଧରେ ସୂଚନା ପ୍ରଦାନ କରାଯିବା ସହିତ ଗଣମାଧ୍ୟମ ଜରିଆରେ ଏହି ଯୋଜନା ସମ୍ବନ୍ଧରେ ଯୋଗ୍ୟ ହିତାଧିକାରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏକ ସାମ୍ବାଦିକ ସାକ୍ଷାତକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍.ପି. ବରୁଣ ଗୁଣ୍ଡୁପାଲି, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ସୁଭଦ୍ରା ଯୋଜନାରେ ଜିଲ୍ଲା ପାଇଁ ନୋଡାଲ୍ ଅଧିକାରୀ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଏହି ଜିଲ୍ଲା ସ୍ତରୀୟ ପ୍ରେସ୍‌ମିଟ୍‌ର ଆବାହକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ । ସୁଭଦ୍ରା ଯୋଜନାର ଆଭିମୁଖ୍ୟ, ଜିଲ୍ଲାରେ ଏହି ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ପ୍ରସ୍ତୁତି, ମାଗଣାରେ ଫର୍ମ ବିତରଣ, ଆବେଦନ ପ୍ରକ୍ରିୟା, ଯୋଗ୍ୟ ହିତାଧିକାରୀ, ଅନ୍‌ଲାଇନ୍‌ରେ ଆବେଦନ ପାଇଁ ନିୟୋଜିତ ମୋ ସେବା କେନ୍ଦ୍ର, ଜନସେବାକେନ୍ଦ୍ର, ଆଧାର ସଂଯୋଗ ପାଇଁ ଚିହ୍ନଟ ଆଧାର କେନ୍ଦ୍ର ସମ୍ବନ୍ଧରେ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ତଥ୍ୟ ସମ୍ବନ୍ଧରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଥିଲେ । ସୂଚନାଯୋଗ୍ୟକି ଏହି କାର୍ଯ୍ୟ ପାଇଁ ଭଦ୍ରକ ଜିଲ୍ଲାରେ ୧୦୮୬ଟି ଜନସେବା କେନ୍ଦ୍ର ୨୯୧ଟି ମୋ ସେବା କେନ୍ଦ୍ର ୪୦ଟି ଆଧାର କେନ୍ଦ୍ର ଚିହ୍ନଟ କରାଯାଇଥିବା ସମ୍ବନ୍ଧରେ ଜିଲ୍ଲାପାଳ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ପାଇଁ ମୁଦ୍ରିତ ୬ ଲକ୍ଷ ଆବେଦନ ଫର୍ମରୁ ୪ ଲକ୍ଷ ବିତରଣ ସରିଥିବା ଏବଂ କୌଣସି ଜାଗାରେ ଫର୍ମର ଅଭାବନଥିବା କହିଥିଲେ । ଆବେଦନର କୌଣସି ନିର୍ଦ୍ଧାରିତ ଶେଷ ତାରିଖ ନାହିଁ । ଏଥିପାଇଁ ଆବେଦନ ପ୍ରକ୍ରିୟା ନିରନ୍ତର ଭାବେ ଚାଲୁ ରହିବ । ଆବେଦନକାରୀମାନେ ବ୍ୟତିବ୍ୟସ୍ତ ନହେବାକୁ ଗଣମାଧ୍ୟମ ଜରିଆରେ ଜିଲ୍ଲାପାଳ ଜଣାଇଛନ୍ତି । ଆଧାର-ମୋବାଇଲ ଲିଙ୍କ ହୋଇନଥିଲେ ମଧ୍ୟ ପଞ୍ଜିକରଣ କରିହେବ ବୋଲି ଜିଲ୍ଲାପାଳ ଜଣାଇଥିଲେ । ବାୟୋମେଟ୍ରିକ୍ ପଦ୍ଧତିରେ ଆଧାର ପ୍ରାମାଣିକରଣ କରାଯାଇପାରିବ । ଚଳିତମାସ ୧୭ ତାରିଖ ଦିନ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଆଗମନ ଅବସରରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପ୍ରଦାନର ଶୁଭାରମ୍ଭ କରାଯିବ । ମାର୍ଚ୍ଚ ୨୦୨୫ ସୁଦ୍ଧା ଯୋଗ୍ୟ ହିତାଧିକାରୀଙ୍କୁ ୨ଟି କିସ୍ତିରେ ୧୦ ହଜାର ଟଙ୍କା ପ୍ରଦାନ କରାଯିବ । ଜିଲ୍ଲାର ୨୪୩୫ ଅଙ୍ଗନୱାଡ଼ି ଜରିଆରେ ଫର୍ମ ବିତରଣ କାର୍ଯ୍ୟ ଚାଲୁ ରହିଛି । କୌଣସି ଅସୁବିଧାର ସମୁଖୀନ ହେଲେ ନିଶୁଳ୍କ ହେଲ୍ପଲାଇନ୍ ୧୪୬୭୮ରେ ହିତାଧିକାରୀମାନେ ଯୋଗାଯୋଗ କରିପାରିବେ । ସେପ୍ଟେମ୍ବର ୭ରୁ ୧୬ ମଧ୍ୟରେ ଜିଲ୍ଲାରେ ବୁଲିବ ସୁଭଦ୍ରା ସଚେତନତା ରଥ । ହୋର୍ଡ଼ିଂ, ବ୍ୟାନର, ପୋଷ୍ଟର ଓ ୱାଲ୍ ପ୍ରେଣ୍ଟିଂ ଜରିଆରେ ପଞ୍ଚାୟତ, ବ୍ଲକ, ଜିଲ୍ଲା ସ୍ତରରେ ପ୍ରଚାର ପ୍ରସାର କରାଯିବା ନେଇ ମଧ୍ୟ ଜିଲ୍ଲାପାଳ ସୂଚନା ପ୍ରଦାନ କରିଥିଲେ ।

# ରାସ୍ତା ଉପରେ ଲୁହା ରଡ ରଖି ବିକ୍ରୟ, ଜରିମାନା ଆଦାୟ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ବାଇପାସ୍ ରୋଡରେ ଥିବା ତାରା ତାରିଣି ଟ୍ରେଡସ୍ ଠାରୁ ଜରିମାନା ଆଦାୟ କଲା ପୌର ପାଳିକା । ରାସ୍ତା ଉପରେ ଉଭୟ ପାଶ୍ୱରେ ରଡ ରଖି ବିକ୍ରି କରୁଥିବାରୁ ଟ୍ରାଫିକ୍ ସମସ୍ୟା ଦେଖାଯାଇଛି । ଏନେଇ ଅଭିଯୋଗ ପାଇ ଜୟପୁର ପୌର ନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଚଢଉ କରାଯାଇଥିଲା । ୧୦ ହଜାର ଟଙ୍କା ଜରିମାନା ଆଦାୟ କରିବା ସହ ୩ ଦିନ ପାଇଁ ଦୋକାନକୁ ସିଲ୍ କରାଯାଇଥିବା ଜଣାଯାଇଛି ।

# ଲୁଣା ପାଣି ନିଷ୍କାସନ ହେଉନି:ହେକ୍ଟର ହେକ୍ଟର ଜମିରେ ଫସଲ ନଷ୍ଟ

**ଚାନ୍ଦବାଲି, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଗଳିଆ ନଦୀ ସୁଇଜ୍ ଗେଟ୍‌ରେ ଲୁଣା ପାଣି ନିଷ୍କାସନ୍ ଦାବିରେ ନବନିର୍ମାଣ କୃଷକ ସଂଗଠନ ତରଫରୁ ଚାନ୍ଦବାଲି ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ନବନିର୍ମାଣ କୃଷକ ସଂଗଠନର ବ୍ଲକ ସଂଯୋଜକ କୃଷ୍ଣ ଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଶୁକ୍ରବାର ଦିନ ଉତୁକୁଡା, ଚଡଦିଆ, ନଳଗୋହିରା, ବିଜୟନଗର, ଓରାସାହି, କାଣ୍ଡଗରଡ଼ି ପଞ୍ଚାୟତର ଶତାଧିକ ଚାଷୀ ସ୍ଥାନୀୟ କାଳୀ ମନ୍ଦିର ପାଖରୁ ବାହାରି ତହସିଲ ଅଫିସ ପର୍ଯ୍ୟନ୍ତ ଚାଲି ଚାଲି ଯାଇଥିଲେ ଓ ସେଠାରେ ଅତିରିକ୍ତ ତହସିଲଦାର ଠାକୁର ଦାସ ନାୟକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ଦେଇଥିଲେ । ଚାଷୀମାନଙ୍କ ଦାବି ଅନୁସାରେ ଗଳିଆ ନଦୀ ଉପରେ ଥିବା ସାତୋଟି ସୁଇଜ୍ ଗେଟ୍ ମଧ୍ୟରୁ ଚାରୋଟି ଗେଟ୍ ଅଧଖଣ୍ଡିଆ ହୋଇପଡିଛି ଆଉ ତିନୋଟି ଗେଟ୍ ଖୋଲାଯାଉନି । ଫଳରେ ନଟି ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷ ଜମିରେ ଲୁଣା ପାଣି ମାଡି ଚାଷ ନଷ୍ଟ କରୁଛି । ଏଣୁ ତୁରନ୍ତ ଗେଟ୍ ଖୋଲି ଲୁଣା ପାଣି ନିଷ୍କାସନ କରିବାକୁ ଚାଷୀମାନେ ଦାବି କରିଛନ୍ତି । ଯଦି ପ୍ରଶାସନ ତୁରନ୍ତ ଚାଷୀ ମାନଙ୍କ ସମସ୍ୟାର ସମାଧାନ ନକରେ ତେବେ ଆଗାମୀ ଦିନରେ ହଜାର ହଜାର ଚାଷୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ନବନିର୍ମାଣ କୃଷକ ସଂଗଠନର ବ୍ଲକ ସଂଯୋଜକ କୃଷ୍ଣଚନ୍ଦ୍ର ବିଶ୍ୱାଳ । ଏହି କାର୍ଯ୍ୟକ୍ରମରେ ବିଜୟନଗର ସରପଞ୍ଚ, ଦିଲ୍ଲୀପ ରାଉତ, ସଂଯୋଜକ କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ପ୍ରଫୁଲ୍ଲ ଦାସ, ବିଜୟ ରାଉତ, ଦୁର୍ଯ୍ୟୋଧନ ରାଉତ, ପ୍ରମାଣନ୍ଦ ମଲ୍ଲିକ, କାୟିଳାସ ଦାସ, ପ୍ରଫୁଲ୍ଲ ପ୍ରଧାନ, ପିତାମ୍ବର ସ୍ୱାଇଁ, ଧୀରେନ୍ଦ୍ର ପ୍ରଧାନ, ଗୌରହରି ବେହେରା, ହେମନ୍ତ ନାୟକ, ସୁରେନ୍ଦ୍ର ନାୟକ, ଭକ୍ତଚରଣ ସାହୁ, ସୁବାସ ଚନ୍ଦ୍ର ନାୟକ, ଉପେନ୍ଦ୍ର ଦାସ, ଭୀମସେନ୍ ଦାସ, ଲୋକନାଥ ବିଶ୍ୱାଳ, ମୁରଲୀଧର ଜେନା, ସନ୍ଥଚରଣ ନାୟକ, ଶ୍ରୀଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# କାର୍ ଧକ୍କାରେ ସାଇକେଲ୍ ଚାଳକଙ୍କ ମୃତ୍ୟୁ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଚାନ୍ଦବାଲି ମୁଖ୍ୟ ରାସ୍ତା ଚନ୍ଦନପୁର ଛକ ନିକଟରେ ଅପରାହ୍ନରେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ସାଇକେଲ ଆରୋହୀଙ୍କୁ ପିଟିଲା ଏକ କାର୍ । କାର୍‌ଟି ଭଦ୍ରକ ଆଡୁ ଚାନ୍ଦବାଲି ଯାଉଥିବା ସମୟରେ ଚନ୍ଦନପୁର ଛକ ନିକଟରେ ଘଟିଛି ଦୁର୍ଘଟଣା । ସ୍ଥାନୀୟ ଲୋକେ ସାଇକେଲ ଆରୋହୀଙ୍କୁ ଉଦ୍ଧାର କରି ପ୍ରଥମେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଯୋଗେ ପଠାଇଛନ୍ତି । ଖବରପାଇ ଚାନ୍ଦବାଲି ଥାନାର ଆଇଆଇସି ପଞ୍ଚାନନ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଚାନ୍ଦବାଲି ପୋଲିସ ପହଞ୍ଚି ଗାଡ଼ିଟିକୁ ଜବତ କରିଛି । ପରେ ଚାନ୍ଦବାଲି ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ସାଇକେଲ ଆରୋହୀ ଅକ୍ଷୟ ସାହୁଙ୍କୁ ମୃତ ଘୋଷଣା କରିଥିଲେ ।

# ପରିତ୍ୟକ୍ତ ଘରେ ଚାଲିଛି ଶୁଦ୍ଧିକ୍ରିୟା

**ପୁରୀ, ନ୍ୟୁଜ୍ ବ୍ୟୁରୋ**



ପବିତ୍ର ନରେନ୍ଦ୍ର ପୁଷ୍କରିଣୀର ଦଶାହ ତୁଠ ଓ ତତ୍‌ସଂଲଗ୍ନ ପୁରାତନ ଶୁଦ୍ଧିକ୍ରିୟା ଗୃହ ଏବେ ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ରହିଛି । ନରେନ୍ଦ୍ର ପୁଷ୍କରିଣୀର ଚାରିପାର୍ଶ୍ୱ ଉନ୍ନତୀକରଣ ହୋଇଥିବା ବେଳେ ଦେବୀ ଘାଟ ସମ୍ମୁଖ ଦଶତୁଠର ଭିତ୍ତିଭୂମି ଉଜୁଡ଼ିଗଲାଣି । ନରେନ୍ଦ୍ର ପୁଷ୍କରିଣୀ ଏବଂ ମୂଷା ନଦୀକୁ ସଂଯୋଗ କରୁଥିବା ଏହି ସ୍ଥାନରେ ନିକଟସ୍ଥ ସାହିବାସିନ୍ଦାଙ୍କ ସହ ତୀର୍ଥଯାତ୍ରୀମାନେ ଶୁଦ୍ଧିକ୍ରିୟା, ଦଶାହ କର୍ମ ଏବଂ ମାନସିକ ପାଇଁ ଚୁଟି ପକାଇଥାନ୍ତି । ଏଥିପାଇଁ ତୁଠରେ ସଂସ୍କାରାଦି କାର୍ଯ୍ୟ କରିବା ପାଇଁ ରହିଥିବା ଘର ଏବେ ଅସଜଡ଼ା ଓ ଅଧାଭଙ୍ଗା ଅବସ୍ଥାରେ ରହିଛି । ଘରର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହେବାରୁ ବର୍ଷା ହେଲେ ପାଣି ଗଳୁଛି । ମୃତ୍ୟୁ ପରେ କ୍ରିୟା ଧରିଥିବା ବ୍ୟକ୍ତି ସେଠାରେ ଶ୍ରାଦ୍ଧ ଓ ଘଟ ରଖିବା ପାଇଁ ଥିବା ଗୃହର ବ୍ୟବସ୍ଥା ଶୋଚନୀୟ ହୋଇପଡ଼ିଛି । ଦୀର୍ଘଦିନ ଧରି ଘରଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି । ଘରର କବାଟ ଝରକା ଭାଙ୍ଗି ପଡ଼ିଥିବା ଯୋଗୁ ବୁଲା ଗାଇଗୋରୁ ଓ କୁକୁରଙ୍କ ଆଶ୍ରୟସ୍ଥଳୀ ପାଲଟିଛି । ନରେନ୍ଦ୍ର ପୁଷ୍କରିଣୀକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ନିଯୁକ୍ତି ଦିଆଯାଇଥିବା କର୍ମଚାରୀ କେବଳ ପୁଷ୍କରିଣୀର ସମ୍ମୁଖଭାଗ ଓ ଚକଡ଼ା ଅଞ୍ଚଳ ତଦାରଖ କରୁଥିବା ଦେଖାଯାଉଛି । ଫଳରେ ପୁଷ୍କରିଣୀର ଅନ୍ୟ ପାର୍ଶ୍ୱଗୁଡ଼ିକ ଅଳିଆ ଆବର୍ଜନାରେ ଭରପୂର ରହିଛି । ପ୍ରତିଦିନ ସ୍ଥାନୀୟ ଏବଂ ବାହାରୁ ଆସୁଥିବା ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟମାନେ ନରେନ୍ଦ୍ର ପୁଷ୍କରିଣୀର ଦଶାହ ତୁଠରେ ଶୁଦ୍ଧିକ୍ରିୟା କର୍ମ ସମ୍ପନ୍ନ କରିଥାନ୍ତି । ମାତ୍ର ତୁଠରେ ପୋଷାକ ବଦଳାଇବା ଗୃହ ନଥିବାରୁ ମହିଳାମାନେ ସମସ୍ୟା ଭୋଗୁଛନ୍ତି । ଏଭଳି ଅବ୍ୟବସ୍ଥା ଯୋଗୁ ସ୍ଥାନୀୟ ଲୋକେ ପୁଷ୍କରିଣୀର ଅନ୍ୟ ପାର୍ଶ୍ୱରେ ତୁଠ କରିଥିବା ଦେଖାଯାଉଛି । ବିଧି ପାଇଁ ସେଠାରେ ଦଶାହ ସ୍ନାନ କରିବା ପରେ ଲୋକମାନେ ଲୁଗାପଟା ଘାଟ ପରିସରରେ ଫିଙ୍ଗି ଦେଉଛନ୍ତି । ଦଶାହ ତୁଠରେ ଲାଗିଥିବା ସୂଚନା ଫଳକରେ ଅଳିଆ ଆବର୍ଜନା ଏବଂ ପୂଜା ସାମଗ୍ରୀ ପାଣିରେ ପକାଇବାକୁ ବାରଣ କରାଯାଇଥିଲେ ମଧ୍ୟ ଏହାକୁ କେହି ମାନୁନାହାନ୍ତି । ଦଶାହ ଶ୍ରାଦ୍ଧକର୍ମ ପରେ ସମସ୍ତ ସାମଗ୍ରୀ ପକାଇବା ପାଇଁ ବାହାରେ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ବୁଲା ଗାଇଗୋରୁ ସେଗୁଡ଼ିକୁ ଖାଇବାବେଳେ ରାସ୍ତାର ଏଣେତେଣେ ପକାଇ ଆବର୍ଜନା କରୁଛନ୍ତି । ତୁଠ ଘରର ମୁଖ୍ୟଦ୍ୱାର ଖୋଲା ରହୁଥିବାରୁ ନିଶାଖୋର ଓ ଅସାମାଜିକଙ୍କ ସେଠାରେ ଆଡ୍ଡାସ୍ଥଳି ପାଲଟିଛି । ପୌରସଂସ୍ଥା ପକ୍ଷରୁ କରାଯାଇଥିବା ଆଲୋକୀକରଣ ବ୍ୟବସ୍ଥା ଅଚଳ ହୋଇପଡ଼ିବାରୁ ଅନ୍ଧାରର ସୁଯୋଗ ନେଇ ଦୁର୍ବୃତ୍ତମାନେ ବ୍ରାଉନ୍‌ସୁଗର ଓ ନିଶା ଔଷଧ ସେବନ କରୁଛନ୍ତି । ଏପରିକି ବାହାରୁ ଶୁଦ୍ଧିକ୍ରିୟା ପାଇଁ ଏଠାକୁ ଆସୁଥିବା ଲୋକଙ୍କୁ ନିଶାଖୋର୍ ଯୁବକମାନେ ଦାଦାବଟି ମାଗୁଥିବା ଅଭିଯୋଗ ହେଉଛି । ଦଶାହ ତୁଠର ଅବ୍ୟବସ୍ଥା ପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

# ବର୍ଜ୍ୟ ବସ୍ତୁରୁ ଶକ୍ତି ଉତ୍ପାଦନ ପାଇଁ ବିଏମ୍‌ସି ପକ୍ଷରୁ ଖୁବ୍‌ଶୀଘ୍ର ପ୍ରତିଷ୍ଠା ହେବ ବାୟୋ-ସିଏନ୍‌ଜି ପ୍ଲାଣ୍ଟ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଏମ୍‌ସି ପକ୍ଷରୁ ଖୁବ୍‌ଶୀଘ୍ର ରାଜଧାନୀରେ ପ୍ରତିଷ୍ଠା ହେବ ଏକ ବାୟୋ-ସିଏନ୍ ପ୍ଲାଣ୍ଟ । ଏହା ପ୍ରତିଷ୍ଠା ପାଇଁ ଏମ୍ପାୟାରମେଣ୍ଟ କମିଟି ଫର୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ ପକ୍ଷରୁ ମଞ୍ଜୁରୀ ମିଳିଛି । ବିଏମ୍‌ସି ପକ୍ଷରୁ ଟେଣ୍ଡର କରାଯାଇଥିଲା । ମାତ୍ର ଅଧିକାଂଶ ସଂସ୍ଥା ଆଗ୍ରହ ପ୍ରକାଶ କରିନଥିବାବେଳେ ଏଥିପାଇଁ ଅଏଲ୍ ଇଣ୍ଡିଆ ଲି. (ଓଆଇଏଲ୍) ଆଗ୍ରହ ପ୍ରକଟ କରିଥିଲା । ସଂସ୍ଥା ପକ୍ଷରୁ ଏନେଇ ବିସ୍ତୃତ ପ୍ରକଳ୍ପ ତଥ୍ୟ (ଡିପିଆର୍) ପ୍ରସ୍ତୁତ କରି ବିଏମ୍‌କୁ ପ୍ରଦାନ କରାଯାଇଛି । ସୂଚନା ଅନୁଯାୟୀ ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନରସିପ୍ (ପିପିପି) ମୋଡରେ ଏହି ପ୍ରକଳ୍ପ କାମ କରାଯିବ । ଖୁବ୍‌ଶୀଘ୍ର ପ୍ରକଳ୍ପ ଆରମ୍ଭ କରିବାକୁ ବିଏମ୍‌ସି ଲକ୍ଷ୍ୟ ରଖିଛି । ମୁଖ୍ୟ ଶାସନ ସଚିବଙ୍କ ସ୍ତରରେ ଏନେଇ ଆଲୋଚନା ହୋଇଥିଲା । ଓଆଇଏଲ୍ ଓ ବିଏମ୍‌ସି ପକ୍ଷରୁ ଡିପିଆର୍ ଚୂଡ଼ାନ୍ତ ହୋଇଛି । ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଖୁବ୍‌ଶୀଘ୍ର ସ୍ଥାନ ଚୂଡ଼ାନ୍ତ ହେବ । ଏସ୍‌ଟିପି (ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ) ନିକଟରେ ଥିବା ୪ଟି ଖାଲି ସ୍ଥାନ ମଧ୍ୟରୁ ଗୋଟିଏ ସ୍ଥାନରେ ଏହି ବାୟୋ-ସିଏନ୍‌ଜି ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ । ପ୍ରାୟ ଅଢ଼େଇ ଏକର ପରିମିତ ଜମିରେ ଏହି ପ୍ଲାଣ୍ଟ ନିର୍ମାଣ ହେବ । ପ୍ଲାଣ୍ଟରେ ଓଦା ବର୍ଜ୍ୟକୁ ପ୍ରକ୍ରିୟାକରଣ କରାଯିବ । ହେବାକୁ ଥିବା ପ୍ଲାଣ୍ଟରୁ ଦୈନିକ ୨ ଶହ ଟନ୍ ସିଏନ୍ ଉତ୍ପାଦନ ହେବ । ପ୍ଲାଣ୍ଟରୁ ମାସିକ ୧୨୦ ଟନ୍ ସିଏଜି ଗ୍ୟାସ୍ ଉତ୍ପାଦନ ହେବ । ବିଏମ୍‌ସି ପକ୍ଷରୁ ଏନେଇ ପ୍ରସ୍ତାବ ସହ ସବିଶେଷ ତଥ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରାଯାଇଛି । ଏହି ପ୍ଲାଣ୍ଟରେ ମୁଖ୍ୟତଃ ପରିବା ଚୋପା, ହୋଟେଲ୍ ଆବର୍ଜନା, ବଳକା ଖାଦ୍ୟ ଭଳି ଓଦା ସାମଗ୍ରୀ ବର୍ଜ୍ୟ ପ୍ରକ୍ରିୟାକରଣ କରାଯାଇ ସିଏନ୍‌ଜି ଗ୍ୟାସ୍ ଉତ୍ପାଦନ ହେବ । ମୁଖ୍ୟତଃ ୱେଷ୍ଟ ଟୁ ପାୱାର (ବର୍ଜ୍ୟରୁ ଶକ୍ତି) ଉତ୍ପାଦନ କରିବା ଲକ୍ଷ୍ୟ କରି ବିଏମ୍‌ସି ପକ୍ଷରୁ ଏଭଳି ପ୍ରଚେଷ୍ଟା କରାଯାଉଛି । ଏହି ପ୍ରକଳ୍ପକୁ ରାଜ୍ୟ ସରକାର ଅନୁମୋଦନ କରିବା ପରେ କାମ ଆରମ୍ଭ ହେବ । ଏବେ ଦୈନିକ ୮ ଶହ ଟନ୍ ବର୍ଜ୍ୟ ଉତ୍ପାଦନ ହେଉଥିବାବେଳେ ସିଏନ୍‌ଜି ପ୍ଲାଣ୍ଟରେ ୨ ଶହ ଟନ୍ ବର୍ଜ୍ୟ ପ୍ରକ୍ରିୟାକରଣ ହେଲେ ବିଏମ୍‌ସିକୁ ବର୍ଜ୍ୟ ପରିଚାଳନାରେ କିଛି ମାତ୍ରାରେ ଆଶ୍ୱସ୍ତି ମିଳିବ । ଏହି ପ୍ରକଳ୍ପ ସଫଳ ହେଲେ ସିଏନ୍‌ଜି ଗ୍ୟାସ୍ ଉତ୍ପାଦନ ଯୋଗୁଁ ରାଜସ୍ୱ ବଢ଼ିବା ସହ ବର୍ଜ୍ୟ ମଧ୍ୟ ସଫଳତାର ସହ ପରିଚାଳନା ହେବ । ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଆଗାମୀ ଦିନରେ ବର୍ଜ୍ୟରୁ ସିଏନ୍ ଗ୍ୟାସ୍ ଉତ୍ପାଦନ କରି ସେଥିରେ ବିଏମ୍‌ସି ଗାଡ଼ି ଚଳାଇ ବର୍ଜ୍ୟ ଉଠାଇବାକୁ ମଧ୍ୟ ବିଏମ୍‌ସି ଲକ୍ଷ୍ୟ ରଖିଛି ।

# ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କଲେ ମୋଇନ୍ ଅଲି



**ଇଂଲଣ୍ଡ**

ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ରବିବାର ଅବସର ଘୋଷଣା କରିଛନ୍ତି ମୋଇନ ଅଲି । ସେ ଇଂଲଣ୍ଡ କ୍ରିକେଟ ଟିମ୍‌ର ଜଣେ ଦକ୍ଷ ଅଲରାଉଣ୍ଡର । ୧୦ ବର୍ଷର ଅନ୍ତର୍ଜାତୀୟ କ୍ୟାରିଅରରେ ସେ ୨୯୮ଟି ମ୍ୟାଚ୍ ଖେଳିଛନ୍ତି । ତେବେ ସେ ଫ୍ରାଞ୍ଚାଇଜ୍ କ୍ରିକେଟ୍ ଖେଳ ଜାରି ରଖିବେ ବୋଲି କହିଛନ୍ତି ।

ମୋଇନଙ୍କ ଅବସର ଇଂଲଣ୍ଡ ପାଇଁ ଏକ ବଡ଼ ଝଟ୍‌କା ବୋଲି କୁହାଯାଉଛି । ସେ ୬୮ଟି ଟେଷ୍ଟ ମ୍ୟାଚ୍ ବ୍ୟତୀତ ୧୩୮ଟି ଓଡିଆଇ ଏବଂ ୯୨ ଟି-୨୦ ଖେଳିଥିଲେ । ଏହି ତିନୋଟି ଫର୍ମାଟ୍‌ରେ ମୋଇନ ଯଥାକ୍ରମେ ୨୦୪, ୧୧୧ ଏବଂ ୫୧ଟି ୱିକେଟ୍ ହାସଲ କରିଥିଲେ । ଏହା ବ୍ୟତୀତ ମୋଇନଙ୍କ ଟେଷ୍ଟ ଫର୍ମାଟ୍‌ରେ ୩୦୯୪ ରନ୍ ସଂଗ୍ରହ କରିଛନ୍ତି । ଯେତେବେଳେ କି ଏହି ଅଲରାଉଣ୍ଡର ଓଡିଆଇ ଫର୍ମାଟ୍‌ରେ ୨୩୫୫ ରନ୍ ସ୍କୋର କରିଥିଲେ । ଏହି ସମୟରେ ମୋଇନ ଟି-୨୦ ଫର୍ମାଟ୍‌ରେ ୧୨୨୯ ରନ୍ ସ୍କୋର କରିଥିଲେ ।

ମୋଇନ ଅବସର ନେବା ସମୟରେ କହିଛନ୍ତି, ମୁଁ କିଛି ଦିନ ରହି ପୁଣି ଇଂଲଣ୍ଡ ପାଇଁ ଖେଳିବାକୁ ଚେଷ୍ଟା କରିପାରିବି, କିନ୍ତୁ ମୁଁ ଜାଣେ ଯେ, ତାହା କରିବି ନାହିଁ । ମୁଁ ଭାବୁନାହିଁ କାରଣ ଏହା ଭଲ ନୁହେଁ । ଓଆପି ଭାବୁଛି ମୁଁ ଖେଳିପାରେ । ବାସ୍ତବରେ ଇଂଲଣ୍ଡକୁ ଅଷ୍ଟ୍ରେଲିଆ ବିପକ୍ଷରେ ସିରିଜ୍ ଖେଳିବାକୁ ପଡ଼ିବ, କିନ୍ତୁ ଏହାପୂର୍ବରୁ ମୋଇନଙ୍କ ଅବସର ଝଟ୍‌କା ଇଂଲଣ୍ଡ ପାଇଁ ଏକ ବଡ଼ ଝଟ୍‌କା ବୋଲି କୁହାଯାଉଛି ।

ମୋଇନ ତାଙ୍କ ସ୍ପିନ୍ ସହିତ ସାରା ବିଶ୍ୱର ବ୍ୟାଟ୍ସମ୍ୟାନଙ୍କୁ ଅଡୁଆରେ ପକାଉଥିଲେ । ବିଶେଷକରି ଭାରତୀୟ ଭେଟେରାନ୍ ବ୍ୟାଟ୍ସମ୍ୟାନ ବିରାଟ କୋହଲିଙ୍କ ପାଇଁ ମୋଇନ ପ୍ରତିବନ୍ଧକ ଥିଲେ । ମୋଇନ ସମସ୍ତ ତିନୋଟି ଫର୍ମାଟରେ ବିରାଟଙ୍କୁ ବହୁତ ଅସୁବିଧାରେ ପକାଉଥିଲେ । ଏହି ତିନୋଟି ଫର୍ମାଟରେ ବିରାଟଙ୍କୁ ୧୦ଥର ନିଜର ଶିକାର କରିଥିଲେ । ଯେଉଁଥିରେ ସେ ଟେଷ୍ଟ ଫର୍ମାଟ୍‌ରେ ସର୍ବାଧିକ ୧୦ ପାଭିଲିୟନ ଫେରିବାକୁ ରାସ୍ତା ଦେଖାଇଥିଲେ । ଏହା ବ୍ୟତୀତ ମୋଇନ ଆଇପିଏଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ଖେଳିଥିଲେ ।

# ଏସିଆନ ଚାମ୍ପିୟନ୍ସ ଟ୍ରଫି : ଚାଇନାକୁ ହରାଇଲା ଭାରତ

**ହୁଲୁନବୁଇର**

ପୁରୁଷ ଏସିଆନ ଚାମ୍ପିୟନ୍ସ ଟ୍ରଫିର ଅଷ୍ଟମ ସଂସ୍କରଣ ଚାଇନାର ହୁଲୁନବୁଇରରେ ଆରମ୍ଭ ହୋଇଛି । ପ୍ରଥମ ମ୍ୟାଚ୍‌ରେ ୩-୦ ଗୋଲରେ ଚାଇନାକୁ ପରାସ୍ତ କରିଛି ଡିଫେଣ୍ଡିଂ ଚାମ୍ପିୟନ ଭାରତ । ଭାରତୀୟ ଟିମ୍ ପକ୍ଷରୁ ସୁଖଜୀତ ସିଂ, ଉତ୍ତମ ସିଂହ ଓ ଅଭିଷେକ ଏହି ତିନୋଟି ଗୋଲ୍ କରିଥିଲେ ।

ଭାରତ ପାଇଁ ପ୍ରଥମ ଗୋଲ୍ କରିଥିଲେ ସୁଖଜୀତ ସିଂହ । ୧୪ତମ ମିନିଟ୍‌ରେ ସେ ଏହି ଗୋଲ୍ କରିଥିଲେ । ତା'ପରେ ଆଉ ପଛକୁ ଫେରି ନ ଥିଲା ଦଳ । ଭାରତ ଦ୍ୱିତୀୟ ଗୋଲ ଆସିଥିଲା ଦ୍ୱିତୀୟ କ୍ୱାର୍ଟରରେ । ଉତ୍ତମ ସିଂହ ଚାଇନାରେ ଡିଫେନ୍ସ ଲାଇନକୁ ଭାଙ୍ଗି ଗୋଲ୍ ଦେବାରେ ସଫଳ ହୋଇଥିଲେ । ଭାରତୀୟ ଦଳ ଅଧିକ ସମୟ ଧରି ବଲ୍‌କୁ ନିଜ ପାଖରେ



ରଖିବାରେ ସଫଳ ହୋଇଥିଲା ।

ଖେଳ ଆରମ୍ଭରେ ବେଶ୍ କିଛି ସମୟ ପାଇଁ ଚାଇନାର ଡିଫେଣ୍ଡର ମାନେ ଅଭିଷେକଙ୍କ ହଇରାଣ କରିଥିବା ବେଳେ ୩୨ତମ ମିନଟ୍‌ରେ କିନ୍ତୁ ସବୁ ଓଲଟପାଲଟ ହୋଇଯାଇଥିଲା । ଚାଇନାର ଡିଫେଣ୍ଡରଙ୍କୁ ଚକ୍‌ମା ଦେଇ ଏକ ଗୋଲ୍ ଦେବାରେ ସଫଳ ହୋଇଥିଲେ ।

ପ୍ୟାରିସ୍ ଅଲିମ୍ପିକ୍ ପରେ ପିଆର ଶ୍ରୀଜେଶ ଅବସର ନେଇ ଯାଇଥିବାରୁ ଭାରତୀୟ ଦଳ ପାଇ ଗୋଲ୍ ପୋଷ୍ଟ ସମ୍ଭାଳିଥିଲେ କୃଷ୍ଣ ବାହାଦୂର ପାଠକ । ହେଲେ ଏହି ମ୍ୟାଚ୍ ତାଙ୍କ ପାଇଁ କଠିନ ନଥିଲା । କାରଣ ଭାରତୀୟ ଦଳର ଡିଫେନ୍ସ ଖୁବ୍ ସଶକ୍ତ ରହିଥିଲା ।

ଭାରତର ଦ୍ୱିତୀୟ ମ୍ୟାଚ୍ ଜାପାନ ବିପକ୍ଷରେ ଖେଳିବ । ୧୧ ତାରିଖରେ ଦଳ ତା'ର ତୃତୀୟ ମ୍ୟାଚ୍ ମ୍ୟାଲେସିୟା ବିପକ୍ଷରେ ଖେଳିବାକୁ ଥିବା ବେଳେ ୧୨ରେ ଦକ୍ଷିଣ କୋରିଆ ବିପକ୍ଷରେ ଖେଳିବ । ସେପ୍ଟେମ୍ବର ୧୪ ତାରିଖରେ ଭାରତ ତା'ର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ ।

ସୂଚନାଯୋଗ୍ୟ, ନିକଟରେ ଶେଷ ହୋଇଥିବା ପ୍ୟାରିସ ଅଲିମ୍ପିକ୍ସରେ ଭାରତ ବ୍ରୋଞ୍ଜ ପଦକ ଜିତିଥିଲା । ସ୍ପେନ୍‌କୁ ହରାଇ ଭାରତ ଏହି ପଦକ ହାସଲ କରିଥିଲା । ଏହା ପୂର୍ବରୁ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ଭାରତ ବ୍ରୋଞ୍ଜ ପଦକ ହାସଲ କରିଥିଲା । ଲଗାତାର ଦୁଇଟି ଅଲିମ୍ପିକ୍ସରେ ଦଳ ପଦକ ଜିତିଥିବାରୁ ଏହାର ମନୋବଳ ଦୃଢ଼ ଅଛି ।

# ଜୟ ଶାହା ଆଇସିସି ଚେୟାରମ୍ୟାନ ହେବା ପରେ ପାକିସ୍ତାନକୁ ଲାଗିଲା ଝଟ୍‌କା

**ନୂଆଦିଲ୍ଲୀ/ଇସଲାମାବାଦ**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଚିବ ଜୟ ଶାହାଙ୍କୁ ଗତ ମାସ ଶେଷରେ ଆଇସିସିର ଚେୟାରମ୍ୟାନ ଭାବରେ ନିର୍ବାଚିତ କରାଯାଇଛି । ସେ ୧ ଡିସେମ୍ବର ୨୦୨୪ରେ ତାଙ୍କ ପଦ ଗ୍ରହଣ କରିବେ । ଜୟ ଶାହା ବିନା ପ୍ରତିଦ୍ୱନ୍ଦିତାରେ ଆଇସିସି ଅଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଛନ୍ତି । ତାଙ୍କ ବିଷୟରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଅଧ୍ୟକ୍ଷ ମୋହସିନ ନକ୍‌ଭି ଖୋଲାଖୋଲି ଭାବେ ଶାହା ଆଇସିସି ଚେୟାରମ୍ୟାନ ହେବା ଏବଂ ଏସୀୟ କ୍ରିକେଟ ପରିଷଦର ପରବର୍ତ୍ତୀ ବୈଠକକୁ ନେଇ ଆଲୋଚନା କରିଛନ୍ତି ।

ନକ୍‌ଭି କହିଛନ୍ତି ଯେ ଜୟ ଶାହା ଅଧ୍ୟକ୍ଷ ହେବା ନେଇ କୌଣସି ଚିନ୍ତା ନାହିଁ । ଗଣମାଧ୍ୟମକୁ କହିଛନ୍ତି ଯେ ଆମେ ଜୟ ଶାହାଙ୍କ ସହ ଯୋଗାଯୋଗରେ ଅଛୁ, ତାଙ୍କର ଆଇସିସି ଚେୟାରମ୍ୟାନ ହେବାକୁ ନେଇ କୌଣସି ଚିନ୍ତା ନାହିଁ । ଏସିସି ବୈଠକ ସେପ୍ଟେମ୍ବର ୮ ଏବଂ ୯ରେ ହେବ । ନକ୍‌ଭି ନିଶ୍ଚିତ କରିଛନ୍ତି ଯେ ସେ ଏହି ସଭାରେ ଯୋଗଦେବେ ନାହିଁ । ସେ କହିଛନ୍ତି ମୁଁ ସଭାରେ ଯୋଗ ଦେଇ ପାରିବି ନାହିଁ । ଏଥିରେ ସଲମାନ ନାସିର ଅଂଶଗ୍ରହଣ କରିବେ । ବୈଠକରେ ନୂତନ ଅଧ୍ୟକ୍ଷଙ୍କ ସହ ଜଡିତ ମାମଲା ଚୂଡାନ୍ତ ହେବ । ଆଇସିସିର ନେତୃତ୍ୱ ନେଉଥିବା ଜୟ ଶାହା ହେଉଛନ୍ତି ସବୁଠାରୁ କନିଷ୍ଠ ବ୍ୟକ୍ତି । ସେ ଜଗମୋହନ ଡାଲମିଆ, ଶରଦ ପାୱାର, ଏନ ଶ୍ରୀନିବାସନ ଏବଂ ଶଶାଙ୍କ ମନୋହରଙ୍କ ଭଳି ଭାରତୀୟଙ୍କ ସହ ଯୋଗ ଦେଇଛନ୍ତି ଯେଉଁମାନେ ଅତୀତରେ ଆଇସିସିର ନେତୃତ୍ୱ ନେଇଥିଲେ । ଆସନ୍ତା ବର୍ଷ ପାକିସ୍ତାନ ଆଇସିସି ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରିବ । କରାଚି ଜାତୀୟ ଷ୍ଟାଡିୟମ, ଲାହୋରର ଗଦାଫି ଷ୍ଟାଡିୟମ ଏବଂ ରାୱଲପିଣ୍ଡି କ୍ରିକେଟ ଷ୍ଟାଡିୟମରେ ଏହି ବଡ କାର୍ଯ୍ୟକ୍ରମ ପାଇଁ ନବୀକରଣ କାର୍ଯ୍ୟ ଚାଲିଛି ।

# ପୁଣି ବଦଳିବେ ପାକିସ୍ତାନ କ୍ୟାପଟେନ !



**ଇସଲାମାବାଦ**

ବାଂଲାଦେଶ ବିପକ୍ଷ ଘରୋଇ ଟେଷ୍ଟ ସିରିଜରେ ପାକିସ୍ତାନ ପରାଜୟ ପରେ ସମାଲୋଚନାର ବଜାର ସରଗରମ ହୋଇଛି । ସବୁଠାରୁ ଖରାପ କଥା ହେଉଛି ଏହି ପରାଜୟ ପ୍ରଥମଥର ପରାଜୟ ନୁହେଁ । ପାକିସ୍ତାନ କ୍ରିକେଟ ଦଳ ଗତ କିଛି ମାସ ହେବ ଖରାପ ଫର୍ମ ସହ ସଂଘର୍ଷ କରିଆସୁଛି । ଏକ ଦିବସୀୟ ବିଶ୍ୱକପ ୨୦୨୩ରୁ ନେଇ ୨୦୨୪ ଟି - ୨୦ ବିଶ୍ୱକପ ପର୍ଯ୍ୟନ୍ତ ପାକିସ୍ତାନର ପ୍ରଦର୍ଶନ ସନ୍ତୋଷଜନକ ନୁହେଁ । ଶୀର୍ଷ ସ୍ତରରେ ଅନେକ ପରିବର୍ତ୍ତନ ଆସିଛି, ଯେଉଁଥିରେ ବାବର ଆଜମଙ୍କୁ ଅଧିନାୟକ ପଦରୁ ହଟାଇ ଦିଆଯାଇଥିଲା, କିନ୍ତୁ କିଛି ସପ୍ତାହ ପରେ ତାଙ୍କୁ ପୁଣିଥରେ ଏକ ଦିବସୀୟ ଟି-୨୦ର ଅଧିନାୟକତ୍ୱ ଦିଆଯାଇଥିଲା । ବର୍ତ୍ତମାନ ତାଙ୍କୁ ଏହି ପଦବୀରୁ ହଟାଯାଇପାରେ ।

କ୍ରିକେଟ ପାକିସ୍ତାନର ଏକ ରିପୋର୍ଟ ଅନୁଯାୟୀ, ବାବର ଆଜମଙ୍କୁ ପୁଣି ହଟାଇ ଦିଆଯାଇପାରେ ଏବଂ ମହମ୍ମଦ ରିଜୱାନଙ୍କୁ ଏକ ଦିବସୀୟ ଟି-୨୦ର ଅଧିନାୟକତ୍ୱ ଦିଆଯାଇ ପାରେ । ରିପୋର୍ଟରେ ଏହା ମଧ୍ୟ ଦାବି କରାଯାଇଛି ଯେ ରିଜୱାନ ସମସ୍ତ ତିନୋଟି ଫର୍ମାଟରେ ଅଧିନାୟକ ହୋଇପାରିବେ । ରାୱଲପିଣ୍ଡିରେ ପାକିସ୍ତାନ କ୍ରମାଗତ ଦୁଇଟି ଟେଷ୍ଟ ମ୍ୟାଚ ହାରିଛି । ବାଂଲାଦେଶ ଏହି ସିରିଜକୁ ୨-୦ରେ ଜିତିଛି । ପାକିସ୍ତାନ ପାଇଁ ଏହା କ୍ରମାଗତ ଦଶମ ଘରୋଇ ଟେଷ୍ଟ ଥିଲା, ଯେଉଁଥିରେ ପାକିସ୍ତାନ ଜିତିନଥିଲା ।

ବାବର ଆଜମଙ୍କ ସହ ଶାନ ମାସୁଦଙ୍କ ଅଧିନାୟକତ୍ୱ ମଧ୍ୟ ହଜିଯାଇପାରେ । ଟେଷ୍ଟ ମ୍ୟାଚରେ ଶାନ ମାସୁଦ ପାକିସ୍ତାନକୁ ଅଧିନାୟକତ୍ୱ କରିଛନ୍ତି ଏବଂ ଦଳ ସମସ୍ତ ମ୍ୟାଚରେ ହାରିଛି । ବାଂଲାଦେଶ ବିପକ୍ଷ ସିରିଜରେ ଶାନ ମାସୁଦଙ୍କୁ ବହୁତ ସମାଲୋଚନା କରାଯାଇଥିଲା । ବର୍ତ୍ତମାନ ସେମାନଙ୍କୁ ମଧ୍ୟ ହଟାଇବା କଥା କୁହାଯାଉଛି । ମାସୁଦଙ୍କ ସ୍ଥାନରେ ରିଜୱାନଙ୍କୁ ଟେଷ୍ଟ ଅଧିନାୟକ ମଧ୍ୟ କରାଯାଇପାରିବ ।

# ରେକର୍ଡ ସଂଖ୍ୟକ ପଦକ ସହ ସରିଲା ଭାରତର ପ୍ୟାରିସ ପାରାଲିମ୍ପିକ୍ସ ଅଭିଯାନ



**ନୂଆଦିଲ୍ଲୀ**

ପ୍ୟାରିସ ପାରାଲିମ୍ପିକ୍ସରେ ଭାରତର ଅଭିଯାନ ଶେଷ ହୋଇଛି । ପୂର୍ବର ସମସ୍ତ ରେକର୍ଡ ଭାଙ୍ଗି ଏଥର ସର୍ବାଧିକ ପଦକ ହାସଲ କରି ଅଭିଯାନ ସାରିଛି ଭାରତ । ମୋଟ ୨୯ଟି ପଦକ ମଧ୍ୟରେ ୭ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଏବଂ ୧୩ଟି ବ୍ରୋଞ୍ଜ ପଦକ ରହିଛି । ଏହି ବିଜୟ ସହ ଭାରତ ପଦକ ତାଲିକାରେ ୧୮ ନଂ ସ୍ଥାନ ଅଳଙ୍କୃତ କରିଛି ।

ଚଳିତ ସଂସ୍କରଣରେ ଭାରତର ପ୍ରଦର୍ଶନ ଉଚ୍ଚକୋଟୀର ଥିଲା । ଏହା ପୂର୍ବରୁ କୌଣସି ବି ସିଜିନରେ ଭାରତ ଏତେ ସଂଖ୍ୟକ ପଦକ ପାଇନଥିଲା । ଏପରିକି ଚଳିତ ସିଜିନରେ ମଧ୍ୟ ଭାରତକୁ ସର୍ବାଧିକ ସ୍ୱର୍ଣ୍ଣ ପଦକ ମିଳିଛି । ସବୁଠୁ ବଡ଼ କଥା ହେଉଛି କି ଭାରତ ସ୍ୱର୍ଣ୍ଣରୁ ଅଭିଯାନ ଆରମ୍ଭ କରିଥିଲା ଏବଂ ସ୍ୱର୍ଣ୍ଣରେ ହିଁ ଅଭିଯାନ ଶେଷ କରିଛି ।

ଇଭେଣ୍ଟର ଆରମ୍ଭରେ ଅବନୀ ଲେଖରା ଶୁଟିଂ (୧୦ ମିଟର ଏୟାର ରାଇଫଲ)ରେ ସ୍ୱର୍ଣ୍ଣ ଜିତି ଥିବାବେଳେ ଜାଭଲିନ ଥ୍ରୋ (ପୁରୁଷ)ରେ ନବଦୀପ ସିଂହ ସ୍ୱର୍ଣ୍ଣ ଜିତି ଅଭିଯାନକୁ ଶେଷ କରିଛନ୍ତି । ସେହିପରି ପାରାଲିମ୍ପିକ୍ସରେ ଗତ ଦୁଇ ସଂସ୍କରଣରେ ଭାରତ ମୋଟ ୪୮ଟି ପଦକ ଜିତିବାର ଗୌରବ ଅର୍ଜନ କରିଛି । ଏହା ପୂର୍ବରୁ ଅନୁଷ୍ଠିତ ମୋଟ ୧୧ ସଂସ୍କରଣରେ ଭାରତ ମାତ୍ର ୧୨ଟି ପଦକ ଜିତିଥିଲା ।

ଟୋକିଓ ପାରାଲିମ୍ପିକ୍ସରେ ୫୪ ଜଣ ଭାରତୀୟ ଆଥଲେଟ୍ ଅଂଶଗ୍ରହଣ କରି ଥିବାବେଳେ ପ୍ୟାରିସ ପାରାଲିମ୍ପିକ୍ସରେ ରେକର୍ଡ ସଂଖ୍ୟକ ୮୪ ଜଣ ଆଥଲେଟ୍ ଅଂଶଗ୍ରହଣ କରିଥିଲେ । ଏଥିସହ ଗୋଟିଏ ସଂସ୍କରଣରେ ସର୍ବାଧିକ ପଦକ ଜିତିବାର ରେକର୍ଡ କରି ଇତିହାସ ସୃଷ୍ଟି କରିଛନ୍ତି ।

ଟୋକିଓ ପାରାଲିମ୍ପିକ୍ସ ପୂର୍ବରୁ ଭାରତ ମାତ୍ର ୪ଟି ସ୍ୱର୍ଣ୍ଣ ପଦକ ଜିତିଥିଲା । କେବଳ ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତ ୭ଟି ସ୍ୱର୍ଣ୍ଣ ଜିତି ନୂଆ ରେକର୍ଡ଼ ସୃଷ୍ଟି କରିଛି । ପାରା ଆଥ୍‌ଲେଟ୍‌ଙ୍କ ଏହି ବିଜୟ ନିଶ୍ଚୟ ରୂପେ କ୍ରୀଡ଼ା କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିବ । ତେବେ ୨୦୨୮ରେ ଲସଆଞ୍ଜେଲ୍ସରେ ଅନୁଷ୍ଠିତ ହେବାକୁ ଥିବା ପରବର୍ତ୍ତୀ ସଂସ୍କରଣରେ ଅଧିକ ସଂଖ୍ୟାରେ ଆଥ୍‌ଲେଟ୍ ଭାଗ ନେବା ନେଇ ଆଶା କରାଯାଉଛି ।

## ୬ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧିତ କଲେ କ୍ରୀଡ଼ାମନ୍ତ୍ରୀ



**ନୂଆଦିଲ୍ଲୀ**

କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି ଯେ ଖେଳାଳିମାନେ ଯେପରି ଉତ୍ତମ ପ୍ରଶିକ୍ଷଣ ପାଇପାରିବେ ସେଥିପାଇଁ କ୍ରୀଡ଼ାବିତ୍ ଓ ପ୍ରଶିକ୍ଷକଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ । ଶ୍ରୀ ମାଣ୍ଡବ୍ୟ କହିଛନ୍ତି ଯେ କ୍ରୀଡ଼ାବିତ୍‌ମାନେ ଯେପରି କ୍ରୀଡ଼ା ପ୍ରତିଯୋଗିତାରେ ଉନ୍ନତ ପ୍ରଦର୍ଶନ କରିପାରିବେ ସେଥିପାଇଁ ସରକାର ସେମାନଙ୍କ ପାଇଁ ଅନ୍ତର୍ଜାତୀୟ ମାନର କ୍ରୀଡ଼ା ଭିତ୍ତିଭୂମି ବିକଶିତ କରୁଛନ୍ତି । ନୂଆଦିଲ୍ଲୀ ଫେରିଥିବା ପ୍ୟାରିସ୍ ପାରାଲିମ୍ପିକ୍ କ୍ରୀଡ଼ାବିତ ମାନଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ଶ୍ରୀ ମାଣ୍ଡବ୍ୟ ଏହା କହିଛନ୍ତି । ସ୍ୱର୍ଣ୍ଣ ପଦକ ବିଜେତା ଅବନୀ ଲେଖରା, ରୌପ୍ୟ ପଦକ ବିଜେତା ମନୀଷ ନରୱାଲ ଓ ପ୍ରଣବ ସୁରମା ଏବଂ କାଂସ୍ୟ ପଦକ ବିଜେତା ମୋନା ଅଗ୍ରୱାଲ, ରୁବିନା ଫ୍ରାନ୍ସିସ୍ ଓ ରାକେଶ କୁମାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ୟାରିସ୍ ପାରାଲିମ୍ପିକ୍ସରେ ଚମତ୍କାର ପ୍ରଦର୍ଶନ ପାଇଁ କ୍ରୀଡ଼ାବିତ୍‌ଙ୍କୁ ପ୍ରଶଂସା କରି ସେ କହିଛନ୍ତି ଯେ ସେମାନେ ଦେଶ ପାଇଁ ଗୌରବ ଆଣିଛନ୍ତି ଏବଂ ଏପର୍ଯ୍ୟନ୍ତ ୬ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଏବଂ ୧୨ଟି କାଂସ୍ୟ ସମେତ ୨୭ଟି ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି ।

# ଶିମରନ ହେଟମେୟରଙ୍କ ବିଶ୍ୱ ରେକର୍ଡ

**ନୂଆଦିଲ୍ଲୀ**



ଟି-୨୦ରେ ବିଶ୍ୱ ରେକର୍ଡ କରିଛନ୍ତି ୱେଷ୍ଟଇଣ୍ଡିଜର ବିସ୍ଫୋରକ ବ୍ୟାଟର ଶିମରନ ହେଟମେୟର । ସେ ଟି-୨୦ରେ ଖେଳିଛନ୍ତି ବିସ୍ଫୋରକ ଇନିଂସ । ସିପିଏଲରେ ଗୁୟନା ଆମାଜନ ୱାରିୟର୍ସ ପାଇଁ ଖେଳୁଥିବା ହେଟମେୟର ନିଜର କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଇନିଂସ ଖେଳିଛନ୍ତି । ଗୁୟନା ଆମାଜନ ୱାରିୟର୍ସ ମଧ୍ୟ ସେଣ୍ଟ କିଟ୍ସ ବିରୋଧରେ ଦ୍ୱିତୀୟ ସର୍ବାଧିକ ରନ ହାସଲ କରିପାରିଛି ।

ହେଟମେୟର ଓ ଆଫଗାନିସ୍ତାନର ରହମନୁଲ୍ଲା ଗୁରବାଜ (୩୭ ବଲରେ ୬୯)ଙ୍କ ବିସ୍ଫୋରଣ ଯୋଗୁ ଗୁୟନା ଆମାଜନ ୱାରିୟର୍ସ ୨୦ ଓଭରରେ ୭ ୱିକେଟ ହରାଇ ୨୬୬ ରନ କରିବାକୁ ସକ୍ଷମ ହୋଇଛି । ପୂର୍ବରୁ ସିପିଏଲ ଇତହାସର ଦ୍ୱିତୀୟ ସର୍ବାଧକ ଦଳ ଗତ ସ୍କୋର ଜାମାଇକା ତାଲ୍ଲାୱାହସ ନାଁରେ ଥିଲା । ଦଳ ୨୦ ଓଭରରେ ୨୫୫ ରନ କରିଥିଲା ।

ତେବେ ପୂରା ମ୍ୟାଚ୍‌ରେ ହେଟମେୟର ଚର୍ଚ୍ଚାରେ ରହିଛନ୍ତି । ସେ ୩୯ ବଲରେ ୯୧ ରନର ଇନିଂସ ଖେଳି ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି । ସେ ଏହି ଇନିଂସରେ ୧୧ଟି ଛକା ମାରିଥିଲେ ହେଁ ଗୋଟିଏ ହେଲେ ଚୌକା ତାଙ୍କ ବ୍ୟାଟରୁ ଦେଖିବାକୁ ମିଳିନାହିଁ । ଟି-୨୦ କ୍ରିକେଟରେ ପ୍ରଥମଥର ପାଇଁ ଏମିତି ଘଟଣା ଘଟିଛି, ଯେଉଁଟି ଜଣେ ବ୍ୟାଟରୁ ୧୦ରୁ ଅଧିକ ଛକା ମାରିଥିଲେ ହେଁ ତାଙ୍କ ବ୍ୟାଟରୁ ଗୋଟିଏ ବି ଚୌକା ଦେଖିବାକୁ ମିଳି ନାହିଁ ।

ପୂର୍ବରୁ ଏହି ରେକର୍ଡ ରିକି ୱେସେଲ୍ସଙ୍କ ନାଁରେ ଥିଲା । ସେ ୨୦୧୮ରେ ଟି-୨୦ ବ୍ଲାଷ୍ଟ ଗେମ୍‌ରେ ସର୍ବାଧିକ ୯ଟି ଛକା ମାରିଥିଲେ । ସେହିପରି ୱିଲ ଜ୍ୟାକ୍ସ ୨୦୧୯ରେ ୮ଟି, ସୟିଦ ଅଜିତ ୨୦୨୨ରେ ୮ଟି, ୨୦୨୩ରେ ନେପାଳର ଦିପେନ୍ଦର ସିଂହ ୮ ଓ ୨୦୨୪ ଆଇପିଏଲରେ ହେନରିଚ କ୍ଲାସେନ ୮ଟି ଛକା ମାରିଥିଲେ । ଏହି ସବୁ ବ୍ୟାଟର ନିଜ ଇନିଂସରେ ଆଦୌ ଚୌକା ମାରି ନଥିଲେ । ଅନ୍ୟପକ୍ଷରେ ଗୁୟନା ଆମାଜନ ୱାରିୟର୍ସ ଓ ଏସକେଏନ୍ ମ୍ୟାଚରେ ଆଉ ଏକ ରେକର୍ଡ ହୋଇଛି । ଏହି ମ୍ୟାଚ୍ ?ରେ ଟି-୨୦ କ୍ରିକେଟରେ ସର୍ବାଧିକ ୪୨ଟି ଛକା ଦେଖିବାକୁ ମିଳିଛି । ୨୦୨୪ ଆଇପିଏଲରେ କୋଲକାତା ଓ ପଞ୍ଜାବ କିଙ୍ଗସ ମ୍ୟାଚରେ ମଧ୍ୟ ଉଭୟ ଦଳ ସମାନ ୪୨ଟି ଛକା ମାରିଥିଲେ ।

# ସୁଭଦ୍ରା ଯୋଜନା ନାଁରେ ଠକାମୀର ଶିକାର ଗ୍ରାମବାସୀ



**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ଘୋଷଣା ପରେ କିଛି ଅସାମାଜିକ ବ୍ୟକ୍ତି ଗରିବ ନିରୀହ ଲୋକଙ୍କୁ ସୁଭଦ୍ରା ଯୋଜନାର ପଞ୍ଜିକରଣ, ବୀମା ଇତ୍ୟାଦି କରେଇ ଦେବି ବୋଲି କହି ଗାଁ ଗାଁ ବୁଲି ଠକୁଥିବା ଦେଖିବାକୁ ମିଳିଛି । ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ପାରୁଆ ଗ୍ରାମ ପଞ୍ଚାୟତରେ । ଉକ୍ତ ଗ୍ରାମପଞ୍ଚାୟତର ଶାସ୍ତ୍ରୀନଗର, ବେଲପାରା, ମେଣ୍ଡକି-ଚଟନ, ଚାଟୋରି, ଦୁଇମୋହନି ଏହି ପାଞ୍ଚଟି ଗ୍ରାମର ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ ନିରୀହ, ଗରିବ ଲୋକଙ୍କୁ ବାଲେଶରାଜ ଗଣ୍ଡ ଓ ଖଗେଶ୍ୱର ହରିଜନ ନାମକ ବ୍ୟକ୍ତି ଏକ ମାସ ହେବ ସୁଭଦ୍ରା ଯୋଜନାରେ ପଞ୍ଜିକରଣ ଓ ବୀମା କରେଇଦେବି ବୋଲି କହି ଗ୍ରାମବାସୀଙ୍କ ଠାରୁ ୩୦୦ଟଙ୍କା ଲେଖାଏଁ ଆଦାୟ କରୁଥିବା ଦେଖିବାକୁ ମିଳିଛି । ଏବିଷୟରେ ଶଙ୍କର ଗଣ୍ଡ, ସୁନ୍ଦର ଗଣ୍ଡ, କାର୍ତ୍ତିକ ଗଣ୍ଡ, ସଂସାଇ ଗଣ୍ଡ, ରାଇନୁ ଗଣ୍ଡ, ବିଶ୍ୱନାଥ ଗଣ୍ଡ, ବ୍ରିଜଲାଲ ଗଣ୍ଡ, ଉଦପ ଗଣ୍ଡ, ହେମଲାଲ ଗଣ୍ଡ, ରାଜୁ ଗଣ୍ଡ, ବାଜୁରାମ ଗଣ୍ଡ, ଲଲସାଇ ଗଣ୍ଡ, ପରମାନନ୍ଦ ଗଣ୍ଡ, ସୁଭଦ୍ରା ମାଳି, ଲକ୍ଷ୍ମୀ ଗଣ୍ଡ, ମନ ଗଣ୍ଡ, ସୁଗନ ଗଣ୍ଡ, ଭରତ ଗଣ୍ଡ, ରାଜେଶ୍ୱରୀ ଗଣ୍ଡ, ରାମସିଂ ଗଣ୍ଡ, ହେମଲାଲ ଭଗେଲ, ସୋନୁ ଗଣ୍ଡ, ରାମଲାଲ ଗଣ୍ଡ, ବତୀ ଗଣ୍ଡ ଭଳି ଅନେକ ଲୋକ ବାଲେଶରାଜ ଗଣ୍ଡ ଓ ଖଗେଶ୍ୱର ହରିଜନର ଠକାମୀର ଶିକାର ହୋଇଛନ୍ତି ।

# ଧୋନୀ ଓ ସଚିନଙ୍କଠୁ ଅଧିକ ଆୟକର ଦେଉଛନ୍ତି ବିରାଟ

**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ରନ୍ ମେସିନ୍ ବିରାଟ କୋହଲି ବର୍ତ୍ତମାନ କ୍ରିକେଟରୁ ବିରତି ନେଇଛନ୍ତି । ସେ ଶେଷ ଥର ପାଇଁ ଶ୍ରୀଲଙ୍କା ବିପକ୍ଷରେ ଓଡିଆଇ ସିରିଜ୍ ଖେଳିଥିଲେ ଏବଂ ଆଗକୁ ସେପ୍ଟେମ୍ବର ୧୯ରୁ ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜରେ ଭାଗ ନେବେ । ତେବେ ସେ କ୍ରିକେଟଠାରୁ ଦୂରରେ ଥିଲେ ବି ଏବେ ଚର୍ଚ୍ଚାରେ ରହିଛନ୍ତି । ଫର୍ଚ୍ଚୁନ୍ ଇଣ୍ଡିଆ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ବିରାଟ କୋହଲି ୨୦୨୩-୨୪ ବର୍ଷରେ ୬୬କୋଟି ଟଙ୍କା ଆୟକର ଦେଇଛନ୍ତି, ଯାହା ଅନ୍ୟ ଖେଳାଳିଙ୍କଠାରୁ ସର୍ବାଧିକ । ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ଏମଏସ ଧୋନି (୩୮କୋଟି ଟଙ୍କା) ଏବଂ ସଚିନ ତେନ୍ଦୁଲକର (୨୮କୋଟି ଟଙ୍କା) ରହିଛନ୍ତି । ରିପୋର୍ଟ ଅନୁଯାୟୀ, ସୌରଭ ଗାଙ୍ଗୁଲି (୨୩କୋଟି ଟଙ୍କା) ଏବଂ ହାର୍ଦ୍ଦିକ ପାଣ୍ଡ୍ୟା (୧୩କୋଟି ଟଙ୍କା) ମଧ୍ୟ ଶ୍ରେଷ୍ଠ ପାଞ୍ଚରେ ସ୍ଥାନ ପାଇଛନ୍ତି । ତେବେ ବିରାଟ ସବୁଠୁ ଅଧିକ ଆୟକର ଦେଉଥିବା ଖବର ଆସିବା ପରେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଦିଲ୍ଲୀରେ ଜନ୍ମଗ୍ରହଣ କରିଥିବା ବିରାଟ ଯେତେବେଳେ ଖେଳିବା ଆରମ୍ଭ କରିଥିଲେ ସେତେବେଳେ ତାଙ୍କ ଖେଳରେ ଏକ ପ୍ରକାର ଚମକ ଦେଖାଯାଇଥିଲା । ଏହା ପରେ ଧୀରେ ଧୀରେ ସେ ଅଧିକ ପରିପକ୍ୱ ଖେଳାଳି ଭାବରେ ଉଭା ହୋଇଥିଲେ । ଯଦି ଆମେ ବିରାଟଙ୍କ ମୋଟ୍ ସମ୍ପତ୍ତିକୁ ଦେଖିବା ତେବେ ସେ ମୋଟ ୧୦୫୦ କୋଟି ଟଙ୍କାର ମାଲିକ ଅଟନ୍ତି । ବିରାଟଙ୍କ ହାରାହାରି ବାର୍ଷିକ ଆୟ ପ୍ରାୟ ୧୫କୋଟି ଟଙ୍କା ହୋଇଥିବା ବେଳେ ମାସକୁ ସେ ପ୍ରାୟ ୧,୨୫,୦୦,୦୦୦ ଟଙ୍କା ରୋଜଗାର କରନ୍ତି । ଏହା ସହ ଗୋଟିଏ ସପ୍ତାହରେ କୋହଲିଙ୍କ ରୋଜଗାର ହେଉଛି ୨୮,୮୪,୬୧୫ଟଙ୍କା ଏବଂ ଗୋଟିଏ ଦିନରେ ସେ ପ୍ରାୟ ୫,୭୬,୯୨୩ ଟଙ୍କା ରୋଜଗାର କରନ୍ତି । ଏହା ଛଡ଼ା ବିସିସିଆଇ ପକ୍ଷରୁ ତାଙ୍କୁ ବାର୍ଷିକ ୭କୋଟି ଟଙ୍କା ମିଳେ । ରୋଜଗାର ଦୃଷ୍ଟିରୁ ବିରାଟ କୋହଲି ବିଶ୍ୱର ୧୦୦ ଧନୀ ଖେଳାଳିଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ।

# ରାଜପଥରେ ଟ୍ରକ୍ ଅଟକାଇ ଲୁଟ୍ ଉଦ୍ୟମ : ଜଣେ ଗିରଫ

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

 କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ଥାନା ଅଞ୍ଚଳରେ ରାଜରାସ୍ତାରୁ ଏକ ଟ୍ରକ୍‌କୁ ଅଟକାଇ ଲୁଟ୍ କରୁଥିବା ଜଣେ ଦୁର୍ବୃତ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା କ.ନୂଆଗାଁ ପୋଲିସ ପକ୍ଷରୁ ଜଣାପଡିଛି । ସୂଚନା ଅନୁସାରେ କଟକର ରତ୍ନାକର ବେହେରା ନାମକ ଜଣେ ବ୍ୟକ୍ତି ନିଜ ଟ୍ରକ୍‌ରେ ପ୍ଲାଷ୍ଟିକ ଧରି ବାଲିଗୁଡ଼ା ଦେଇ ଢେଙ୍କାନାଳ ଯାଉଥିବା ବେଳେ ରାତି ପ୍ରାୟ ୯ ଟା ସମୟରେ ଜଣେ ଅଜଣା ବ୍ୟକ୍ତି ଏକ ମଟର ସାଇକେଲ ଯୋଗେ ପିଛା କରି କ.ନୂଆଗାଁ ଥାନା ଅଞ୍ଚଳର ପାଇବର ସାହି ନିକଟରେ ଜୋର ଜବରଦସ୍ତ ଗାଡ଼ିକୁ ଅଟକାଇ ଥିଲା । ପରେ ତାଙ୍କ ଠାରୁ ମୋବାଇଲ ଓ ପର୍ସ ଛଡ଼ାଇ ନେବା ସହ ଫୋନପେକୁ ମଧ୍ୟ ପାଞ୍ଚ ହଜାର ଟଙ୍କା ପଠାଇବାକୁ ବାଧ୍ୟ କରିଥିଲା । ଏହାକୁ ନେଇ ରତ୍ନାକର



କ.ନୂଆଗାଁ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲା । ଅଭିଯୋଗକୁ ଭିତ୍ତି କରି କ.ନୂଆଗାଁ ପୋଲିସ ଥାନା କେସ ନଂ ୧୩୬/୨୪, ଧାରା ୩୦୯ (୬) ବିଏନଏସ ମାମଲା ରୁଜୁ କରିବା ସହିତ ଅନୁସନ୍ଧାନ କରି ଦୁର୍ବୃତ୍ତକୁ ଧରିବାରେ ସଫଳ ହୋଇଥିବା ବେଳେ ତା'ଠାରୁ ଉକ୍ତ ବାଇକ୍, ମୋବାଇଲ, ପର୍ସ ଓ ନଗଦ ପାଞ୍ଚ ହଜାର ଟଙ୍କା ଜବତ କରି ଦୁର୍ବୃତ୍ତ ସାରଙ୍ଗଗଡ଼ ଥାନା ଅଞ୍ଚଳ ଦାସିଗୁଡ଼ାର ବସନ୍ତ ବେହେରା (୪୦)କୁ ଗିରଫ କରି କୋର୍ଟ ଚାଲାଣ କରା ଯାଇଥିବା କ.ନୂଆଗାଁ ଥାନା ଅଧିକାରୀ ପି.ସ୍ୱରୂପ କିଷାନ ପ୍ରକାଶ କରିଛନ୍ତି ।

# ଟ୍ରକ୍ ପଛରେ ପିଟିହେଲା ୧୦୮ ଆମ୍ବୁଲାନ୍ସ : ଜଣେ ମୃତ, ୨ ଗୁରୁତର

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ରଥିଆ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ମୃତ ଓ ୨ ଜଣ ଗୁରୁତର ଭାବେ ଆହତ ହୋଇ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଭୋର୍ ସମୟରେ କଟକ ଶିଶୁଭବନରେ ରୋଗୀଙ୍କୁ ଛାଡ଼ି ଆନନ୍ଦପୁର ଫେରୁଥିବା ୧୦୮ ଆମ୍ବୁଲାନ୍ସଟି ରାଥିଆ ଛକ ନିକଟରେ ପୂର୍ବରୁ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ ଧକ୍କା ଦେଇଥିଲା । ମୃତ ଓ ଗୁରୁତରଙ୍କୁ ଚଣ୍ଡିଖୋଲ ଦମ୍‌କଳ ବାହିନୀ କର୍ମଚାରୀମାନେ ଗ୍ୟାସ୍ କଟରରେ କାଟି ବାହାର କରିଥିଲେ । ୧୦୮ ଆମ୍ବୁଲାନ୍ସର ହେଲ୍ପର ହେମନ୍ତ ଆଚାର୍ଯ୍ୟଙ୍କର ମୃତ୍ୟୁ ଘଟିଥିବା ବେଳେ ଡ୍ରାଇଭର ଭୁବନ ମୋହନ ଜେନା ଓ ଫାର୍ମାସିଷ୍ଟ ଗିରିଜା କୁମାର ସେଠୀଙ୍କୁ ଗୁରୁତର ଅବସ୍ଥାରେ କଟକ ଏସ୍‌ସିବିକୁ ସ୍ଥାନାନ୍ତରିତ କରାଯାଇଛି । ଘଟଣା ସ୍ଥଳରେ ଥାନା ଅଧିକାରୀ ତପନ କୁମାର ନାୟକ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛନ୍ତି । ସୂଚନା ଯୋଗ୍ୟ ଯେ ରଥିଆ ନିକଟରେ ଟ୍ରକ୍ ସବୁ ରାସ୍ତା କଡ଼ରେ ପାର୍କିଂ କରି ଛିଡ଼ା ହୋଇ ରହୁଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି । ଏଥିପ୍ରତି ଜାତୀୟ ରାଜପଥ କର୍ତ୍ତୃପକ୍ଷ କିମ୍ବା ପୋଲିସ କେହି ଗୁରୁତ୍ୱ ଦେଉ ନ ଥିବା ଦେଖାଯାଉଛି ।

# ସଚିନଙ୍କ ପୁଅଙ୍କୁ କୋଇଲା କହିଲେ ଯୁବରାଜ ସିଂହଙ୍କ ବାପା



**ନୂଆଦିଲ୍ଲୀ**

ପୂର୍ବତନ କ୍ରିକେଟର ତଥା ଯୁବରାଜ ସିଂହଙ୍କ ବାପା ଯୁଗରାଜ ସିଂହ ନିଜର ବୟାନ ପାଇଁ ସବୁବେଳେ ଚର୍ଚ୍ଚାରେ ରୁହନ୍ତି । ନିକଟରେ ସେ କିମ୍ବଦନ୍ତୀ କ୍ରିକେଟର କପିଲ ଦେବ ଓ ମହେନ୍ଦ୍ର ସିଂହ ଧୋନିଙ୍କ ସମ୍ପର୍କରେ ଦେଇଥିବା ବୟାନ ବେଶ ଭାଇରାଲ ହୋଇଥିଲା ।

ସେ କହିଥିଲେ ଯେ, 'ମୁଁ କେବେ ହେଲେ ଏମଏସ୍ ଧୋନିଙ୍କୁ କ୍ଷମା କରିବି ନାହିଁ । ସେ ନିଜ ମୁହଁକୁ ଥରେ ଦର୍ପଣରେ ଦେଖନ୍ତୁ । ସେ ଜଣେ ବଡ଼ କ୍ରିକେଟର । କିନ୍ତୁ ସେ ମୋ ପୁଅ ବିରୋଧରେ ଯାହା ବି କରିଛନ୍ତି, ଏବେ ସବୁ କିଛି ସାମ୍ନାକୁ ଆସୁଛି । ଏହାକୁ ଜୀବନରେ କେବେ ହେଲେ କ୍ଷମା କରାଯାଇ ପାରିବ ନାହିଁ ।' ଯୁବରାଜ ଓ ଧୋନି ଗୋଟିଏ ଦଶନ୍ଧିରୁ ଅଧିକ ସମୟ ଧରି ଭାରତ ପାଇଁ କ୍ରିକେଟ ଖେଳିଛନ୍ତି । ଗୋଟିଏ ସମୟରେ ଯୁବରାଜ ଉପ ଅଧିନାୟକ ଥିବା ସମୟରେ ଧୋନି ମ୍ୟାଚ୍ ଖେଳିଥିଲେ । କିନ୍ତୁ ୨୦୦୭ରେ ରାହୁଲ ଦ୍ରାଭିଡ୍‌ଙ୍କ ପରେ ଧୋନି କ୍ୟାପ୍ଟେନ ହୋଇଥିଲେ । ଯୁବରାଜ ପୂର୍ବଭଳି ଉପ ଅଧିନାୟକ ପଦରେ ହିଁ ରହି ଯାଇଥିଲେ ।

ଯୁଗରାଜ ହିଁ ପୁଅ ଯୁବରାଜଙ୍କୁ କ୍ରିକେଟ ଖେଳିବାର ତାଲିମ୍ ଦେଇଥିଲେ । କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ତେନ୍ଦୁଲକର ମଧ୍ୟ ଯୁଗରାଜଙ୍କ ଅଧୀନରେ ତାଲିମ୍ ନେଇଛନ୍ତି । ହେଲେ ଯୁଗରାଜ ଏବେ ଅର୍ଜୁନ ତେନ୍ଦୁଲକରଙ୍କୁ କୋଇଲା କହିଛନ୍ତି ।

ଅର୍ଜୁନ ତେନ୍ଦୁଲକର ଆପଣଙ୍କ ପାଖକୁ ଟ୍ରେନିଂ ପାଇଁ ଆସନ୍ତି । ତାଙ୍କ ଭବିଷ୍ୟତ କ'ଣ ବୋଲି ପ୍ରଶ୍ନରେ ଯୁଗରାଜ ନିଜର ମତ ରଖିଛନ୍ତି । ସେ କହିଛନ୍ତି, "କୋଇଲା ଖଣିରେ ଆପଣ କେବେ ହୀରା ଦେଖିଛନ୍ତି ? ସେ(ଅର୍ଜୁନ) କେବଳ କୋଇଲା । ବାହାର କଲେ ପଥର ଆସିବ । କୌଣସି ଉପଯୁକ୍ତ କାରିଗର ହାତରେ ପଡ଼ିଲେ, ଏହା ଚମକିବ । ବିଶ୍ୱ ଆଗରେ ସେ କୋହିନୂର ପାଲଟିଯିବ । ଏହାର ମୂଲ୍ୟ ଅତୁଳନୀୟ । କିନ୍ତୁ ସମାନ ହୀରା ଯଦି ଏମିତି ଜଣେ ଲୋକ ପାଖରେ ପହଞ୍ଚିବ, ଯିଏ ଏହାର ମୂଲ୍ୟ ଜାଣି ନଥିବ, ତେବେ ସେ ଏହାକୁ ଧ୍ୱଂସ କରିଦେବ । ମୁଁ ଏକଥା କହୁନି ଯେ ଯୁଗରାଜ ସିଂହ ଜଣେ ଦକ୍ଷ କାରିଗର ।

ଯୁବରାଜ ସିଂହ କହିଥିଲେ ଯେ ମୋ ବାପାଙ୍କ ହାତରେ ମ୍ୟାଜିକ ଅଛି । ଆଜି ସେ ମୋତେ ତିଆରି କରିଛନ୍ତି । ପୂର୍ବରୁ ମୋତେ ହିଟଲର, ଡ୍ରାଗନ ସିଂହ କହି ଦୁର୍ବ୍ୟବହାର କରାଯାଉଥିଲା । ମୋ ଘରେ ସମସ୍ତେ ମଧ୍ୟ ଘୃଣା କରୁଥିଲେ । ମୋ ପରିବାର କହୁଥିଲା ଯେ ମୁଁ ଗୋଟିଏ ବାପା ହେବାକୁ ଯୋଗ୍ୟ ନୁହେଁ । କିନ୍ତୁ ସମୟ ଆସିଲା ଓ ଆପଣମାନେ ସମସ୍ତେ ଯୁବରାଜ ସିଂହଙ୍କୁ ପାଇଲେ ।"







ଭୁବନେଶ୍ୱରରେ ଡଟ୍‌କମ୍ ଫୋଟୋ ଜର୍ଣ୍ଣାଲିଷ୍ଟ ଆସୋସିଏସନ ପକ୍ଷରୁ ଗଜାନନ ପୂଜା ।

# ଓଡ଼ିଶାକୁ ଏକ ବିକଶିତ ରାଜ୍ୟ ଓ ଯାଜପୁରକୁ ଏକ ବିକଶିତ ଜିଲ୍ଲାରେ ପରିଣତ କରାଯିବ : ହସ୍ତଶିଳ୍ପ ମନ୍ତ୍ରୀ

**ଯାଜପୁର, ନ୍ୟୁଜ ବ୍ୟୁରୋ**

ମହିଳାଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କ ବହୁ ଆକାଂକ୍ଷିତ ଯୋଜନା ସୁଭଦ୍ରାର ଫର୍ମ ବଣ୍ଟନ ଓ ଆବେଦନ ପ୍ରକ୍ରିୟା ଇତିମଧ୍ୟରେ ଆରମ୍ଭ ହୋଇସାରିଛି । ଏହି ଯୋଜନା ସମ୍ପର୍କିତ ଲୋକଙ୍କ ଭିତରେ ରହିଯାଇଥିବା ଭ୍ରମ ଓ ଭ୍ରାନ୍ତ ଧାରଣାକୁ ଦୂର କରି ହିତାଧିକାରୀଙ୍କୁ ସଠିକ ତଥ୍ୟ ପ୍ରଦାନ ପୂର୍ବକ ସଚେତନ କରିବା ଲକ୍ଷ୍ୟ ନେଇ ସମଗ୍ର ରାଜ୍ୟରେ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ପ୍ରଦୀପ କୁମାର ବଳସାମନ୍ତ ସୁଭଦ୍ରା ଯୋଜନାର ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ପ୍ରତି ମହିଳାଙ୍କୁ ପଚାଶ ହଜାର ଟଙ୍କା ପ୍ରଦାନ କରିବାକୁ ନିର୍ବାଚନ ଇସ୍ତାହାର ରେ ଦିଆଯାଇଥିଲା



। ତାହା ବାସ୍ତବରେ ପରିଣତ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ ପ୍ରକାଶ କରିଥିଲେ। ସମସ୍ତ ମହିଳା ଏହି ଯୋଜନା ର ସୁଫଳ ପାଇବେ। ଧାନର ଏମ.ଏସ.ପି ବୃଦ୍ଧି କରାଯାଇ ୩୧୦୦ ଟଙ୍କା କରାଯିବ। ଆଗାମୀ ଦିନରେ ଓଡ଼ିଶାକୁ ଏକ ବିକଶିତ ରାଜ୍ୟ ଓ ଯାଜପୁର ଜିଲ୍ଲାକୁ ଏକ ବିକଶିତ ଜିଲ୍ଲାରେ ପରିଣତ କରାଯିବ। ମହିଳାମାନଙ୍କର ଆର୍ଥିକ ସହାୟତା ସହ ସ୍ୱାବଲମ୍ବୀ ଓ ଆତ୍ମନିର୍ଭର କରିବା ଦିଗରେ ରାଜ୍ୟ ସରକାରଙ୍କର ଏହା ଏକ ଅଭିନବ ଯୋଜନା ବୋଲି ମନ୍ତ୍ରୀ କହିଥିଲେ। ୫ ବର୍ଷ ପର୍ଯ୍ୟନ୍ତ ପ୍ରତିବର୍ଷ ୧୦ ହଜାର ଲେଖାଏଁ ଦୁଇଟି କିସ୍ତିରେ ପ୍ରଦାନ କରାଯିବ। ମହିଳାମାନଙ୍କ କଲ୍ୟାଣ ଦିଗରେ କାର୍ଯ୍ୟରତ ଏହି ଯୋଜନାକୁ ବ୍ୟାପକ କରିବା ନିମନ୍ତେ ସେ ସମସ୍ତ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଥିଲେ।ଏହି ଅବସରରେ ଉପସ୍ଥିତ ଯାଜପୁର ଜିଲ୍ଲାପାଳ ଶ୍ରୀମତୀ ପି ଅନ୍ୱେଷା ରେଡ୍ଡୀ ସୁଭଦ୍ରା ଯୋଜନା ମହିଳାମାନଙ୍କୁ ରୋଜଗାରକ୍ଷମ କରି ଆତ୍ମନିର୍ଭରଶୀଳ କରିବ ବୋଲି କହିଥିଲେ। ଏହି ଅବସରରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେଉରିଆ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ବିଡିଓ ଯାଜପୁର, ବିଡ଼ିଓ ଦଶରଥପୁର, ତହସିଲଦାର ଯାଜପୁର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଘରେ ଘରେ ସୁଭଦ୍ରା ଯୋଜନା ପହଞ୍ଚାଇବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ବାର୍ତ୍ତା ଦେଇଥିଲେ। ଚଳିତ ମାସ ୧୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ୧୦ ଟି ବ୍ଲକ ଓ ୨ ପୌରାଞ୍ଚଳର ଅଧିବାସୀଙ୍କୁ ସୁଭଦ୍ରା ଯୋଜନା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିବା ପାଇଁ ୫ଗୋଟି ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ, ଡିପିସି ମିଶନ ଶକ୍ତି, ଡିପିଏମ ଓଏଲ୍ଏମ , ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ, ସହରର ବୁଦ୍ଧିଜୀବୀ ତଥା ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ନୂଆଁଖାଇର ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି



**ନୂଆଦିଲ୍ଲୀ,**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇର ଶୁଭେଚ୍ଛା ଜଣାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ସୋସିଆଲ ହ୍ୟାଣ୍ଡେଲ ଏକ୍ସରେ ରାଷ୍ଟ୍ରପତି କହିଛନ୍ତି ଯେ, ନୂଆଁଖାଇ ଉପଲକ୍ଷେ ଦେଶବାସୀ ବିଶେଷକରି ଓଡ଼ିଶାବାସୀଙ୍କୁ ମୁଁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି । ନୂଆଁଖାଇ ଆମ କୃଷିଭିତ୍ତିକ ଜନଜୀବନର ଏକ ମହାନ୍ ପର୍ବ । ଦେଶର କୃଷକ ଭାଇଭଉଣୀମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବାର ଏହା ଏକ ବିଶେଷ ଅବସର । ଏହି ପର୍ବ ସଭିଙ୍କ ଜୀବନକୁ ସୁଖ ସମୃଦ୍ଧିରେ ଭରିଦେଉ, ଏହା ମୋର ଆନ୍ତରିକ କାମନା ।

## ଝାରପଡା ଜେଲରେ ରାତି କାଟିଲେ ସୁପରିଟେଣ୍ଡେଣ୍ଟ ସତ୍ୟପ୍ରକାଶ ସ୍ୱାଇଁ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଝାରପଡା ଜେଲରେ ରାତି କାଟିଲେ ସୁପରିଟେଣ୍ଡେଣ୍ଟ ସତ୍ୟପ୍ରକାଶ ସ୍ୱାଇଁ । ଯେଉଁ ଜେଲରେ ଦିନେ ସୁପରିଟେଣ୍ଡେଣ୍ଟ ଥିଲେ ସେହି ଜେଲରେ କଏଦୀ ହୋଇ ରାତି କଟାଇଲେ ସତ୍ୟ ପ୍ରକାଶ ସ୍ୱାଇଁ । ରାତିରେ ଚୁଡ଼ା ଗୁଡ଼ ଖାଇଥିଲେ, ସକାଳୁ ଉପମା ଘୁଗୁନି ଖାଇଛନ୍ତି । ଝାରପଡା ଜେଲର ୨ ନମ୍ବର ସେଲରେ ତାଙ୍କର ରାତି କଟିଛି। ସେଲରେ ଅନ୍ୟ କଏଦୀ ମାନଙ୍କ ସହ ରାତି କାଟିଛନ୍ତି ସତ୍ୟ ପ୍ରକାଶ ସ୍ୱାଇଁ । ଗତକାଲି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇ ଝାରପଡା ଜେଲ ଯାଇଥଲେ ପୂର୍ବତନ ଝାରପଡା ଜେଲ ସୁପରିଟେଣ୍ଡେଣ୍ଟ ସତ୍ୟ ପ୍ରକାଶ ସ୍ୱାଇଁ। ସତ୍ୟ ପ୍ରକାଶ ସ୍ୱାଇଁଙ୍କ ମାନସିକ ସ୍ଥିତି ଭଲନଥିବା ସୂଚନା ମିଳିଛି ।

## ଭିରୁଡା ଗ୍ରାମରେ ଅବକାରୀ ବିଭାଗର ଚଢଉ
## ଚୋରା ଦେଶୀ ମଦ ଜବତ ସହ ପୋଚ ନଷ୍ଟ

**ଆଠଗଡ, ନ୍ୟୁଜ ବ୍ୟୁରୋ**

କଟକ ଜିଲ୍ଲା ତିଗିରିଆ ଥାନା ଭିରୁଡା ଗ୍ରାମରେ ଅବକାରୀ ଚଢଉ । ଆଠଗଡ଼ ଓ ତିଗିରିଆ ତହସିଲଦାର, ବନ ବିଭାଗ ଏବଂ କଟକ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇଛି । ଚଢଉ ବେଳେ ୧୪୭୦ ଲିଟର ଚୋରା ଦେଶୀ ମଦ ଜବତ କରିବା ସହ ୮୨୯୫ ଲିଟର ପୋଚ ନଷ୍ଟ କରାଯାଇଛି । ଏହି ଚଢ଼ଉରେ ସାମିଲ ଅଛନ୍ତି ୧୦ରୁ ଅଧିକ ଅବକାରୀ ଅଧିକାରୀ । ସୂଚନାଯୋଗ୍ୟ ଯେ, ଭିରୁଡା ଗାଁ ବେଆଇନ ଭାବେ ଚୋରା ଦେଶୀ ମଦର କୁଟୀର ଶିଳ୍ପ ପାଲଟିଛି । ଏହି ଅଞ୍ଚଳରୁ ଦେଶୀ ମଦ ପ୍ରସ୍ତୁତ କରାଯାଇ ଜିଲ୍ଲା ବାହାରକୁ ଚୋରା ଚାଲାଣ କରାଯାଇଥାଏ ବୋଲି ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରି ଆସୁଥିଲେ । ପୂର୍ବରୁ ଆଠଗଡ ଅବକାରୀ ବିଭାଗ ଚଢଉ କରୁଥିଲେ ମଧ୍ୟ ମଦ ମାଫିଆ ମାନଙ୍କ ଉପରେ କୌଣସି ପ୍ରଭାବ ପଡୁନାହିଁ ।

## ଶୈଳଶ୍ରୀ ପ୍ୟାଲେସରେ ଏକାଠି ହୋଇ ନୂଆଁ ଖାଇଲେ ରାଜ ପରିବାର

**ବଲାଙ୍ଗିର, ନ୍ୟୁଜ ବ୍ୟୁରୋ**

ରବିବାର ହେଉଛି ପଶ୍ଚିମ ଓଡ଼ିଶାର ମହାନ ଗଣ ପର୍ବ ନୂଆଁଖାଇ । ଏହି ଅବସରରେ ପ୍ୟାଲେଶ୍‌ରେ ସମସ୍ତ ପରିବାର ପୂର୍ବରୁ ଥିବା ରାଜନୈତିକ ଓ ପାରିବାରିକ ମତାନ୍ତର ମନାନ୍ତରକୁ ଭୁଲି ପୁଣି ଏକାଠି ହୋଇଛନ୍ତି ବଲାଙ୍ଗିର ରାଜ ପରିବାର । ଏହି ଅବସର ରେ ପୂର୍ବତନ ପାଟଣା ରାଜ୍ୟ ର ମହାରାଜ ବର୍ତମାନ ଓଡ଼ିଶା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ତାଙ୍କ କାକା ତଥା ବିଜେଡିର ବରିଷ୍ଠ ନେତା ଅନଙ୍ଗ ଉଦୟ ସିଂହଦେଓଙ୍କ ପରିବାର ଆଜି ବଲାଙ୍ଗିରର ଶୈଳେଶ୍ରୀ ପେଲେସ୍‌ରେ ଏକାଠି ହୋଇ ନୂଆଁ ଖାଇଛନ୍ତି । ଉପମୁଖ୍ୟମନ୍ତ୍ରୀ କେଭିଙ୍କ ସହ ତାଙ୍କ ଧର୍ମପତ୍ନୀ ତଥା ପାଟଣା ମହାରାଣୀ ବଲାଙ୍ଗିରର ସାଂସାଦ ଶ୍ରୀମତୀ ସଙ୍ଗିତା ସିଂହଦେଓ ଥିବା ବେଳେ ବିଜେଡିର ବରିଷ୍ଠ ନେତା ଅନଙ୍ଗଙ୍କ ବଡ଼ ପୁଅ ତଥା ବଲାଙ୍ଗିର ର ବିଧାୟକ କଳିକେଶ ନାରାୟଣ ସିଂହଦେଓ, ତାଙ୍କ ଧର୍ମପତ୍ନୀ ଓ ଭାଇ ମନ୍ମଥ ସିଂହଦେଓ ନୂଆଁଖାଇ ପର୍ବରେ ଉପସ୍ଥିତ ଥିଲେ । ଶୈଳଶ୍ରୀ ପ୍ୟାଲେସରେ ରାଜକୀୟ ପରମ୍ପରା ଅନୁଯାୟୀ ରାଜପୁରୋହିତ ସନ୍ତୋଷ ଦାଶ ପୂଜା ବିଧି ସାରିବା ପରେ ପରିବାର ର ସମସ୍ତଙ୍କୁ ନୂଆ ଅନ୍ନ ପରଶି ଥିଲେ । ନୂଆଁ ଖାଇବା ପରେ କୁଳଦେବୀ ଙ୍କ ଦର୍ଶନ ଓ ଜୁହାରଭେଟ୍ ପର୍ବ ଅନୁଷ୍ଠିତ ହୋଇଥିବା ନେଇ ଜଣାପଡ଼ିଛି । ନବାନ୍ନ ଭକ୍ଷଣ ପରେ କନବର୍ଦ୍ଧନ ବଲାଙ୍ଗିର ରେ ମା ସମଲେଶ୍ୱରୀ ଓ ପାଟନେଶ୍ୱରୀ ଙ୍କ ମନ୍ଦିର କୁ ଆସି ସେମାନଙ୍କୁ ଦର୍ଶନ କରିବା ସହିତ ଆଶୀର୍ବାଦ ଭିକ୍ଷା କରି ସମସ୍ତ ଙ୍କ ମଙ୍ଗଳ କାମନା କରିଥିଲେ।

## ନୂଆପଡା ଏମଭିଆଇ ବିଜୟ କୁମାର ବେହୁରିଆ ଗିରଫ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନୂଆପଡା ଏମଭିଆଇ ବିଜୟ କୁମାର ବେହୁରିଆ ଗିରଫ । ଗତକାଲି ଟଙ୍କା ନେଇ ଭୁବନେଶ୍ୱର ଆସୁଥିବା ବେଳେ ମାଡି ବସିଥିଲା ଭିଜିଲାନ୍ସ ଟିମ । ଗୋଟିଏ ପ୍ରାଇଭେଟ ଗାଡିରେ ୧ଲକ୍ଷ ୩୨ହଜାର ଟଙ୍କା ନେଇ ନୂଆପଡାରୁ ଭୁବନେଶ୍ୱର ଆସୁଥିଲେ ବିଜୟ । ଜବତ ଟଙ୍କା ସଂପର୍କରେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇପାରିନଥିବାରୁ ତାଙ୍କୁ ଭିଜିଲାନ୍ସ ଗିରଫ କରିଛି । ଗତକାଲି ତାଙ୍କର ୫ଟି ସ୍ଥାନରେ ରେଡ କରିଥିଲା ଭିଜିଲାନ୍ସ ।

# ଆଲୁ ପରେ କୁକୁଡା : ଆଜିବି ସୀମାରେ ଅଟକିଛି ଓଡ଼ିଶା ନମ୍ବର ଥିବା ଗାଡ଼ି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଲୁ ପରେ ଓଡ଼ିଶାରେ କୁକୁଡା ଓ ଅଣ୍ଡା ଗାଡ଼ିକୁ ଛାଡୁନି ପଶ୍ଚିମବଙ୍ଗ ପୋଲିସ। ପଶ୍ଚିମବଙ୍ଗ ସୀମାନ୍ତ ସୋନାକଣିଆ ଚେକ ପୋଷ୍ଟ ନିକଟରେପୋଲିସ ଗାଡ଼ିକୁ ଅଟକାଉଛି । ଦିନ ସାରା ଓ ଗାଡି ଚେକ୍ ପୋଷ୍ଟରେ ଛିଡା ହେଉଥିବା ଦେଖିବାକୁ ମିଳୁଛି। ହେଲେ ରାତିରେ କିଛି କିଛି ଟଙ୍କା ନେଇ ଗାଡ଼ି ଛାଡି ଦେଉଥିବା ଅଭିଯୋଗ ହୋଇଛି। ଓଡ଼ିଶାରେ ବାର୍ଡ ଫ୍ଲୁ ପାଇଁ ପଶ୍ଚିମବଙ୍ଗ ସରକାର ଓଡ଼ିଶା ଗାଡ଼ିକୁ ପଶ୍ଚିମବଙ୍ଗ ଭିତରକୁ ଯିବାକୁ ଅନୁମତି ଦେଉନାହାନ୍ତି। ଓଡ଼ିଶାରୁ ପଶ୍ଚିମବଙ୍ଗ ଯାଉଥିବା କୁକୁଡ଼ା, ଅଣ୍ଡା ଏବଂ କୁକୁଡ଼ା ଦାନା ଗାଡ଼ିକୁ ପଶ୍ଚିମବଙ୍ଗ ଭିତରକୁ ପ୍ରବେଶ ଅନୁମତି ମିଳୁନାହିଁ। ୧୦୦ରୁ ଅଧିକ ଅଣ୍ଡା ଗାଡି ଅଟକି ରହିଥିଲା। ୫୦ରୁ ଅଧିକ କୁକୁଡ଼ା ଗାଡି ପଶ୍ଚିମବଙ୍ଗ ଯାଇ ନପାରି ଫେରି ଯାଇଥିଲା। ଅଟକି ରହିଥିବା ସମସ୍ତ ଆନ୍ଧ୍ର ଏବଂ ତେଲେଙ୍ଗାନା ଅଣ୍ଡା ଆଡିକୁ ଛାଡ଼ିଦିଆଯାଉଥିବା ବେଳେ ଓଡ଼ିଶା ନମ୍ବର ଥିବା ଗାଡ଼ିକୁ ଫେରାଇ ଦେଉଛି।

# ଆଉ ପାଦେ ଆଗେଇଲା ପ୍ରକଳ୍ପ: ମେଟ୍ରୋ ପାଇଁ ମାଟି ପରୀକ୍ଷା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମେଟ୍ରୋ ପ୍ରକଳ୍ପ ଆଉ ପାଦେ ଆଗେଇଲା। ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ (ଡିଏମ୍ଆରସି) ଫରେଷ୍ଟ ପାର୍କ ଏବଂ ବାଣୀବିହାରରୁ ମାଟି ସଂଗ୍ରହ କରିଛି । ମାଟିର ନମୂନା ରାଜ୍ୟ ବାହାରର ଏକ ଲ୍ୟାବକୁ ପଠାଯାଇଛି । ରିର୍ପୋଟ ଆସିବା ପରେ ପ୍ରକଳ୍ପ କାର୍ଯ୍ୟ ଆଗେଇବ । ଡଏମ୍ଆରସିର ଏକ ସ୍ୱତନ୍ତ୍ର ଟିମ୍ ପୂଜାର୍ଚ୍ଚନା ପରେ ଫରେଷ୍ଟ ପାର୍କ ଅଞ୍ଚଳରେ ମାଟି ସଂଗ୍ରହ କରିଛନ୍ତି । ଏକ ସ୍ୱତନ୍ତ୍ର କ୍ୟାମ୍ପ କରାଯାଇ ମେସିନ୍ ସାହାଯ୍ୟରେ ପ୍ରାୟ ୪୦ ଫୁଟ ତଳୁ ମାଟି ସଂଗ୍ରହ କରାଯାଉଛି । ସେହିପରି ବାଣୀ ବିହାରରେ ମଧ୍ୟ ମେଟ୍ରୋ



ପକ୍ଷରୁ ମାଟି ସଂଗ୍ରହ କରାଯାଇଛି । ପ୍ରତି ୧୦୦ ମିଟରରୁ ଏହି ମାଟି ସଂଗ୍ରହ କରାଯିବ । ମେଟ୍ରୋ ପ୍ରକଳ୍ପ ପାଇଁ ବିଏମ୍ସି ଓ ଟ୍ରାଫିକ୍ ପାଖରେ ଆବେଦନ ହୋଇଥିଲା । ଏନେଇ ସେମାନେ ଗ୍ରୀନ ସିଗନାଲ ଦେଇଛନ୍ତି। ଫଳରେ ଏବେ କାମ ଆଗେଇବ । ପ୍ରଥମ ପର୍ଯ୍ୟାୟରେ ଏୟାରପୋର୍ଟରୁ କାମ ଆରମ୍ଭ ହୋଇ ଆଚାର୍ଯ୍ୟବିହାର ପର୍ଯ୍ୟନ୍ତ ଯିବ । ଶିଶୁଭବନ ଛକରୁ ବାଣୀବିହାର ପର୍ଯ୍ୟନ୍ତ ସ୍ମାର୍ଟ ଜନପଥ ବ୍ୟାରିକେଡ ଖୋଲାଯିବ। ଏନେଇ ପକ୍ରିୟା ଆରମ୍ଭ ହୋଇଛି । ମେଡିଆନ୍ ଭିତର ଖୋଲା ହୋଇ କାମ ହେବ । ତେଣୁ ଦିନ ପରିବର୍ତ୍ତେ ରାତିରେ ଏହି କାମ କରିବାକୁ ଯୋଜନା କରାଯାଇଛି । ଭୁବନେଶ୍ୱର ମେଟ୍ରୋ ପାଇଁ ଗତ ମାସରେ ଟେଣ୍ଡର ଖୋଲିଥିଲା । ଗୁଜୁରାଟର ଏକ ଘରୋଇ କମ୍ପାନି ଏହି ଟେଣ୍ଡର ହାତେଇଛି । ଏହି କମ୍ପାନି କ୍ୟାପିଟାଲ ହସ୍ପିଟାଲରୁ ଆଚାର୍ଯ୍ୟ ବିହାର ଯାଏଁ କାମ କରିବ । ଭୁବନେଶ୍ୱର ମେଟ୍ରୋ ରେଲ୍ କର୍ପୋରେସନ ପକ୍ଷରୁ ଟେଣ୍ଡର ଡକା ହେଇଥିଲା । ରାଜ୍ୟ ବାହାରର ୧୨ କମ୍ପାନି ଟେଣ୍ଡର ପକାଇଥିଲେ । ଏକ ଘରୋଇ କମ୍ପାନି ସବନିମ୍ନ ୫୬୧ କୋଟି ଟଙ୍କା ଟେଣ୍ଡର ପକାଇ ମେଟ୍ରୋ କାମ ହାତେଇଛି । ଫଳରେ ଖୁବ୍‌ଶୀଘ୍ର ମେଟ୍ରା କାମ ଆରମ୍ଭ ହେବାକୁ ଯାଉଛି । ପ୍ରଥମ ଟେଣ୍ଡରରେ କ୍ୟାପିଟାଲ ହସ୍ପିଟାଲ, ବାପୁଜୀନଗର, ଭୁବନେଶ୍ୱର ରେଳ ଷ୍ଟେସନ, ରାମମନ୍ଦିର, ବାଣୀବିହାର, ଆଚାର୍ଯ୍ୟବିହାର ଛକରେ ମେଟ୍ରୋ ଷ୍ଟେସନ ନିର୍ମାଣ ସହ ଏଲିଭେଟେଡ ରେଳପଥ ବିଛାଯିବ । ଏଥିପାଇଁ ୬୩୦ କୋଟି ଟଙ୍କା ବ୍ୟୟ ହେବ। ଏହି ରାସ୍ତା ପାଇଁ ମେଟ୍ରୋ, ସ୍ମାର୍ଟସିଟି, ପୂର୍ତ୍ତ, ବିଦ୍ୟୁତ୍ ବିଭାଗ ପକ୍ଷରୁ ଯାଞ୍ଚ ସରିଛି ।




ଡ. କାଶିନାଥ ନାୟକଙ୍କ ଲିଖିତ "ରେଲିଜିୟସ ଲାଇଫ୍" ପୁସ୍ତକର ଲୋକାର୍ପଣ କରୁଛନ୍ତି ମୁଖ୍ୟ ଅତିଥି ବାଚସ୍ପତି ସୁରମା ପାଢି ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସିଏମ୍ କିଷାନ...

ଯେଉଁମାନେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିରେ ଅର୍ନ୍ତଭୁକ୍ତ ନାହାନ୍ତି । ତେବେ ଓଡ଼ିଶା ସରକାର ଶୁଭାରମ୍ଭ କରିଥିବା ସିଏମ କିଷାନ ଯୋଜନାରେ ଋଷୀଙ୍କୁ ବର୍ଷକୁ ୪ ହଜାର ଟଙ୍କା ମିଳିବ। ଅର୍ଥାତ ନୂଆଁଖାଇ ଅବସରରେ ପ୍ରଥମ କିସ୍ତିରେ ରବିବାର୨ହଜାର ଟଙ୍କା ମିଳିଥିବାବେଳେ ଅକ୍ଷୟ ତୃତୀୟାରେ ୨ୟ କିସ୍ତିରେ ଆଉ ୨ହଜାର ଟଙ୍କା ମିଳିବ।

### କୃଷି ବିଦ୍ୟାନିଧି ଯୋଜନା...

ମାଧ୍ୟମରେ ଏହି ସହାୟତା ରାଶି ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା କରାଯାଇଛି । ପବିତ୍ର ନୂଆଁଖାଇ ଠାରୁ ଏହି ଯୋଜନା ଆରମ୍ଭ ହୋଇଥିବା ବେଳେ ଖରିଫ ଓ ରବି ଫସଲ ପୂର୍ବରୁ ଯୋଗ୍ୟ ହିତାଧିକାରୀମାନେ ଡିବିଟି ମାଧ୍ୟମରେ ଦୁଇଟି କିସ୍ତିରେ ମୋଟ ୪ ହଜାର ଟଙ୍କା ଆର୍ଥିକ ସହାୟତା ପାଇପାରିବେ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ସି.ଏମ୍. କିଷାନ ପୋର୍ଟାଲ ସହ କୃଷକ ଓଡ଼ିଶା ୟୁନିଫାଏଡ଼ ପୋର୍ଟାଲର ମଧ୍ୟ ଉନ୍ମୋଚନ କରିଛନ୍ତି । ଏହି ପୋର୍ଟାଲ ଅଧୀନରେ ସି.ଏମ୍. କିଷାନ ଓ ପି.ଏମ୍. କିଷାନ ଯୋଜନାରେ ନୂଆ ହିତାଧିକାରୀଙ୍କ ନାମ ପଞ୍ଜୀକରଣ କରାଯାଇପାରିବ । ଏହାଛଡ଼ା ଆଗାମୀ ଦୁଇ ମାସ ପର୍ଯ୍ୟନ୍ତ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବାପାଇଁ ପି.ଏମ୍. କିଷାନ ଯୋଜନାର ସ୍ୱତନ୍ତ୍ର ଅଭିଯାନ ରବିବାର ଠାରୁ ଆରମ୍ଭ ହୋଇଛି।

### ଋଷ ଗସ୍ତରେ ଯିବେ ...

ପାଇଁ - ବୈଠକ ୨୦୨୩ରେ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ହୋଇଥିଲା । ଏହି ସମୟରେ ମଧ୍ୟ ଅଜିତ ଡୋଭାଲ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ପ୍ରକାଶ ଥାଉକି, ଜୁଲାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଋଷ ଗସ୍ତ କରି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଭେଟିଥିଲେ। ଏହାପରେ ଅଗଷ୍ଟରେ ମଧ୍ୟ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କ ସହ ମଧ୍ୟ ସାକ୍ଷାତ କରିଥିଲେ। କିନ୍ତୁ ମୋଦିଙ୍କ ଗସ୍ତ ପରେ ପୁଣି ଦୁଇ ଦେଶ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ଆରମ୍ଭ ହୋଇଥିଲା। ଅଗଷ୍ଟରେ ପ୍ରଧାନମନ୍ତ୍ରୀ ମୋଦି ଋଷ ରାଷ୍ଟ୍ରପତିଙ୍କ ସହ ଫୋନରେ କଥା ହେବା ସମୟରେ ଅଜିତ ଡୋଭାଲ ଋଷ ଗସ୍ତ କରିବେ ବୋଲି ସୂଚନା ଦେଇଥିଲେ। ଦୁଇ ଦେଶରେ ଶାନ୍ତି ସ୍ଥାପନା ଉପରେ ଡୋଭାଲ ଆଲୋଚନା କରିବେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

### ମଗଧ ଏକ୍ସପ୍ରେସ ...

ରେଳ ଷ୍ଟେସନ ଛାଡିବା ପରେ ଟୁନିଗଞ୍ଜ ରେଳ ଷ୍ଟେସନରେ ପହଞ୍ଚିବା ମାତ୍ରେ ହଠାତ ଟ୍ରେନର କପଲିଙ୍ଗ ଭାଙ୍ଗି ଯାଇଥିଲା । ଫଳରେ ଟ୍ରେନ ଦୁଇ ଭାଗରେ ବିଭକ୍ତ ହୋଇ ଯାଇଥିଲା। ଗତ ବର୍ଷ ଉତ୍ତର ପୂର୍ବ ଏକ୍ସପ୍ରେସ ଦୁର୍ଘଟଣାଗ୍ରସ୍ତ ହୋଇଥିବା ରଘୁନାଥପୁର ରେଳ ଷ୍ଟେସନ ସମ୍ମୁଖରେ ଏହି ଦୁର୍ଘଟଣା ଘଟିଥିଲା । ସେହି ଦୁର୍ଘଟଣାରେ ବହୁ ଜୀବନ ଓ ସମ୍ପତ୍ତି ନଷ୍ଟ ହୋଇଥିଲା । ରବିବାର ଦିନ, ଟ୍ରେନ ଦୁଇ ଭାଗରେ ବିଭକ୍ତ ହେବା ପରେ ମଗଧ ଏକ୍ସପ୍ରେସର ଯାତ୍ରୀମାନଙ୍କର ରଘୁନାଥପୁର ଟ୍ରେନ ଦୁର୍ଘଟଣା କଥା ମନେ ପଡ଼ିଥିଲା ।
ପୂର୍ବ କେନ୍ଦ୍ରୀୟ ରେଳବାଇର ଲୋକସମ୍ପର୍କ ଅଧିକାରୀ ସରସ୍ୱତୀ ଚନ୍ଦ୍ର କହିଛନ୍ତି ଯେ ରବିବାର ପୂର୍ବାହ୍ନ ପ୍ରାୟ ୧୧ଟା ୧୫ ସମୟରେ ଟ୍ରେନ ନଂ ୨୦୮୦୨ ନୂଆଦିଲ୍ଲୀ-ଇସଲାମପୁର ମଗଧ ଏକ୍ସପ୍ରେସର ଇଞ୍ଜିନର ୧୩ ଏବଂ ୧୪ କୋଚ ମଧ୍ୟରେ କପଲିଙ୍ଗ ଭାଙ୍ଗି ଯାଇଥିଲା। ଟ୍ରେନର ଉଭୟ ଅଂଶକୁ ସଂଯୋଗ କରିବା ପରେ ଅନୁସନ୍ଧାନ କରାଯାଇଥିଲା ଏବଂ ପରେ ଏହାକୁ ଗନ୍ତବ୍ୟ ପଥରେ ପଠାଯାଇଥିଲା। କପଲିଙ୍ଗ କିପରି ଭାଙ୍ଗିଲା ସେ ନେଇ ରେଳ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

### ଅବପାତରେ ପରିଣତ...

ଖୋର୍ଦ୍ଧା, ପୁରୀ, ଜଗତସିଂହପୁର ଜିଲ୍ଲା ଏବଂ କଟକ, ନୟାଗଡ଼, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରକୁ ବି ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । କିଛି ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇପାରେ।

### ପଶ୍ଚିମ ଓଡ଼ିଶା ...

ଘରେ ବେଶ ଆନନ୍ଦ ଉଲ୍ଲାସ ସହିତ ଆରମ୍ଭ ହୋଇଯାଇଛି ନୂଆଁଖାଇ ପର୍ବ । ଏହି ଅବସରରେ ଘରେ ଘରେ ସମସ୍ତ ପରିବାର ସଦସ୍ୟ ନୂଆ ବସ୍ତ୍ର ପିନ୍ଧିଥାନ୍ତି । ଏଥିସହ ନୂଆଁ ଅନ୍ନ ସହ ହୋଇଥାଏ ଭଳି କି ଭଳି ଖାଦ୍ୟ ପ୍ରସ୍ତୁତି । ପରିବାରର ସାନମାନେ ନୂଆ ବସ୍ତ୍ର ପିନ୍ଧି ବଡ଼ମାନଙ୍କ ଆଶୀର୍ବାଦ ନେଇଥାନ୍ତି । ପରେ ପରିବାରର ସମସ୍ତେ ଏକାଠି ବସି ନୂଆଁ ଖାଇଥାନ୍ତି । ନୂଆଁଖାଇ ପାଳନ ନିମନ୍ତେ ଦେଶବିଦେଶରୁ ଲୋକେ ନିଜ ଘରକୁ ଛୁଟି ଆସିଥାନ୍ତି।

### ସମ୍ବଲପୁରରେ ହେବ ...

ସମ୍ବଲପୁର ଏମପି ତଥା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ରାଜ୍ୟରେ ଭାଜପା ସରକାର ଆସିଲେ ଓଡ଼ିଶାର ଦ୍ୱିତୀୟ ଏମ୍ସ ସମ୍ବଲପୁରରେ ଖୋଲିବ।

### ଏଣିକି ୨୦୦୦ ଟଙ୍କା...

କାର୍ଡ କାରବାରରେ ମଧ୍ୟସ୍ଥି ଭାବରେ କାର୍ଯ୍ୟ କରନ୍ତି, ତେଣୁ ତାହାର ଅଧୀନ ହେବା ଉଚିତ୍। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଏସଟି ପରିଷଦର ୫୪ତମ ବୈଠକରେ ଏହି ପ୍ରସଙ୍ଗରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଯଦି ପରିଷଦ ପ୍ରସ୍ତାବିତ ପରିବର୍ତ୍ତନ ସହ ଆଗକୁ ବଢିବାକୁ ନିଷ୍ପତ୍ତି ନିଏ, ତେବେ ଦୈନନ୍ଦିନ କାରବାର କରୁଥିବା ଛୋଟ ବ୍ୟବସାୟୀମାନେ ପ୍ରଭାବିତ ହୋଇପାରନ୍ତି । କାରଣ ଏହା ନେଣଦେଣ ମାଧ୍ୟମ ଏବଂ କ୍ଷୁଦ୍ର ବ୍ୟବସାୟ ମାଲିକଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପକାଇବ ବୋଲି ଆଶଙ୍କା କରାଯାଉଛି। ସମ୍ପ୍ରତି, ପେମେଣ୍ଟ ଏଗ୍ରିଗେଟର୍ସ ବ୍ୟବସାୟୀଙ୍କୁ ପ୍ରତି କାରବାରରେ ୦.୫%ରୁ ୨% ଋର୍ଜ ଦେବାକୁ ପଡୁଛି । ଯଦି ଲାଗୁ ହୁଏ, ତେବେ ବ୍ୟବସାୟୀଙ୍କୁ ଅତିରିକ୍ତ କର ଦେବାକୁ ପଡିବ, ଯାହା ଦ୍ୱାରା ସେମାନଙ୍କ ଖର୍ଚ୍ଚ ବଢିବାର ଆକଳନ କରାଯାଉଛି।

### ସୁନୀତା ୱିଲିୟମ୍ସଙ୍କୁ ...

୫ରେ ସୁନୀତା ଏବଂ ବୁଚ୍‌ଙ୍କୁ ଆଇଏସ୍ଏସ୍‌କୁ ପଠାଯାଇଥିଲା। ଏହା କେବଳ ୮ ଦିନର ଏକ ମିଶନ ଥିଲା । କିନ୍ତୁ ବୈଷୟିକ ତ୍ରୁଟି ଯୋଗୁ ଏହା ମହାକାଶରେ ଅଟକିଛି । ବର୍ତ୍ତମାନ ଏହି ମହାକାଶଯାନ ବିନା କ୍ରୁରେ ପୃଥିବୀକୁ ଫେରିଛି । ସୁନୀତା ଏବଂ ବୁଚ ବର୍ତ୍ତମାନ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ସ୍ପେସ ଷ୍ଟେସନରେ ରହିବେ। ଫେବୃଆରୀରେ ସ୍ପେସ ଏକ୍ସ ବିମାନ ଦ୍ୱାରା ସେମାନଙ୍କୁ ଫେରାଇ ଅଣାଯିବ।

# ଉଦୀୟମାନ ଓ ନିବେଶଯୋଗ୍ୟ ବଜାର ସୂଚକାଙ୍କରେ ଚୀନକୁ ଟପିଲା ଭାରତ

**ନୂଆଦିଲ୍ଲୀ,**

୨୦୨୪ ସେପ୍ଟେମ୍ବରରେ ଏମଏସସିଆଇ ଉଦୀୟମାନ ବଜାର ଓ ନିବେଶଯୋଗ୍ୟ ବଜାର ସୂଚକାଙ୍କ (ଏମଏସସିଆଇ ଇଏମ ଆଇଏମଆଇ)ରେ ଭାରତ ଗୁରୁତ୍ୱ ଦୃଷ୍ଟିରୁ ଚୀନକୁ ପଛରେ ପକାଇ ଦେଇଥିବା ମୋର୍ଗାନ ଷ୍ଟାନଲି ଘୋଷଣା କରିଛି । ଏମଏସସିଆଇ ଇଏମ ଆଇଏମଆଇରେ ଭାରତର ଗୁରୁତ୍ୱ ୨୨.୨୭ ପ୍ରତିଶତ ଥିବା ବେଳେ ଚୀନର ୨୧.୫୮ ପ୍ରତିଶତ ରହିଛି । ଏମଏସସିଆଇ ଆଇଏମଆଇରେ ୩,୩୫୫ ଷ୍ଟକ ରହିଛି ଏବଂ ଏଥିରେ ବଡ଼, ମଧ୍ୟମ ଏବଂ କ୍ଷୁଦ୍ର କ୍ୟାପ୍ କମ୍ପାନୀ ଅନ୍ତର୍ଭୁକ୍ତ । ଏହା ଉଦୀୟମାନ ବଜାର ରୂପେ ବିବେଚିତ ହେଉଥିବା ୨୪ଟି ଦେଶର ଷ୍ଟକକୁ ସାମିଲ କରିବା ସହିତ ପ୍ରତ୍ୟେକ ଦେଶରେ ଫ୍ରି ଫ୍ଲୋଟ ଆଡଜଷ୍ଟେଡ୍ ମାର୍କେଟ କ୍ୟାପିଟାଲାଇଜେସନର ପ୍ରାୟ ୮୫% କଭରେଜକୁ ଲକ୍ଷ୍ୟ ରଖି ଅଧ୍ୟୟନ କରିଥାଏ। ସୂଚନାଯୋଗ୍ୟ, ଫ୍ରି ଫ୍ଲୋଟ ଆଡଜଷ୍ଟେଡ୍ ମାର୍କେଟ କ୍ୟାପିଟାଲାଇଜେସନ୍ ର ଅର୍ଥ ହେଉଛି ସାର୍ବଜନୀନ ସ୍ତରରେ କାରବାର ହେଉଥିବା ଶେୟାରଗୁଡ଼ିକର ସଂଖ୍ୟାକୁ ଆଧାର କରି ବଜାର ପୁଞ୍ଜିକରଣର ହିସାବ କରିବାର ଏକ ମୂଲ୍ୟାୟନ ସୂତ୍ର। ମୁଖ୍ୟ ଏମଏସସିଆଇ ଇଏମ ଇଣ୍ଡେକ୍ସ (ଷ୍ଟାଣ୍ଡାର୍ଡ ଇଣ୍ଡେକ୍ସ) ବୃହତ ଏବଂ ମଧ୍ୟମ କ୍ୟାପ୍‌କୁ ଅନ୍ତର୍ଭୁକ୍ତ କରୁଥିବା ବେଳେ ଆଇଏମଆଇରେ ଏକ ଅଧିକ ବ୍ୟାପକ ପରିସର ଅନ୍ତର୍ଭୁକ୍ତ, ଯେଉଁଥିରେ ବୃହତ, ମଧ୍ୟମ ଏବଂ କ୍ଷୁଦ୍ର କ୍ୟାପ୍ ଷ୍ଟକ ଅନ୍ତର୍ଭୁକ୍ତ । ଭାରତ ପାଖରେ ଥିବା କ୍ଷୁଦ୍ର ବା ସ୍ମଲ୍ କ୍ୟାପ୍ କାରଣରୁ ଏମଏସସିଆଇ ଆଇଏମଆଇରେ ଚୀନ ତୁଳନାରେ ଏହା ଆଗରେ ରହିଛି।
ପୁନଃସନ୍ତୁଳନ ବ୍ୟାପକ ବଜାର ଧାରାକୁ ପ୍ରତିଫଳିତ କରେ । ଚୀନ୍‌ରେ ଆର୍ଥିକ ମାନ୍ଦାବସ୍ଥା ଯୋଗୁଁ ସେଠାକାର ବଜାର ସଂଘର୍ଷ କରୁଥିବା ବେଳେ ଅନୁକୂଳ ଆର୍ଥିକ ସ୍ଥିତିରୁ ଭାରତର ବଜାର ଲାଭବାନ ହୋଇଛି। ନିକଟ ଅତୀତରେ, ଭାରତ ଭାରତୀୟ ଅର୍ଥବ୍ୟବସ୍ଥାର ସୁଦୃଢ଼ ଆର୍ଥିକ ଭିତ୍ତିଭୂମି ଏବଂ ଭାରତୀୟ କର୍ପୋରେଟ୍ ଗୁଡ଼ିକର ଦୃଢ଼ ପ୍ରଦର୍ଶନ ଦ୍ୱାରା ପରିଚାଳିତ ଇକ୍ୱିଟି ବଜାର ପ୍ରଦର୍ଶନରେ ବହୁତ ଉନ୍ନତ ପ୍ରଦର୍ଶନ କରିଛି । ଏହାବ୍ୟତୀତ ଭାରତୀୟ ଇକ୍ୱିଟି ବଜାରରେ ଏହି ବୃଦ୍ଧି ବ୍ୟାପକ ରହିଛି, ଯାହା ଲାର୍ଜ କ୍ୟାପ୍ ସହିତ ମିଡ୍ କ୍ୟାପ୍ ଏବଂ ସ୍ମଲ୍ କ୍ୟାପ୍ ସୂଚକାଙ୍କରେ ପ୍ରତିଫଳିତ ହୋଇଛି। ଏହି ସକାରାତ୍ମକ ଧାରାର ପ୍ରମୁଖ କାରଣ ଗୁଡ଼ିକ ହେଲା ୨୦୨୪ ର ପ୍ରାରମ୍ଭିକ ଭାଗରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫଡିଆଇ)ରେ ୪୭% ବୃଦ୍ଧି, ବ୍ରେଣ୍ଟ ଅଶୋଧିତ ତୈଳ ଦର ହ୍ରାସ ଏବଂ ଭାରତୀୟ ଋଣ ବଜାରରେ ଯଥେଷ୍ଟ ବିଦେଶୀ ପୋର୍ଟଫୋଲିଓ ନିବେଶ (ଏଫପିଆଇ)।
ଏହି କାରଣରୁ ଏମଏସସିଆଇ ନିଜର ସୂଚକାଙ୍କରେ ଭାରତୀୟ ଷ୍ଟକଗୁଡ଼ିକର ତୁଳନାତ୍ମକ ଗୁରୁତ୍ୱ ବଢ଼ାଉଛି। ଏମଏସସିଆଇ ଇଏମ ଆଇଏମଆଇ ବ୍ୟତୀତ ଭାରତର ଗୁରୁତ୍ୱ ବୃଦ୍ଧି ଏବଂ ଏମଏସସିଆଇ ଇଏମ ଇଣ୍ଡେକ୍ସରେ ଚୀନର ଗୁରୁତ୍ୱ ରେ ତୁଳନାତ୍ମକ ହ୍ରାସରୁ ମଧ୍ୟ ଏହା ସ୍ପଷ୍ଟ ହୋଇଛି । ମାର୍ଚ୍ଚ-୨୪ରୁ ଅଗଷ୍ଟ-୨୪ ମଧ୍ୟରେ ଏମ୍ଏସ୍ସିଆଇ ଇଏମରେ ଭାରତର ଗୁରୁତ୍ୱ ୧୮%ରୁ ୨୦%କୁ ବୃଦ୍ଧି ପାଇଥିବା ବେଳେ ସମାନ ସମୟ ମଧ୍ୟରେ ଚୀନର ଓଜନ ୨୫.୧%ରୁ ୨୪.୫%କୁ ହ୍ରାସ ପାଇଛି।
ବିଶ୍ଳେଷକଙ୍କ ଆକଳନ ଅନୁଯାୟୀ, ଏମଏସସିଆଇ ଇଏମ ଆଇଏମଆଇରେ ଏହି ପରିବର୍ତ୍ତନ ପରେ ଭାରତୀୟ ଇକ୍ୱିଟିରେ ପ୍ରାୟ ୪ରୁ ୪.୫ ବିଲିୟନ ଆମେରିକୀୟ ଡଲାର ପୁଞ୍ଜିପ୍ରବାହ ହୋଇପାରେ । ଆର୍ଥିକ ଅଭିବୃଦ୍ଧି ଓ ବିକାଶ ପାଇଁ ଆଶାନୁରୂପ ପୁଞ୍ଜିନିବେଶର ଗତି ବଜାୟ ରଖିବା ଲାଗି ଭାରତକୁ ଉଭୟ ଦେଶୀ ଓ ବିଦେଶୀ ଉତ୍ସରୁ ପୁଞ୍ଜିର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ବୈଶ୍ୱିକ ଇଏମ୍ ସୂଚକାଙ୍କରେ ଭାରତର ଗୁରୁତ୍ୱ ବୃଦ୍ଧି ସକାରାତ୍ମକ ଗୁରୁତ୍ୱ ବହନ କରୁଛି।

ଭୁବନେଶ୍ୱର
୯ ସେପ୍ଟେମ୍ବର
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24


ଭୁବନେଶ୍ୱରରେ ଗଣେଷ ପୂଜା – ସହିଦ କ୍ଲବ, ସହିଦନଗର


ବରଗଡ ଗଣେଷ ମହୋତ୍ସବ


ସହିଦନଗର, ଆଣ୍ଡଳମଣି କ୍ଲବ।


ନୟାପଲ୍ଲୀ ମହାବୀର କ୍ଲବ


ବିନାୟକ ୟୁଥ୍ ଆସୋସିଏସନ


ସମ୍ବଲପୁର ଗ୍ରସ୍ତ ଅବସରରେ ନୂଆଖାଇ ପର୍ବରେ ସାମିଲ ହୋଇ ନବାନ୍ନ ଗ୍ରହଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

# ଫାଶୀ ବିଳମ୍ବ ରୋକିବାକୁ ନୀତି ଆଣିବେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୦୮/୦୯**

କ୍ଷମା ଆବେଦନ ଖାରଜ ପରେ ଫାଶୀଦଣ୍ଡକୁ କାର୍ଯ୍ୟକାରୀ କରିବାରେ ହେଉଥିବା ବିଳମ୍ବକୁ ରୋକିବା ଲାଗି ସୁପ୍ରିମକୋର୍ଟ ନୀତି ପ୍ରସ୍ତୁତ କରିବେ । ଯାହାକୁ ବିଭିନ୍ନ ରାଜ୍ୟ ସରକାର ଓ କୋର୍ଟ କାର୍ଯ୍ୟକାରୀ କରିବେ । ଏକ ମାମଲାର ଶୁଣାଣି ବେଳେ ସୁପ୍ରିମକୋର୍ଟ ପଚାରିଥିଲେ କି କ୍ଷମା ଆବେଦନ ବିଚାରାଧୀନ ରହିଛି କି ନାହିଁ ତାହା ନ ଜାଣି ଯଦି ସେସନ୍ସ କୋର୍ଟ ୱ୍ୱାରେଣ୍ଟ ଜାରି କରନ୍ତି, ସେଭଳି କ୍ଷେତ୍ରରେ କେଉଁ ପ୍ରକ୍ରିୟା ଗ୍ରହଣ କରାଯିବ । ମୃତ୍ୟୁଦଣ୍ଡକୁ ସୁପ୍ରିମକୋର୍ଟ ଅନୁମୋଦନ କରିବା ପରେ ରାଜ୍ୟ ସରକାର ତାକୁ କାର୍ଯ୍ୟକାରୀ କରିବା ଲାଗି ସେସନ୍ସ କୋର୍ଟ ସହ ସମ୍ପର୍କ କରିବା ଆବଶ୍ୟକ । ଏହା ପରେ ଦୋଷୀଙ୍କୁ ସୂଚୀତ କରାଯିବ । ଆଇନଗତ ପ୍ରତିନିଧିତ୍ୱ ଅଧିକାର ସମ୍ପର୍କରେ ଅବଗତ କରାଯିବ । କୌଣସି କ୍ଷମା



ଆବେଦନ ଅଛି କି ନାହିଁ ତାହା ସ୍ପଷ୍ଟ କରିବା ଲାଗି ସୁଯୋଗ ଦିଆଯିବ। ବିଚାରପତି ଅଭୟ ଏସ୍. ଓକା, ଅହସାନୁଦ୍ଦିନ ଅମାନୁଲ୍ଲା ଓ ଅଗଷ୍ଟିନ ଜର୍ଜ ମସିଙ୍କୁ ନେଇ ଗଠିତ ଖଣ୍ଡପୀଠ ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ବମ୍ବେ ହାଇକୋର୍ଟଙ୍କ ରାୟକୁ ଚାଲେଞ୍ଜ କରି ଆଗତ ପିଟିସନ ଉପରେ ଶୁଣାଣି କରିବା ଅବସରରେ ଏହା କହିଛନ୍ତି ।

୨୦୦୭ ପୁନେ ବିପିଓ ଗଣବଳାତ୍କାର ଓ ହତ୍ୟା ମାମଲାରେ ବମ୍ବେ ହାଇକୋର୍ଟ ୨୦୧୯ରେ ଦୁଇ ଦୋଷୀ ପୁରୁଷୋତ୍ତମ ବୋରାଟେ ଓ ପ୍ରଦୀପ କୋକାଡେଙ୍କ ମୃତ୍ୟୁଦଣ୍ଡକୁ କୋହଳ କରିଥିଲେ । ଯାହାକୁ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲେ । ୨୦୧୭ ମେ ୨୬ରେ ରାଷ୍ଟ୍ରପତି ଉଭୟ ଦୋଷୀଙ୍କ କ୍ଷମା ଆବେଦନକୁ ଖାରଜ କରିଥିଲେ । ପୁନେ ସ୍ଥିତ ଏକ ବିପିଓରେ କାର୍ଯ୍ୟ କରୁଥିବା ଜଣେ ୨୨ ବର୍ଷୀୟ ମହିଳାଙ୍କୁ ଉଭୟ ପୁରୁଷୋତ୍ତମ ଓ ପ୍ରଦୀପ ବଳାତ୍କାର ପରେ ହତ୍ୟା କରିଥିଲେ । ତଳକୋର୍ଟ ଉଭୟଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରିଥିଲେ । ୨୦୧୫ରେ ସୁପ୍ରିମକୋର୍ଟ ଏହାକୁ ଅନୁମୋଦନ କରିଥିଲେ । କିନ୍ତୁ ଉଭୟେ ରାଜ୍ୟପାଳଙ୍କ ନିକଟରେ କ୍ଷମା ଆବେଦନ କରିଥିଲେ । ଯାହା ୨୦୧୬ରେ ଖାରଜ ହୋଇଥିଲା । ସେମାନଙ୍କ ମୃତ୍ୟୁଦଣ୍ଡକୁ କାର୍ଯ୍ୟକାରୀ କରିବାରେ ଅହେତୁକ ବିଳମ୍ବ ହୋଇଥିବା ଦର୍ଶାଇ ବମ୍ବେ ହାଇକୋର୍ଟ ଉଭୟଙ୍କ ମୃତ୍ୟୁଦଣ୍ଡକୁ କୋହଳ କରି ଆଜୀବନ ଜେଲ୍‌ଦଣ୍ଡ କରିଥିଲେ । ଉଭୟଙ୍କୁ ୩୫ ବର୍ଷ ଜେଲ୍‌ରେ କାଟିବାକୁ ପଡ଼ିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଥିଲେ।

## ଶ୍ରୀମନ୍ଦିରରେ ଋଷି ପଞ୍ଚମୀ ନୀତି : ବ୍ରତ ପାଳନ କଲେ ମା’ ଲକ୍ଷ୍ମୀ



**ପୁରୀ ୮/୯ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ଭାଦ୍ରବ ଶୁକ୍ଳ ପଞ୍ଚମୀରେ ପାଳନ ହୁଏ ବିଶେଷ ବିଧି । ଯାହାକୁ ଋଷି ପଞ୍ଚମୀ ବ୍ରତ ନାମରେ ଅଭିହିତ କରାଯାଇଥାଏ । ଶ୍ରୀମନ୍ଦିରରେ ମା’ ଲକ୍ଷ୍ମୀ ଠାକୁରାଣୀ ନିଜେ ଏହି ବ୍ରତ ପାଳନ କରିଥାନ୍ତି । ଏ ସମ୍ପର୍କରେ ଏକ ଉପାଖ୍ୟାନରୁ ଜଣାଯାଏ ଯେ, ମହିଳାମାନେ ରଜସ୍ୱଳା ସମୟରେ ନିଜର ଅଜ୍ଞାତରେ ଯଦି କିଛି ଦୋଷ କରିଥାନ୍ତି, ତେବେ ସେଥିରୁ ମୁକ୍ତି ପାଇବା ପାଇଁ ନିର୍ଦ୍ଦିଷ୍ଟସପ୍ତ ଋଷିଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ସେହି ବିଧି ଅନୁଯାୟୀ, ଏହି ଦିନ ସକାଳ ଧୂପ ନୀତି ବଢ଼ିବା ପରେ ପୂଜାପଣ୍ଡା ଆଜ୍ଞାମାଳ ଦେବାରେ ମହାଜନ ସେବକ ଶ୍ରୀଦେବୀଙ୍କୁ ସିଂହାସନରୁ ବିଜେ କରାଇ ମୁକ୍ତି ମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ କରନ୍ତି ଏବଂ ତପ୍ରେ ଶ୍ରୀଦେବୀ ମାର୍କଣ୍ଡେୟ ମହାଦେବଙ୍କ ନିକଟକୁ ଯାଇଥାନ୍ତି । ସେଠାରେ ଶ୍ରୀଦେବୀଙ୍କର ସ୍ନାନବିଧି (ମାଜଣା) କରାଯାଏ ଓ ତପ୍ରେ ପୂଜାପଣ୍ଡା ମାର୍କଣ୍ଡେୟ ଉପସ୍ଥିତିରେ ସପ୍ତଋଷିଙ୍କୁ ନୈବେଦ୍ୟ ସମର୍ପଣ କରନ୍ତି । ବ୍ରତବିଧାନ ପଦ୍ଧତି ଅନୁସାରେ ସପ୍ତଋଷିଙ୍କ ବର୍ଣ୍ଣନା ଏହିପରି ରହିଛି । ଏହାପରେ ପୂଜାପଣ୍ଡା ବ୍ରତକଥା ପଠନ କରନ୍ତି । ଏହି ବ୍ରତ କଥାରେ ପୂର୍ବ କାଳରେ ଏକ ବ୍ରାହ୍ମଣ ଦମ୍ପତ୍ତି କିପରି ଦୋଷଯୁକ୍ତ ହୋଇ ପଶୁ ଜନ୍ମଲାଭ କରିଥିଲେ ଏବଂ ସେମାନଙ୍କର ସନ୍ତାନ ଋଷି ପଞ୍ଚମୀ ବ୍ରତ କରିବାରୁ ସେହି ଦୋଷରୁ ମୁକ୍ତିଲାଭ କରିଥିଲେ ବୋଲି ଏହା ବର୍ଣ୍ଣିତ ଅଛି । ଏହି ବ୍ରତ କଥା ପରେ ଆରତି କରାଯାଇଥିଲା ବେଳେ ଲକ୍ଷ୍ମୀ ଠାକୁରାଣୀ ମନ୍ଦିରକୁ ପ୍ରତ୍ୟାଗମନ କରିବା ପରେ ମଧ୍ୟାହ୍ନ ଧୂପ କରାଯାଇଥିଲା। ଏହି ବ୍ରତରେ ଋଷିମାନଙ୍କୁ କ୍ଷୀର ଓ ଦହି ଓ ଅନ୍ୟାନ୍ୟ ଫଳ ଭୋଗ ଲାଗି କରାଯାଇଥାଏ । ଶ୍ରୀଦେବୀ ଏହିଦିନ ତାଙ୍କର ବ୍ରତ ଉପଲକ୍ଷେ ମନ୍ଦିରରୁ ପୂଜାପଣ୍ଡାଙ୍କୁ ଛଞ୍ଚା ଦେଇଥାନ୍ତି ।

# ପେଟ୍ରୋକେମିକାଲ ହବ୍ ହେବା ପାଇଁ ଓଡ଼ିଶା ପ୍ରସ୍ତୁତ: କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର, ୮/୯ ନ୍ୟୁଜ ବ୍ୟୁରୋ**

ରସାୟନ ଓ ପେଟ୍ରୋକେମିକାଲ କ୍ଷେତ୍ରରେ ଗୁଜୁରାଟ, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆସନ୍ତା କିଛି ବର୍ଷରେ ଓଡ଼ିଶା ପେଟ୍ରୋକେମିକାଲ ହବ୍ ହେବା ପାଇଁ ପ୍ରସ୍ତୁତ । ଏହା କହିଛନ୍ତି ରସାୟନ ଓ ସାର ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ । ଇଣ୍ଡିଆ କେମ ୨୦୨୪ ପାଇଁ ଭୁବନେଶ୍ୱରରେ ଆୟୋଜିତ ଶିଳ୍ପ ସମ୍ମିଳନୀରେ ସାମିଲ ହୋଇ କେନ୍ଦ୍ରମନ୍ତ୍ରୀ ଏହା କହିଛନ୍ତି । ‘ଆଡଭାନ୍ସଡ ଇଣ୍ଡିଆ: ଇଣ୍ଡିଆନ କେମିକାଲ୍ସ ଆଣ୍ଡ ପେଟ୍ରୋକେମିକାଲ୍ସ ପେଭିଂ ଦି ଫ୍ୟୁଚର’ ଶୀର୍ଷକ ତ୍ରୟୋଦଶ ଦ୍ୱିବାର୍ଷିକ ଆନ୍ତର୍ଜାତିକ ପ୍ରଦର୍ଶନୀ ଓ ସମ୍ମିଳନୀ ଆସନ୍ତା ଅକ୍ଟୋବର ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଛି ଏହି ସମ୍ମିଳନୀ । ସମ୍ମିଳନୀରେ ରସାୟନିକ ଏବଂ ପେଟ୍ରୋକେମିକାଲ୍ସ ଶିଳ୍ପରୁ ପ୍ରତିନିଧି ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଇଣ୍ଡିଆ କେମ-୨୦୨୪ ସମ୍ମିଳନୀ ଉପରେ ଆଲୋକପାତ ହୋଇଛି । କେନ୍ଦ୍ର ସରକାରଙ୍କ ରାସାୟନିକ ଏବଂ ପେଟ୍ରୋକେମିକାଲ ବିଭାଗ ଓ ଫିକିର ସହଭାଗିତାରେ ଏହି ଶିଳ୍ପ ସମ୍ମିଳନୀ ଆୟୋଜନ ହୋଇଛି । ରସାୟନ ଓ ସାର



ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ କହିଛନ୍ତି, ‘ଦୁଇ ବର୍ଷର ବ୍ୟବଧାନରେ ଅନୁଷ୍ଠିତ ହେଉଛି ଇଣ୍ଡିଆ କେମ-୨୦୨୪ । କାର୍ଯ୍ୟକ୍ରମରେ ବିଶ୍ୱସ୍ତରୀୟ ଅଂଶଗ୍ରହଣକାରୀଙ୍କୁ ଆକୃଷ୍ଟ କରିବ । ରସାୟନ ଓ ପେଟ୍ରୋକେମିକାଲ କ୍ଷେତ୍ରରେ ଗୁଜୁରାଟ, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଓଡ଼ିଶାର ଦକ୍ଷ ମାନବ ସମ୍ବଳ ଏବଂ ଉପଯୋଗୀ ଉପକୂଳ ରହିଛି । ଏହା ସହିତ ରସାୟନ ଏବଂ ପେଟ୍ରୋକେମିକାଲର ଏକ ପ୍ରମୁଖ କେନ୍ଦ୍ରରେ ପରିଣତ ହେବାକୁ ଯାଉଛି । ଯାହାକି ଉତ୍ପାଦନ, ନିଯୁକ୍ତି ଏବଂ ରପ୍ତାନି ପାଇଁ ବିପୁଳ ସୁଯୋଗ ପ୍ରଦାନ କରିବ । ବର୍ତ୍ତମାନ ଦେଶରେ ୨୨୦ ବିଲିୟନ ଡଲାର ମୂଲ୍ୟର ଏହି କ୍ଷେତ୍ର ୨୦୪୭ ସୁଦ୍ଧା ୧ ଟ୍ରିଲିୟନ ଡଲାର ଅତିକ୍ରମ କରିବ ।’ ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ, ‘ପେଟ୍ରୋକେମିକାଲ୍ସ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ଶିଳ୍ପ ନୀତି ଓ ପ୍ରୋତ୍ସାହନ ସମ୍ପର୍କରେ ଆଲୋଚନା ହୋଇଛି । ଭିତ୍ତିଭୂମି, ବନ୍ଦର ବ୍ୟବସ୍ଥା ଏବଂ ବିଦ୍ୟୁତ ଶୁଳ୍କରେ ରିହାତି ସହିତ ଶିଳ୍ପ ଚାହିଦା ପୂରଣ ପାଇଁ ଦକ୍ଷ ମାନବ ସମ୍ବଳ ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ରହିଛି । କାର୍ବନ ଫୁଟ ପ୍ରିଣ୍ଟ ହ୍ରାସ ଏବଂ ନିଟ-ଜିରୋ ଲକ୍ଷ୍ୟ ହାସଲ ପାଇଁ ସବୁଜ ଜ୍ଞାନକୌଶଳରେ ପୁଞ୍ଜିନିବେଶ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି ।’ ଭାରତ ସରକାରଙ୍କ ରସାୟନ ଓ ସାର ମନ୍ତ୍ରଣାଳୟ ସଚିବ ନିବେଦିତା ଶୁକ୍ଳା ବର୍ମା କହିଛନ୍ତି ଯେ, ‘ପେଟ୍ରୋଲିୟମ କ୍ଷେତ୍ର ଦେଶର ଉତ୍ପାଦନରେ ୮% ଏବଂ ବିଶ୍ୱରେ ବିକ୍ରୟରେ ୩% ଯୋଗଦାନ ରହିଛି । ବର୍ତ୍ତମାନ ୩୨୦ ବିଲିୟନ ଡଲାର ଆକଳନ କରାଯାଇଛି । ଏହି କ୍ଷେତ୍ର ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ବଜାର ମଧ୍ୟରୁ ଅନ୍ୟତମ । ୨୦୪୭ ସୁଦ୍ଧା ଏହା ୧ ଟ୍ରିଲିୟନ ଡଲାରରେ ପହଞ୍ଚିବ । ଏକ ବିକଶିତ ଭାରତ ଗଠନରେ ଏହି କ୍ଷେତ୍ରର ଅବଦାନ ବୃଦ୍ଧି କରିବା ପାଇଁ ସରକାର ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି । ଆଗାମୀ ଦଶନ୍ଧି ମଧ୍ୟରେ ପେଟ୍ରୋକେମିକାଲ ରପ୍ତାନିକୁ ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ ରଖିଛନ୍ତି ।’ ଭାରତ ସରକାରଙ୍କ ରସାୟନ ଓ ସାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଦୀପଙ୍କର ଆରନ ଇଣ୍ଡିଆ କେମ - ୨୦୨୪ ବାବଦରେ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ କମ୍ପାନୀ ଅଂଶଗ୍ରହଣ କରିବେ । ୭ ହଜାରରୁ ଅଧିକ କମ୍ପାନୀ ଯୋଗଦାନ କରିବେ । କାର୍ଯ୍ୟକ୍ରମରେ ବି୨ବି ଓ ବି୨ଜି ବୈଠକ, ଗ୍ଲୋବାଲ ସିଇଓ ଫୋରମ ଏବଂ ଜାପାନ, କୋରିଆ, ବ୍ରାଜିଲ, ଆର୍ଜେଣ୍ଟିନା ଏବଂ ୟୁଏଇର ପ୍ରତିନିଧିଙ୍କ ସହ ରାଉଣ୍ଡଟେବୁଲ ଆଲୋଚନା ହେବ । ଓଡ଼ିଶାର ୪୦ରୁ ଅଧିକ ଅନୁଷ୍ଠାନ ଓ ଶିଳ୍ପ ସଂଘ ଅଂଶଗ୍ରହଣ କରିବା ସହ ପ୍ରଥମ ଥର ପାଇଁ ନିଯୁକ୍ତି ମେଳା ଆୟୋଜନ କରାଯିବ। ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପାରାଦୀପ, ଗୋପାଳପୁର ଓ ଧାମରା ବନ୍ଦରର ସମ୍ପ୍ରସାରଣ ପ୍ରୟାସ ସହ ଜାତୀୟ ରାଜପଥ ଓ ସଡ଼କର ବିକାଶ ଉପରେ ଆଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଇଣ୍ଡିଆନ ଅଏଲ ପ୍ଲାଷ୍ଟିକ ପାର୍କ ପ୍ରତିଷ୍ଠା ହୋଇଛି। ତେଣୁ ଇଜ ଅଫ ଡୁଇଁ ବିଜନେସରେ ଉନ୍ନତି ଆଣିବା ଏବଂ ପୁଞ୍ଜିନିବେଶ ଆକୃଷ୍ଟ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଶିଳ୍ପ ଏବଂ ଏମଏସଏମଇ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଉପସ୍ଥିତ ଥିଲେ ।

## ହାତୀଙ୍କ ପିଛା ଛାଡୁନି ବିପଦ : ବିଦ୍ୟୁତ ଆଘାତ ହେଉଛି କାଳ

**ଭୁବନେଶ୍ୱର, ୮/୯ ନ୍ୟୁଜ ବ୍ୟୁରୋ**

ହାତୀଙ୍କ ପିଛା ଛାଡୁନି ସଙ୍କଟ । ବିଦ୍ୟୁତ ଆଘାତରେ ହାତୀଙ୍କ ମୃତ୍ୟୁ ପ୍ରମୁଖ କାରଣ ପାଲିଟିଛି । ଆକସ୍ମିକ ଭାବେ ହେଉକି ସୁଚିନ୍ତିତ ଭାବେ ହେଉ ବିଦ୍ୟୁତ ଆଘାତରେ ହତ୍ୟା କରାଯାଉଛି । ଚଳିତ ମାସ ଆରମ୍ଭରୁ ୩ଟି ହାତୀଙ୍କ ଜୀବନ ଗଲାଣି । ଯାହା ସବୁଠାରୁ ଚିନ୍ତାର କାରଣ ପାଲିଟିଛି । କେଉଁଠି ମନୁଷ୍ୟକୃତ ବିଦ୍ୟୁତ ତା’ର ତ ଆଉ କେଉଁଠି ନିଜେ ନିଜକୁ ବିପଦରେ ଡାକିଛନ୍ତି ବିଦ୍ୟୁତ ଖୁଣ୍ଟ ଉପାଡି । କେବଳ ଏ ବର୍ଷ ନୁହେଁ, ଲଗାତର ୧୦ ବର୍ଷ ଧରି ବିଦ୍ୟୁତ ସଂସ୍ପର୍ଶରେ ଆସି ହାତୀଙ୍କ ମୃତ୍ୟୁ ବଢି ଚାଲିଛି । ୨୦୨୪ରେ ମାସ କେଇଟା ମଧ୍ୟରେ ବିଦ୍ୟୁତ ଆଘାତରେ ୯ଟି ହାତୀଙ୍କ ଜୀବନ ଗଲାଣି । ସୂଚନା ଅନୁଯାୟୀ ୧୦ ବର୍ଷ ତଳେ ବର୍ଷକୁ ୪ରୁ ୬ଟି ହାତୀ ମରୁଥିଲେ । ଏବେ କିନ୍ତୁ ସ୍ଥିତି ବଦଳିଗଲାଣି । ୨୦୨୨-୨୩ରେ ବିଦ୍ୟୁତ ସଂସ୍ପର୍ଶରେ ହାତୀ ମୃତ୍ୟୁ ସବୁ ରେକର୍ଡ ଭାଙ୍ଗିଛି । ଆକସ୍ମିକ ଭାବେ ୮ ଓ ସୁଚିନ୍ତିତ ଭାବେ ୧୮ଟି ହାତୀଙ୍କୁ ହତ୍ୟା କରିଥିଲେ ଦୁର୍ବୃତ୍ତ । ତେବେ ୨୦୨୩-୨୪ରେ ୧୬ଟି ହାତୀ ବିଦ୍ୟୁତ ସଂସ୍ପର୍ଶରେ ଆସି ମରିଥିଲେ ମଧ୍ୟ କିପରି ମୃତ୍ୟୁ ହୋଇଥିଲା ତାହାର ରିପୋର୍ଟ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ। ସ୍ୱାଭାବିକ ଭାବେ ୯୦ଟି ହାତୀଙ୍କ ମୃତ୍ୟୁ କାରଣ ଜଣାପଡି ନାହିଁ। ମୁଖ୍ୟତଃ ବିଦ୍ୟୁତ ତା’ରରେ ନିର୍ମିତ ଶିକାରୀ ଯନ୍ତା, ଝୁଲନ୍ତା ବିଦ୍ୟୁତ ତାର, ବିଦ୍ୟୁତ ବାଡ ଯୋଗୁଁ ମୃତ୍ୟୁ ହେଉଛି ବୋଲି ‘ୱାଇଲଡ ଲାଇଫ୍ ସୋସାଇଟି ଅଫ ଓଡ଼ିଶା’ ର ସମ୍ପାଦକ ବିଶ୍ୱଜିତ ମହାନ୍ତି ଏହା କହିଛନ୍ତି।



କୃଷିଭିତ୍ତିକ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ‘ଦି ରାଇସ୍ ଟ୍ରେଡର ଆଣ୍ଡ ଇଣ୍ଟର ନ୍ୟାସନାଲ କମୋଡିଟି ଇନ୍‌ଷ୍ଟିଚ୍ୟୁଟ୍, ୟୁନାଇଟେଡ୍ ଷ୍ଟେଟ୍ସ ଭାଇସ ପ୍ରେସିଡେଣ୍ଟ ସମରେନ୍ଦୁ ମହାନ୍ତି ୱାର୍ଲଡ ଫୁଡ ପ୍ରାଇଜ ଫାଉଣ୍ଡେସନ ଦ୍ୱାରା ସମ୍ମାନିତ ହୋଇଛନ୍ତି।

## ଭାରତରେ ସ୍ୱଚ୍ଛ ବାୟୁରେ ସପ୍ତମ ସ୍ଥାନରେ ଅଛି ଭୁବନେଶ୍ୱର

**ଭୁବନେଶ୍ୱର, ୮/୯ ନ୍ୟୁଜ ବ୍ୟୁରୋ**

ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଭୁବନେଶ୍ୱରରେ ସ୍ୱଚ୍ଛ ବାୟୁ ଦିବସ ପାଳିତ ହୋଇଯାଇଛି । ଭାରତରେ ସ୍ୱଚ୍ଛ ବାୟୁରେ ଭୁବନେଶ୍ୱର ସପ୍ତମ ସ୍ଥାନରେ ରହିଛି । ରାଜସ୍ଥାନର ଜୟପୁରରେ ହୋଇଥିବା ପରିବେଶ ସମ୍ବନ୍ଧୀୟ କର୍ମଶାଳାରେ ଆସିଥିବା ରିପୋର୍ଟ୍‌ରେ ଏହି ତଥ୍ୟ ସାମ୍ନାକୁ ଆସିଛି । ବିଭାଗ ପକ୍ଷରୁ ସାଇକେଲ ର୍‌ୟାଲି କରି ଜନସାଧାରଣଙ୍କୁ ବାୟୁ ପ୍ରଦୂଷଣ ନେଇ ଲୋକଙ୍କୁ ସଚେତନ କରାଯାଇଛି ।

## ନକ୍ସଲଙ୍କୁ ରୋକିବାକୁ ଜଙ୍ଗଲରେ ତିଆରି ହେବ ସେନାର ଯୁଦ୍ଧାଭ୍ୟାସ୍ ରେଞ୍ଜ

**ନୂଆଦିଲ୍ଲୀ,୮।୯**

ଛତିଶଗଡର ଅବୁଝାମାଡା ଜଙ୍ଗଲରେ ନିଜର ଆଡ୍ଡା ତିଆରି କରୁଥିବା ନକ୍ସଲଙ୍କୁ ଲାଗିବାକୁ ଯାଉଛି ବଡ଼ ଝଟକା। ଛତିଶଗଡ ସରକାର ନାରାୟଣପୁର ଜିଲ୍ଲା ପ୍ରଶାସନକୁ ରାଜ୍ୟରେ ମାଓବାଦୀଙ୍କ ସବୁଠାରୁ ମଜବୁତ କିଲା ବସ୍ତରର ଅବୁଝାମାଡ ଜଙ୍ଗଲ ଭିତରେ ସେନାର ଯୁଦ୍ଧାଭ୍ୟାସ ରେଞ୍ଜ ତିଆରି କରିବା ପାଇଁ ୫୪,୫୪୩ ହେକ୍ଟର ଜମି ଅଧିଗ୍ରହଣ କରିବାକୁ କହିଛନ୍ତି। ଛତିଶଗଡର ରାଜସ୍ୱ ଓ ବିପର୍ଯ୍ୟୟ ପ୍ରବନ୍ଧନ ବିଭାଗ ଭାରତୀୟ ସେନାର ଯୁଦ୍ଧାଭ୍ୟାସ୍ ରେଞ୍ଜ ସ୍ଥାପନା ଜିଲ୍ଲାର ଓରଛା ତହସିଲର ସୋନପୁର-ଗରପାରେ କରାଯିବ, ଯାହାକି ଅବୁଝାମାଡର ଜଙ୍ଗଲ ଦେଇ ଆସିଥାଏ। ରାଜସ୍ୱ ଏବଂ ଆପଦ ପ୍ରବନ୍ଧନ ବିଭାଗର ସଚିବ ଉମେଶ କୁମାର ପଟେଲ ଏନେଇ ସୂଚନା ଦେଇଛନ୍ତି ଓ କହିଛନ୍ତି, ଚିଠି ପଠାଇ ଦିଆଯାଇଛି। ଅବୁଝାମାଡ ଗୋଣ୍ଡି ଶବ୍ଦ ‘ଅବୁଝ’ ଓ ‘ମାଡ’ର ମିଶ୍ରଣ। ଏହାର ଅନୁବାଦ ‘ଅଜଣା ପାହାଡି’ ହୋଇଥାଏ। ଅର୍ଥାତ ଏଭଳି ଏକ କ୍ଷେତ୍ର, ଯାହାକି ଏପର୍ଯ୍ୟନ୍ତ ସରକାରଙ୍କ ଦ୍ୱାରା ପ୍ରୟୋଗ କରାଯାଇ ନାହିଁ। ୨୦୧୭ ପରେ ଏହି କ୍ଷେତ୍ରରେ ପ୍ରାରମ୍ଭିକ ସର୍ବେକ୍ଷଣ କରିବାର ବହୁ ଚେଷ୍ଟା ହୋଇଛି, କିନ୍ତୁ ଅତ୍ୟନ୍ତ କଠିନ ଭୌଗଳିକ ଏବଂ ମୌଳିକ ଢାଞ୍ଚାରେ ଅଭାବ ଯୋଗୁଁ ଏହା ବିଫଳ ହୋଇଥିଲା। ରାଜସ୍ୱ ସୂଚନା ଅନୁସାରେ, ଯୁଦ୍ଧାଭ୍ୟାସ୍ ରେଞ୍ଜର ସ୍ଥାପନା ୫୪,୫୪୩ ହେକ୍ଟର ଜମିରେ କରାଯିବ। ଏଥିପାଇଁ ନାରାୟଣପୁର ଜିଲ୍ଲାରେ ସରକାରୀ ଭୂମିର ଉପଯୋଗ ଓ ହସ୍ତାନ୍ତରଣ ଜରୁରୀ, ଯାହାକି ବସ୍ତରର ଅବୁଝାମାଡ ଜଙ୍ଗଲରେ ରହିଛି।

## ସେପ୍ଟେମ୍ବର ୧୫ ସୁଦ୍ଧା ସରିବ ବୈଷୟିକ ଶିକ୍ଷା ନାମଲେଖା

**ଭୁବନେଶ୍ୱର,୦୮/୦୯ ନ୍ୟୁଜ ବ୍ୟୁରୋ**

ଆଗାମୀ ୧୫ ସୁଦ୍ଧା ଶେଷ ହେବ ସମସ୍ତ ବୈଷୟିକ ଶିକ୍ଷାନୁଷ୍ଠାନରେ ନାମଲେଖା । ଖାଲିଥିବା ସମସ୍ତ ସିଟ୍‌ରେ ନାମଲେଖା ଶେଷ କରିବାକୁ କୁହାଯାଇଛି । ନାମଲେଖା ସମୟରେ ସ୍ୱଚ୍ଛତା ଓ ମେଧାକୁ ଗୁରୁତ୍ୱ ଦିଆଯିବ । ଏନେଇ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି । ବିଭାଗ ପକ୍ଷରୁ କୁହାଯାଇଛି, ଯେଉଁମାନଙ୍କ ପାଖରେ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)ର ବୈଧ ର୍‌ୟାଙ୍କ ଥିବ କିମ୍ବା ଜାତୀୟସ୍ତରୀୟ ଏକକ ପ୍ରବେଶିକା ପରୀକ୍ଷାରେ ଭାଗ ନେଇ ର୍‌ୟାଙ୍କ୍‌ରେ ଥିବେ ସେମାନେ ଶିକ୍ଷାନୁଷ୍ଠାନସ୍ତରୀୟ ନାମଲେଖା ପ୍ରକ୍ରିୟାରେ ଭାଗ ନେଇପାରିବେ । ଚୂଡ଼ାନ୍ତ ସିଟ୍ ଆବଣ୍ଟନ ପରେ ଖାଲି ଥିବା ସିଟ୍‌ରେ ଓଜେଇଇର ନିୟମ ଅନୁଯାୟୀ ନାମ ଲେଖା ହେବ । ଯେଉଁ ଶିକ୍ଷାର୍ଥୀମାନେ ପ୍ରାଥମିକ ଓଜେଇଇ କାଉନ୍‌ସେଲିଂରେ ଭାଗ ନେଇ ନଥିବେ, ଅଥଚ ଓଜେଇଇ କାଉନ୍‌ସେଲିଂ ପ୍ରକ୍ରିୟାରୁ ଅପସରି ନଥିବେ ସେମାନଙ୍କୁ ମଧ୍ୟ ସୁଯୋଗ ମିଳିବ । ଏଥିସହ ଯେଉଁମାନେ କାଉନ୍‌ସେଲିଂରେ ଭାଗ ନେଇଥିବେ ମାତ୍ର ସିଟ୍ ପାଇନଥିବେ ସେମାନଙ୍କୁ ନାମଲେଖା ପାଇଁ ମଧ୍ୟ ସୁଯୋଗ ମିଳିବ ।

## ୨ ବର୍ଷ ପରେ ବସିଲା ବୈଠକ : ‘ଶୁଆ-ପଞ୍ଜୁରୀ’ ଉପାଖ୍ୟାନ ଶୁଣାଇଲେ ମନ୍ତ୍ରୀ

**ଗଞ୍ଜାମ, ୮/୯ ନ୍ୟୁଜ ବ୍ୟୁରୋ**

ପ୍ରାୟ ୨ ବର୍ଷ ପରେ ବସିଥିଲା ପଞ୍ଚାୟତ ସମିତି ବୈଠକ। ଆଉ ବୈଠକରେ ଯୋଗଦେଇ ପଞ୍ଚାୟତ ଜନ ପ୍ରତିନିଧିଙ୍କୁ ‘ଶୁଆ-ପଞ୍ଜୁରୀ’ର ଉପାଖ୍ୟାନ୍ ଶୁଣାଇଲେ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା। ୨୦୨୨ ମେ ମାସରେ ଶେଷ ଥର ପାଇଁ ବସିଥିଲା ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ପଞ୍ଚାୟତ ସମିତି ବୈଠକ। ରବିବାର ବସିଥିଲା ରଙ୍ଗେଇଲୁଣ୍ଡା ପଞ୍ଚାୟତ ସମିତି ବୈଠକ। ଏହି ବୈଠକରେ ବ୍ଲକର ସବୁ ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ସ୍ଥାନୀୟ ବିଧାୟକ ତଥା ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇଥିଲେ। ଦୀର୍ଘ ୨ ବର୍ଷ ୩ ମାସ ପରେ ପଞ୍ଚାୟତ ସମିତି ବୈଠକ ବସିଥିବାରୁ ମନ୍ତ୍ରୀ ଶ୍ରୀ ଜେନା ଉଦ୍‌ବେଗ ପ୍ରକାଶ କରିଥିଲେ। ଆଉ ସେ କହିଥିଲେ, କେଉଁ କାରଣରୁ ଓ କେଉଁ ଅଦୃଶ୍ୟ ଶକ୍ତିର ଚାପରେ ବୈଠକ ବନ୍ଦ ହୋଇଥିଲା? ଆଉ ବୈଠକ କାହିଁକି ହୋଇପାରୁନଥିଲା? ଏନେଇ ବିକ୍ଷୋଦଗାର କରିଥିଲେ ଶ୍ରୀ ଜେନା।



ବୈଠକରେ ଯୋଗଦେଇଥିବା ନିର୍ବାଚିତ ପ୍ରତିନିଧିଙ୍କୁ ରବିବାର ମନ୍ତ୍ରୀ ଶୁଆ-ପଞ୍ଜୁରୀ ଉପାଖ୍ୟାନ ଶୁଣାଇଥିଲେ। ମନ୍ତ୍ରୀ କହିଥିଲେ, ଗୋଟିଏ ଶୁଆ ପଞ୍ଜୁରୀ ଭିତରେ ରହିଥିଲା। ଯେତେବେଳେ ସେ ପଞ୍ଜୁରୀ ଭିତରକୁ ବାହାରି ଉଡ଼ିବାକୁ ଚେଷ୍ଟା କରୁଥିଲା, ସେତେବେଳେ ତାକୁ ବାହ୍ୟ ଶତ୍ରୁମାନେ ଆକ୍ରମଣ କରୁଥିଲେ। ଆଉ ସେ ବାହ୍ୟ ଶତ୍ରୁଙ୍କ ଆକ୍ରମଣରେ ଆହତ ହୋଇ ପୁଣି ଥରେ ପଞ୍ଜୁରୀ ଭିତରକୁ ଚାଲି ଯାଉଥିଲା। କିନ୍ତୁ ପ୍ରକୃତରେ ଶୁଆ ଡେଣାର ତାକତ ଥିଲା, ସିଏ ଚାହିଁଥିଲେ ଉଡି ଯାଇ ପାରିଥାଆନ୍ତା। ହେଲେ ଶୁଆ ତାହା କରିପାରିଲା ନାହିଁ। କାରଣ ଶୁଆ ତା’ ଡେଣାର ତାକତ ଭୁଲି ଯାଇଥିଲା। ଠିକ୍ ସେମିତି ଆଜି ସରପଞ୍ଚ ଓ ସମିତି ସଭ୍ୟଙ୍କ ପରି ଲୋକ ପ୍ରତିନିଧିମାନେ ପ୍ରଶ୍ନ ପଚାରିବାର ତାକତ ଭୁଲି ଯାଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଏଥିସହ ମନ୍ତ୍ରୀ ରବିବାର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟଙ୍କ ଅଞ୍ଚଳରେ ଚାଲିଥିବା ଉନ୍ନୟନ ମୂଳକ କାର୍ଯ୍ୟର ଦାୟିତ୍ୱରେ ଥିବା ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ ପରିଚିତ କରାଇଥିଲେ। ସମସ୍ତ ବିଭାଗୀୟ ଅଧିକାରୀମାନେ ନିର୍ବାଚିତ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ପ୍ରଦାନ କରିବେ ବୋଲି ମନ୍ତ୍ରୀ କହିଥିଲେ।

# ଭିତର କନିକାରେ ଜନ୍ମନେଲେ ୨୫୦୦ କୁମ୍ଭୀର ଛୁଆ

**ରାଜନଗର, ୮/୯ ନ୍ୟୁଜ ବ୍ୟୁରୋ**

ଭିତରକନିକା ଜାତୀୟ ଉଦ୍ୟାନ ନଦୀ ନାଳରେ ଜନ୍ମ ନେଇଛନ୍ତି ୨୫୦୦ କୁମ୍ଭୀର। ୩ ଦିନ ଭିତରେ ଜନ୍ମ ନେଇଥିବା ଏହି କୁମ୍ଭୀରଗୁଡିକ ବିଭିନ୍ନ ନଦୀ ନାଳ ଓ ରାସ୍ତା ଉପରକୁ ଚାଲି ଆସୁଛନ୍ତି। ରାଜନଗରର ଭିତରକନିକା ବିଶାଳ ନୀଳ ଜଳରାଶି , ଘଞ୍ଚ ସବୁଜ ଜଙ୍ଗଲ ଓ ବଉଳା କୁମ୍ଭୀରଙ୍କ ଭୂ-ସ୍ୱର୍ଗ। ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀର ତ୍ରିକୋଣ ଭୂମିରେ ଗଢିଉଠୁଥିବା ଏହା ହେଉଛି ପ୍ରକୃତିର ଅନନ୍ୟ ସୃଷ୍ଟି। ଯେଉଁଠି ଲୁଣା ପାଣି ସହ ଘଞ୍ଚ ଜଙ୍ଗଲ ଭିତରେ ରହିଥିବା ବେଳେ ଏହା ବଉଳା କୁମ୍ଭୀରଙ୍କ ପାଇଁ ସାଜିଛି ସାକ୍ଷାତ ଏକ୍ତୁଡିଶାଳ। ଏହା ହେଉଛି ବିଶ୍ୱର ଦ୍ୱିତୀୟ ବୃହତ୍ତମ ଲୁଣା ଜଙ୍ଗଲ । ଯେଉଁଠି ପ୍ରତ୍ୟେକ ବର୍ଷ ହଜାର ହଜାର ପର୍ଯ୍ୟଟକ ଭିଡ ଯମେଇଥାନ୍ତି ଏହି ବଉଳା କୁମ୍ଭୀରଙ୍କୁ ଦେଖିବା ପାଇଁ। ଚଳିତବର୍ଷ ଭିତରକନିକାରେ ୧୧୪ଟି କୁମ୍ଭୀର ବାସ ଚିହ୍ନଟ କରାଯାଇଥିଲା।



ସେଥିରୁ ରେଞ୍ଜରେ ୧୦୨ଟି କୁମ୍ଭୀର ବାସ ଚିହ୍ନଟ ହୋଇଥିବା ବେଳେ ରାଜନଗର ରେଞ୍ଜରେ ୧୦ଟି, ଗହୀରମଥା ରେଞ୍ଜରେ ଗୋଟିଏ ଓ ମହାକାଳପଡା ରେଞ୍ଜରେ ଗୋଟିଏ ଚିହ୍ନଟ ହୋଇଥିଲା। ଜୁଆର ମାଡରେ ନଷ୍ଟ ହୋଇଥିବା ଗୋଟଏ ବସାରୁ ୫୪ଟି ଅଣ୍ଡା ସଂଗ୍ରହ କରାଯାଇ ଡାଙ୍ଗମାଳସ୍ଥିତ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ରଖାଯାଇଥିଲା। କୃତ୍ରିମ ଉପାୟରେ ୨୫ଟି କୁମ୍ଭୀର ଶାବକ ଜନ୍ମ ନେଇଛନ୍ତି। ଅନ୍ୟ ୧୧୩ଟି ବସାରୁ ଛୁଆ ବାହାରିବା ଆରମ୍ଭ କରିଛନ୍ତି। ବାଙ୍କୁଲା ଗାଁ ରାସ୍ତାରେ କୁମ୍ଭୀର ଛୁଆ ବୁଲୁଥିବା ଦେଖିବାକୁ ମିଳିଛି। ଚିହ୍ନଟ ବସାରୁ ଅଢେଇ ହଜାରରୁ ଅଧିକ କୁମ୍ଭୀର ଜନ୍ମ ନେଇଛନ୍ତି। କୁମ୍ଭୀର ଅଣ୍ଡାରୁ ପ୍ରାୟ ୫୦ ପ୍ରତିଶତ କୁମ୍ଭୀର ଜନ୍ମ ନେଇଥାନ୍ତି। ସେଥିମଧ୍ୟରୁ କୁମ୍ଭୀର ଗଣନା ସମୟ ବା ୫ ମାସ ମଧ୍ୟରେ ପ୍ରାୟ ୫୦ ପ୍ରତିଶତ ନଷ୍ଟ ହୋଇ ସାରିଥାନ୍ତି। ୩ଫୁଟ ଲମ୍ବ ହେବା ଯାଏଁ ସେମାନଙ୍କ ଜୀବନ ପ୍ରତି ବିପଦ ଥାଏ।

## ଆଜିଠୁ ଭିତରକନିକାରେ ପକ୍ଷୀ ଗଣନା

**ରାଜନଗର,୦୮/୦୯ ନ୍ୟୁଜ ବ୍ୟୁରୋ**

ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେସୋମବାର ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ପକ୍ଷୀ ଗଣନା କରାଯିବ । ଏଥିପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି । ବର୍ଷା ଋତୁ ଆରମ୍ଭରେ ଦେଶର କୋଣ ଅନୁକୋଣରୁ ଦେଶୀୟ ପକ୍ଷୀମାନେ ବଂଶ ବିସ୍ତାର ପାଇଁ ଭିତରକନିକା ଜାତୀୟ ଉଦ୍ୟାନକୁ ଆସିଥାନ୍ତି। ଜାତୀୟ ଉଦ୍ୟାନର ମଠଆଡିଆ, ଦୁର୍ଗାପ୍ରସାଦଡିଆ, ଲକ୍ଷ୍ମୀପ୍ରସାଦଡିଆରେ ଦେଶୀୟ ପକ୍ଷୀ ବସା ବାନ୍ଧି ଅଣ୍ଡା ଦେଲେଣି । ଏବେ ସେମାନଙ୍କ କଳରବରେ ଭିତରକନିକା ମୁଖରିତ ହେଉଛି । କୋପରଖାଇ, ଅଞ୍ଜନା, ରାଣୀବଗ, ପାଣିକୁଆ, ଖଇରା, ଗେଣ୍ଡାଳିଆ , ଦାବେଣ୍ଟିଆ, ଛୋଟବଗ ପ୍ରଭୃତି ୧୦ ପ୍ରଜାତିର ପକ୍ଷୀ ବସା ବାନ୍ଧି ଅଣ୍ଡା ଦେଇଥିଲେ । ମଠଆଡିଆର ଗୁଆଁ, ବନି, ସୁନ୍ଦରୀ, ସିଙ୍ଗଡ଼ା, ବଣିଆ ପ୍ରଭୃତି ଗଛରେ ବସା ବାନ୍ଧୁଥିବା ଦେଖାଯାଇଛି । ଏହିସବୁ ଅଞ୍ଚଳରେ ସେମାନଙ୍କ ଖାଦ୍ୟ ଉପଯୋଗୀ ମାଛ, କଙ୍କଡ଼ା ଓ ପୋକଜୋକ ପ୍ରଚୁର ପରିମାଣରେ ଉପଲବ୍ଧ ହେଉଥିବାରୁ ଅନ୍ୟ ଅଞ୍ଚଳ ଅପେକ୍ଷା ପକ୍ଷୀମାନେ ଦେଶର କୋଣ ଅନୁକୋଣରୁ ଆସି ଭିତରକନିକାରେ ଭିଡ଼ ଜମାଇଥାନ୍ତି । ବର୍ଷାଋତୁ ଆଗମନରେ ହଜାର ହଜାର ସଂଖ୍ୟାରେ ପକ୍ଷୀ ଭିତରକନିକାରେ ବସା ବାନ୍ଧିବା ପ୍ରକୃତିପ୍ରେମୀଙ୍କୁ ଆଶ୍ୱସ୍ତ କରିଛି । ପକ୍ଷୀ ଗଣନା ପାଇଁ ବନବିଭାଗ ପକ୍ଷରୁ ୩ଟି ଦଳ ଗଠନ କରାଯାଇଛି । ପ୍ରତି ଦଳରେ ୫ ଜଣ ଲେଖାଏଁ ରହିବେ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ, ପକ୍ଷୀସମୂହ ପାଇଁ ଭିତରକନିକାକୁ ୨୦୦୨ ମସିହାରେ ରାମସର ସାଇଟ୍ ମାନ୍ୟତା ମିଳିଥିଲା ।